

ଆଲ୍ଫାରେ ହୃତିକଙ୍କ ଏଣ୍ଟ୍ରି
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-66 • SATURDAY • 30 AUGUST 2025 • PAGE-12 • ₹ 6.00 | PANIKOILI | ବର୍ଷ-୪୩ • ସଂଖ୍ୟା-୬୬ • ଶନିବାର • ୩୦ ଅଗଷ୍ଟ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ସମ୍ପର୍କ ସୁଧାରିଛି 'ଗୁପ୍ତ ଚିଠି'

## 'ଟ୍ରମ୍ପ ଟାରିଫ୍' ନେଇ ରାଷ୍ଟ୍ରପତି ମୁର୍ମୁଙ୍କୁ ପତ୍ର ଲେଖି ଚିନ୍ତା ବ୍ୟକ୍ତ କରିଥିଲେ ଜିନ୍‌ପିଙ୍ଗ

**■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଗଲୱାନ ସଂଘର୍ଷ ପରେ ଭାରତ-ଚୀନ୍ ସମ୍ବନ୍ଧ ଖରାପ ହେବାରେ ଲାଗିଥିଲା। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରାୟତଃ ଛିନ୍ନ ହୋଇ ଯାଇଥିଲା। 'ଅପରେସନ ସିନ୍ଦୂର'ରେ ପାକିସ୍ତାନକୁ ଚୀନ୍‌ର ସହାୟତା ଏହାକୁ ଅଧିକ ଜଟିଳ କରିଦେଇଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ସ୍ଥିତିକୁ ବଦଳାଇ ଦେଇଥିଲା। ଜବାବୀ ଶୁଳ୍କ ଭାରତ-ଚୀନ୍ ସମ୍ବନ୍ଧକୁ ନୂଆ ଦିଗ ଦେଇଥିଲା। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ସାତ ବର୍ଷ ପରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ପାଇଁ ଚୀନ୍ ଗସ୍ତରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଘଟଣାକ୍ରମ ପଛରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଗୁପ୍ତ ଚିଠିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ଲେଖିଥିବା ଏହି ଚିଠିରେ ଆମେରିକା-ଭାରତ ବ୍ୟବସାୟରେ ଚୀନ୍‌ର ହେଉଥିବା କ୍ଷତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ଚୀନ୍ ବିରୋଧରେ ଆମେରିକା ରାଷ୍ଟ୍ରପତି ଶୁଳ୍କ ଯୁଦ୍ଧ



ଜୋରଦାର କରିବା ସମୟରେ ଏହି ଚିଠି ଆସିଥିଲା। ଏହି ସମୟରେ ଭାରତ ସହ ସମ୍ପର୍କ ସୁଧାରିବା ପାଇଁ ଚୀନ୍ ପ୍ରୟାସ କରିଥିଲା। ଗୁପ୍ତ ଭାବେ ଭାରତ ସହ ଯୋଗାଯୋଗ କରିବା ଆରମ୍ଭ କରିଥିଲା। ଜିନପିଙ୍ଗ ଚିଠି ମାଧ୍ୟମରେ ଦୁଇ ଦେଶର ସମ୍ପର୍କ ସୁଧାରିବାର ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ। ଏହା ପରେ ହିଁ ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହେବାରେ ଲାଗିଥିଲା। ଏହାର କିଛି ମାସ ପରେ ଚୀନ୍ ଯିବା ପାଇଁ ମୋଦୀ ଯୋଜନା କରିଥିଲେ। ବ୍ଲୁମବର୍ଗ ରିପୋର୍ଟରେ ଏଭଳି ଦାବି କରାଯାଇଛି।

ଜଣେ ଭାରତୀୟ ଅଧିକାରୀଙ୍କ ସୂଚନା ଆଧାରରେ ରିପୋର୍ଟରେ କୁହାଯାଇଛି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜିନପିଙ୍ଗ୍ ଲେଖିଥିବା ଚିଠିକୁ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଖକୁ ପଠା ଯାଇଥିଲା। ଚିଠିରେ କୁହାଯାଇଥିଲା ଯେ ଭାରତ ଏବଂ ଆମେରିକା ମଧ୍ୟରେ ହେବାକୁ ଥିବା କୌଣସି ବାଣିଜ୍ୟ ଚୁକ୍ତି ଚୀନ୍‌ର ସ୍ୱାର୍ଥ ପ୍ରତି ଆଞ୍ଚ ଆଣିପାରେ। ଏହା ସହିତ ସମ୍ବନ୍ଧ ସୁଧାରିବା ପାଇଁ ଜଣେ ପ୍ରାଦେଶିକ ଅଧିକାରୀ ନେତୃତ୍ୱରେ ପ୍ରୟାସ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଜୁନ୍ ପର୍ଯ୍ୟନ୍ତ ଭାରତ ଏହି ଚିଠିର କୌଣସି ଜବାବ ଦେଇ ନ ଥିଲା। ପରେ ପରିବର୍ତ୍ତିତ ସ୍ଥିତି ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ବିବାଦରେ ଫସି ଯାଇଥିଲା। ଆମେରିକାର ଦୁଇଟି ନିଷ୍ପତ୍ତି ଉପରେ ଭାରତ ବେଶୀ କ୍ଷୁବ୍ଧ ହୋଇଥିଲା। ପ୍ରଥମେ ଟ୍ରମ୍ପ ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଥିଲେ। କିନ୍ତୁ ଭାରତ ପକ୍ଷରୁ ଏହାକୁ ଖାରଜ କରିଦିଆଯାଇଥିଲା। ଭାରତର ସ୍ଥିତିକୁ ଦୁର୍ବଳ କରିବା ପାଇଁ ଟ୍ରମ୍ପ କରୁଥିବା ପ୍ରୟାସକୁ ନେଇ କେନ୍ଦ୍ର ସରକାର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଟ୍ରମ୍ପ ବିବାଦକୁ ଆହୁରି ବଢ଼ାଇ ଥିଲେ। ଏହି ଦୁଇ ନିଷ୍ପତ୍ତି ପାଇଁ ଭାରତ ବିକଳ୍ପ ପନ୍ଥା ଆପଣାଇ ଥିଲା। ଜୁନ୍‌ରେ ଚୀନ୍ ପକ୍ଷରୁ ଆରମ୍ଭ କରାଯାଇଥିବା ପଦକ୍ଷେପକୁ ଭାରତ ଗୁରୁତ୍ୱର ସହ ନେଇଥିଲା। ଏହାର ଜବାବ ଦେବା ଆରମ୍ଭ କରିଦେଇଥିଲା। ଏହା ପରେ ▶ପୃଷ୍ଠା-୭

## ଟାରିଫ୍ ଯୁଦ୍ଧରେ ଟଙ୍କା ଘାଇଲା

# ୧ ଡଲାର = ୮୮.୭୫ ଟଙ୍କା




**■ ନୂଆଦିଲ୍ଲୀ,୨୯।୮ (ଏଜେନ୍ସି):** ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କ ଭାରତୀୟ ଟଙ୍କାର ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହି ଶୁଳ୍କ ଯୁଦ୍ଧରେ ଭାରତୀୟ ମୁଦ୍ରା ଘାଇଲା ହୋଇଛି। ଫଳସ୍ୱରୂପ ଟଙ୍କା ଏହାର ପର୍ଯ୍ୟନ୍ତର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଅଗଷ୍ଟ ୨୭ରୁ ଟ୍ରମ୍ପ ଶୁଳ୍କ ଲାଗୁ ହୋଇଛି। ଶୁକ୍ରବାର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୭୦ ପଇସାରୁ ଅଧିକ ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କା ୮୮.୭୫ ର ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ହ୍ରାସ ଦର୍ଶାଉଛି ଯେ ଭାରତର ବାଣିଜ୍ୟ ଏବଂ ବିକାଶ ଉପରେ ଆମେରିକାର ଭାରୀ ଶୁଳ୍କର ପ୍ରଭାବକୁ ନେଇ ନିବେଶକମାନେ ବେଶ ଚିନ୍ତିତ। ସୂଚନାଯୋଗ୍ୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଚଳିତ ବର୍ଷ ୩% ହ୍ରାସ ଘଟିଛି। ଏଥିସହ ଟଙ୍କା ଏସିଆର ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଉପରେ ଆମେରିକାର ବାଣିଜ୍ୟ ଶୁଳ୍କ ଯୋଗୁଁ ଟଙ୍କା ମୂଲ୍ୟରେ ଏଭଳି ହ୍ରାସ ଘଟିଛି। ଚଳିତବର୍ଷ ଫେବୃଆରୀ ପୂର୍ବରୁ ଟଙ୍କା ମୂଲ୍ୟ ପ୍ରତି ଡଲାର ତୁଳନାରେ ୮୭.୯୫ ଟଙ୍କାର ରେକର୍ଡ ସର୍ବନିମ୍ନ ସ୍ତରରେ ରହିଥିଲା। ଶୁକ୍ରବାର, ଚୀନ୍ ୟୁଆନ ତୁଳନାରେ ଟଙ୍କା ମଧ୍ୟ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

## ନବୀନଙ୍କୁ ଭେଟିଲେ ଯୁବ ଓ ଛାତ୍ର ବିଜେଡ଼ି କର୍ମକର୍ତ୍ତା

# ତୃଣମୂଳରୁ ଶକ୍ତିଶାଳୀ ହେବ ତୃତୀୟ ପିଢ଼ି




**■ ଭୁବନେଶ୍ୱର, ୨୯।୮ (ସମିସ):** ଜିଲ୍ଲା ସଭାପତି ନିର୍ବାଚନ ପରେ ଦଳର ଦୁଇ ଛାମୁଆ ସଙ୍ଗଠନ ଛାତ୍ର ବିଜେଡି ଓ ଯୁବ ବିଜେଡିର କାୟା ପରିବର୍ତ୍ତନ କରିଛନ୍ତି ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। କେଇଦିନ ତଳେ ତୃତୀୟ ପିଢ଼ିର ଦୁଇଜଣ ଯୁବ ନେତାଙ୍କ ଉପରେ ଦୁଇ ଛାମୁଆଁ ସଙ୍ଗଠନର ଦାୟିତ୍ୱ ନ୍ୟସ୍ତ କରିବା ପରେ ଶୁକ୍ରବାର ଉଭୟଙ୍କୁ ନବୀନ ଦେଇଛନ୍ତି ରାଜନୀତିର ଗୁରୁମନ୍ତ୍ର। ଭବିଷ୍ୟତକୁ ଦୃଷ୍ଟିରେ ରଖି ନୂଆ ପିଢ଼ିକୁ ଶକ୍ତିଶାଳୀ କରିବା ଓ ରାଜ୍ୟର

- ତୃଣମୂଳସ୍ତରରୁ ଆହୁରି ସଂଗଠିତ ହେବ ଦୁଇ ଛାମୁଆଁ ସଙ୍ଗଠନ
- ବିନମ୍ର ଓ ଶାଳୀନ ଭାବରେ ଏକାଠି କାମ କରିବାକୁ ପରାମର୍ଶ
- ସାରା ରାଜ୍ୟ ବୁଲି ସମାଧାନ କର ଯୁବ ଓ ଛାତ୍ରଙ୍କ ସମସ୍ୟା

ତୃଣମୂଳସ୍ତରରେ ଦୁଇ ଛାମୁଆ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବାକୁ ନବୀନ ଦୁଇ ସଙ୍ଗଠନର ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରତିଭାଦୀପ୍ତ ଯୁବ ନେତାମାନଙ୍କୁ ଦଳ ସବୁବେଳେ ଗୁରୁତ୍ୱ ଦେଇ ଆସିଛି, ତେଣୁ ସମର୍ପିତ ଭାବ ନେଇ କାର୍ଯ୍ୟ କରୁଥିବା ସମସ୍ତଙ୍କ ପାଇଁ ଦଳରେ ସୁଯୋଗ ରହିଛି ବୋଲି ଏହି ଅବସରରେ ନବୀନ ଏକ ବାର୍ତ୍ତା ଦେଇଛନ୍ତି । ଏହା ସହ ବିନମ୍ର ଓ ▶ପୃଷ୍ଠା-୭

## ଏସ୍‌ସି, ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସମ୍ମିଳନୀ

# ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଲକ୍ଷ୍ୟ: ଓମ୍ ବିର୍ଲା

**■ ଭୁବନେଶ୍ୱର, ୨୯।୮ (ସମିସ):** ବାବା ସାହେବ ଆମ୍ବେଦକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢ଼ୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ୨ ଦିନିଆ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସଂକ୍ରାନ୍ତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ବିର୍ଲା କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ



- ଏହି ସମ୍ମିଳନୀଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ: ମୋହନ
- ନୂଆ ଶିକ୍ଷାନୀତିରେ ଲାଭାନ୍ୱିତ ହେବେ ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀ: ଧର୍ମେନ୍ଦ୍ର

କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୫ ବର୍ଷ ପରେ ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ହେଉଛି। ▶ପୃଷ୍ଠା-୭

# ଚମ୍ବାରେ ଭୂସ୍ଖଳନ; ୧୧ ଶ୍ରଦ୍ଧାଳୁ ମୃତ

## ଉତ୍ତରାଖଣ୍ଡର ୩ ଜିଲ୍ଲାରେ ବାଦଲଫଟା ବର୍ଷାରେ ୫ ମୃତ

**■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ମଧ୍ୟରେ ମଣିମହେଶ ଯାତ୍ରାରେ ବାହାରିଥିବା ୧୧ ଶ୍ରଦ୍ଧାଳୁ ଭୂସ୍ଖଳନ କାଣରୁ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ପଞ୍ଜାବ, ଜଣେ ଉତ୍ତରପ୍ରଦେଶ ଓ ୫ ଜଣ ଚମ୍ବାର ଅଧିବାସୀ ସାମିଲ। ଦୁଇଜଣ ଲୋକଙ୍କର ପରିଚୟ ଏବେ ମଧ୍ୟ ମିଳିପାରିନାହିଁ। ପାହାଡ଼ ଉପରୁ ପଥର ଖସିବା ଓ ଅମ୍ଳଜାନ ଅଭାବ କାରଣରୁ ଲୋକମାନେ ପ୍ରାଣ ହରାଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ଏହି ପ୍ରାକୃତିକ ବିପତ୍ତି କାରଣରୁ ପାଖାପାଖି ୩ ହଜାର ମଣିମହେଶ ଶ୍ରଦ୍ଧାଳୁ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଜାରି ରହିଛି। ଗତ ସପ୍ତାହରେ ମଧ୍ୟ ଭୂସ୍ଖଳନ କାରଣରୁ ୭ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିଲେ ଓ ୯ ଜଣ ନିଖୋଜ ହୋଇଥିଲେ।

ଅନ୍ୟପଟେ ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ବାଗେଶ୍ୱର ଓ ତେହରୀ ଗଡ଼ୱାଲ ଜିଲ୍ଲାରେ ଗୁରୁବାର ରାତିରେ ବାଦଲ ଫଟା ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩ ଜଣ ନିଖୋଜ ▶ପୃଷ୍ଠା-୭



# ସାପ କାମୁଡ଼ାରେ ନାତୁଣୀ ମୃତ

## ମୃତ୍ୟୁ ଖବର ଶୁଣି ଜେଜେଙ୍କୁ ହୃଦ୍‌ଘାତ

**■ ବାଲିଚନ୍ଦ୍ରପୁର, ୨୯।୮ (ସମିସ):** ବିଷଧର ସାପ କାମୁଡ଼ାରେ ଚାଲିଗଲା ନାତୁଣୀର ଜୀବନ। ନାତୁଣୀର ମୃତ୍ୟୁ ଖବର ଶୁଣି ହୃଦ୍‌ଘାତରେ ଜେଜେଙ୍କର ଜୀବନ ଚାଲିଗଲା। ଏମିତି ଏକ ଦୁଃଖଦ ଘଟଣା ଯାଜପୁର ଜିଲ୍ଲା ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତ ଗୋବଣ୍ଡିଆ ଗ୍ରାମରେ ଘଟିଛି। ସୂଚନା ମୁତାବକ, ଏହି ଗ୍ରାମର ଦେବେନ୍ଦ୍ର ପରମାଣିକଙ୍କ ଦଶମ ଶ୍ରେଣୀରେ ପାଠ ପଢ଼ୁଥିବା ଝିଅ ଅଙ୍କିତା ପ୍ରିୟଦର୍ଶିନୀ (୧୫) ଗତକାଲି ରାତିରେ ଘରେ ଶୋଇଥିବା

**ଗୋଟିଏ ଜୁଇରେ ଜଳିଲେ ଜେଜେ-ନାତୁଣୀ**

ବେଳେ ବିଳମ୍ବିତ ରାତିରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଅଙ୍କିତା ଏହା ଜାଣି ପରିବାର ଲୋକଙ୍କୁ ▶ପୃଷ୍ଠା-୭

# ଉର୍ଜିତ ପଟେଲ୍ ଆଇଏମ୍‌ଏଫ୍ ଇଡି

**■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲ୍ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ନିଯୁକ୍ତି ପାଇଛନ୍ତି। ତିନି ବର୍ଷ ପାଇଁ ସେ ଏହି ପଦରେ ନିଯୁକ୍ତ ହୋଇଛନ୍ତି। ଦୀର୍ଘ ୩୦ ବର୍ଷ ପରେ ଶ୍ରୀ ପଟେଲ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଛନ୍ତି। ଯାହା ଫଳରେ ସେ ପୁଣି ଥରେ ସେହିଠାରେ ପହଞ୍ଚିଛନ୍ତି, ଯେଉଁଠାରୁ ନିଜ କ୍ୟାରିଅର ଆରମ୍ଭ କରିଥିଲେ।



**୩୦ ବର୍ଷ ପରେ ପୁଣି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଲେ**

୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଆଇଏମଏଫରେ ଅର୍ଥନୀତିଜ୍ଞ ଭାବରେ କାର୍ଯ୍ୟ କରିଥିଲେ। ପଟେଲ ୨୦୧୬ରେ ରଘୁରାମ ରାଜନଙ୍କ ପରେ ଆର୍‌ବିଆଇର ୨୪ତମ ଗଭର୍ଣ୍ଣର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୮ରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବା ପ୍ରଥମ ଆର୍‌ବିଆଇ ଗଭର୍ଣ୍ଣର ଥିଲେ। ତେବେ ପଟେଲ ଏପରି ସମୟରେ ଆଇଏମ୍‌ଏଫ୍‌ର ଏହି ଗୁରୁ ଦାୟିତ୍ୱ ଗ୍ରହଣ କରିଛନ୍ତି, ଯେତେବେଳେ ପାକିସ୍ତାନ ଏହି ଅନ୍ତର୍ଜାତୀୟ ଏଜେନ୍ସିରୁ ପାଇବାକୁ ଥିବା

ଆଇଏମ୍‌ଏଫ୍‌ରେ ଭାରତର ବର୍ତ୍ତମାନର ଇଡି କୃଷ୍ଣମୂର୍ତ୍ତି ଭି. ସୁବ୍ରମଣ୍ୟନଙ୍କ ସ୍ଥାନରେ ଶ୍ରୀ ପଟେଲ୍‌ଙ୍କୁ ଏହି ନିଯୁକ୍ତି ମିଳିଛି। ସୂଚନାଯୋଗ୍ୟ ଯେ, କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ୬ ମାସ ପୂର୍ବରୁ ଶ୍ରୀ ସୁବ୍ରମଣ୍ୟନ ବିଦାୟ ନେଇଥିଲେ। ପ୍ରୋତ୍ସାହନ ପ୍ୟାକେଜ୍‌କୁ ଭାରତ ବାରମ୍ବାର ବିରୋଧ କରିଆସୁଛି। ଭାରତର ଚିନ୍ତା ହେଉଛି ଇସଲାମାବାଦ ଏହି ପାଣ୍ଠିକୁ ଯୁଦ୍ଧ ଏବଂ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହିତ କରିବା ଦିଗରେ ବିନିଯୋଗ ଯୋଗାଇପାରେ।

**ୟୁ-ଡାଇଜ୍ ରିପୋର୍ଟ**

# ଅଧାରୁ ପାଠ ଛାଡୁଛନ୍ତି ୯.୮% ଛାତ୍ରଛାତ୍ରୀ

**■ ଭୁବନେଶ୍ୱର, ୨୯।୮ (ସମିସ):** ରାଜ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅର୍ଥାତ୍ ଡ୍ରପ୍‌ଆଉଟ୍ ହାର ବଢୁଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାରମ୍ଭିକ (ପ୍ରିପାରେଟୋରୀ), ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟମ (ମିଡିଲ୍) ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଧ୍ୟମିକ (ସେକେଣ୍ଡାରୀ) ବର୍ଗରେ ଅଧିକ ପିଲା ପାଠ ଛାଡୁଛନ୍ତି। ତନ୍ମଧ୍ୟରେ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ସର୍ବାଧିକ। ଡ୍ରପ୍‌ଆଉଟ୍ ରୋକିବାକୁ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ଆଶାଜନକ ସଫଳତା ମିଳିପାରୁ ନାହିଁ। ଅପରପକ୍ଷରେ ଦେଶରେ ଡ୍ରପ୍‌ଆଉଟ୍ ହାର କମୁଥିବାବେଳେ ଓଡ଼ିଶାରେ ଡ୍ରପ୍‌ଆଉଟ୍ ହାର ବଢୁଥିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ୟୁନିଫାଇଏଡ୍ ଡିଷ୍ଟ୍ରିକ୍ ଇନ୍‌ଫରମେସନ୍ ସିଷ୍ଟମ ଫର୍ ଏଜୁକେସନ୍ (ୟୁ-ଡାଇଜ୍) ତଥ୍ୟରୁ ଜଣାପଡ଼ିଛି।

ପ୍ରତି ୧୦୦୦ ପିଲାରେ ପାଠ ଛାଡୁଛନ୍ତି ୯୮ ଜଣ

ଝିଅଙ୍କ ତୁଳନାରେ ଅଧାରୁ ପାଠ ଛାଡୁଛନ୍ତି ଅଧିକ ପୁଅ

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ମାଧ୍ୟମିକସ୍ତର ଡ୍ରପ୍‌ଆଉଟ୍ ହାର ୯.୧ ପ୍ରତିଶତ ଥିଲା। ଅର୍ଥାତ୍ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ୧୦୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧ ଜଣ ଅଧାରୁ ପାଠ ଛାଡ଼ି ଦେଉଥିଲେ। ଚଳିତ ବର୍ଷ ଏହା ଆହୁରି ବୃଦ୍ଧି ପାଇ ୯.୮ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ପ୍ରତି ୧୦୦୦ ଜଣରେ ୯୮ ଜଣ ପିଲା ପାଠ ଛାଡୁଛନ୍ତି। ସେହିପରି ମାଧ୍ୟମିକ ସ୍ତର ବା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଡ୍ରପ୍‌ଆଉଟ୍ ହାର ୨୦୨୩-୨୪ ଶିକ୍ଷାବର୍ଷରେ ୨ ପ୍ରତିଶତ ଥିବାବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ୩.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଅନୁରୂପ ଭାବେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ମଧ୍ୟ ୦.୫ରୁ ୧.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ସମସ୍ତ ବର୍ଗରେ ଛାତ୍ରୀଙ୍କ ତୁଳନାରେ ଅଧିକ ଛାତ୍ର ପାଠ ଛାଡୁଥିବା ରେକର୍ଡ ହୋଇଛି। ଅନ୍ୟପଟେ ଜାତୀୟ ସ୍ତରରେ ଡ୍ରପ୍‌ଆଉଟ୍ ହାର କମୁଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ମାଧ୍ୟମିକ ସ୍ତରର ଡ୍ରପ୍‌ଆଉଟ୍ ହାର ୧୦.୯ ପ୍ରତିଶତ ଥିବାବେଳେ ୨୦୨୪-୨୫ରେ ଏହା ୮.୨ ପ୍ରତିଶତକୁ ଖସିଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୫.୨ ରୁ ୩.୫ ପ୍ରତିଶତ ଏବଂ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୩.୭ରୁ ୨.୩ ପ୍ରତିଶତକୁ ହ୍ରାସ ପାଇଛି।

ଜାତୀୟ ହାର ତୁଳନାରେ ଓଡ଼ିଶାରେ ଛାତ୍ର-ଶିକ୍ଷକ ଅନୁପାତ ଆଗରେ ରହିଛି। ପ୍ରତି ୨୨ ଜଣ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହି ହାର ଜାତୀୟ ସ୍ତରରେ ଅଧିକ ଅର୍ଥାତ୍ ପ୍ରତି ୨୪ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ପଡୋଶୀ ରାଜ୍ୟମାନଙ୍କ ଠାରୁ ଓଡ଼ିଶା ଏହି କ୍ଷେତ୍ରରେ ଆଗରେ ରହିଛି।

## ପଶୁ ହେବାକୁ ଚାହୁଁଛି ମନୁଷ୍ୟ



ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଏକବିଂଶ ଶତାବ୍ଦୀର ଆଧୁନିକ ମନୁଷ୍ୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବନାଇ ସବୁ କାର୍ଯ୍ୟକୁ ସହଜ କରିଦେଇଛି। କିନ୍ତୁ ଏପରି ସମୟରେ କିଛି ଲୋକ ପଶୁ ହେବାକୁ ପ୍ରୟାସ କରୁଛନ୍ତି। ଏଥିପାଇଁ ସାମାଜିକ ଗଣମାଧ୍ୟମରେ 'କ୍ୱାଡ୍ରୋବିକ୍ସ' ଧାରା ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଚାରି ହାତ-ଗୋଡରେ ପଶୁ ପରି ଚାଲିବାର ପ୍ରତିଯୋଗିତା ଚାଲିଛି। ଅନେକ ଲୋକେ ମଧ୍ୟ ଏହି ଧାରାରେ ସାମିଲ ହୋଇ ନିଜେ ପଶୁ ପରି ଚାଲୁଥିବାର ଭିଡିଓ ପୋଷ୍ଟ କରୁଛନ୍ତି। ଏହାକୁ ଫିଟ୍‌ନେସ୍‌ର ନୂଆ ଧାରା କୁହାଯାଉଛି। କ୍ୱାଡ ଏବଂ ଏରୋବିକ୍ସର ମିଶ୍ରଣରୁ କ୍ୱାଡ୍ରୋବିକ୍ସ ହୋଇଛି। ଏହାର ଅର୍ଥ ହେଉଛି, ହାତ ଏବଂ ଗୋଡ଼ ଏକାସଙ୍ଗେ କାମ କରୁଥିବାଭଳି ବ୍ୟାୟାମ କରିବା। ଏଥିରେ ମନୁଷ୍ୟ ପଶୁ ପରି ଦୌଡୁଛି, ଡେଇଁଛି ଏବଂ ଗଛରେ ଚଢୁଛି। ପ୍ରଥମେ ବେଲ୍‌ଜିୟମର ପ୍ରାମାଣିକ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏଲେକ୍ସିଆ କ୍ରାଫ୍ଟ ଏହି ଧାରା ଆରମ୍ଭ କରିଥିଲେ। ସେ ୨୦୨୧ରେ ସ୍ପେନର ଏକ ଜଙ୍ଗଲରେ ଗବେଷଣା କରୁଥିବା ସମୟରେ ଭିକ୍ଟର ମାନୁଏଲଙ୍କ ବିଷୟରେ ଶୁଣିଥିଲେ। ଏହି ବ୍ୟକ୍ତି ଜଙ୍ଗଲରେ ମୋଗଲୀ ଭଳି ରହୁଥିଲେ। ଭିକ୍ଟରଙ୍କଠାରୁ ଏଲେକ୍ସିଆ ପ୍ରଶିକ୍ଷଣ ନେଇଥିଲେ। ପରେ ଉଭୟେ ଏହାର ନାମ କ୍ୱାଡ୍ରୋବିକ୍ସ ରଖିଥିଲେ। ଏବେ ହଜାର ହଜାର ଲୋକ ଏହି ପଶୁ ହେବାର ଧାରାରେ ସାମିଲ ହେଉଛନ୍ତି।

## ୨ ଲକ୍ଷ ଦେଇ ପରିଚୟ ହଟାଉଛନ୍ତି ଲୋକେ



ଟୋକିଓ, ୨୯।୮ (ଏଜେନ୍ସି): ମନୁଷ୍ୟ ହେଉଛି ସାମାଜିକ ପ୍ରାଣୀ। ମାତ୍ର ଜାପାନରେ ଲୋକେ ସମାଜରୁ ଦୂରେଇ ଯାଉଛନ୍ତି। ପ୍ରତି ବର୍ଷ ହଜାର ହଜାର ଲୋକ ଜାଣିଶୁଣି ନିଜ ଚାକିରି, ପରିବାର ଏବଂ ବନ୍ଧୁଙ୍କୁ ଛାଡ଼ି ଗାଏବ ହେଇ ଯାଉଛନ୍ତି। ଜାପାନରେ ଚାଲିଥିବା ଏହି ଧାରାକୁ 'ଜୋହାସୁ' କୁହାଯାଉଛି। ଏହାର ଅର୍ଥ ଗାଏବ ହୋଇଯିବା। ଜାପାନରେ ବ୍ୟକ୍ତିଗତ ବିଫଳତାକୁ ପରିବାର ପାଇଁ ଲଜ୍ଜାଜନକ ଧରାଯାଏ। ଲଜ୍ଜା, ଋଣ ଏବଂ ଘରୋଇ ହିଂସାରୁ ବର୍ତ୍ତିବା ଲାଗି ଲୋକେ ଗାଏବ ହେବାକୁ ଉଚିତ ମଣୁଛନ୍ତି। ଏହା ବ୍ୟତୀତ ଚାକିରି ହରାଇବା, ଦେବାଳିଆ ହେବା, ଛାଡ଼ପତ୍ର ଏବଂ ପଢାରେ ବିଫଳ ଏହାର ପ୍ରମୁଖ କାରଣ ପାଲଟିଛି। ରିପୋର୍ଟ ଅନୁଯାୟୀ ୨୦୨୨ରେ ୮୪, ୯୧୦ ଜଣ ଗାଏବ ହେବା ନେଇ ମାମଲା ରୁଜୁ ହୋଇଥିଲା। ଏଥିପାଇଁ ଜାପାନରେ ଏକ ସ୍ୱତନ୍ତ୍ର କମ୍ପାନୀ 'ୟୋନିଗେ-ୟା' ରହିଛି। ୩ ଲକ୍ଷ ୟେନ ଅର୍ଥାତ୍ ପ୍ରାୟ ୨ ଲକ୍ଷ ଟଙ୍କା ଦେଲେ ଏହି କମ୍ପାନୀ ରାତାରାତି ଲୋକଙ୍କୁ ଗାଏବ କରିଦେଉଛି। ଏହା ସହିତ ଲୋକଙ୍କ ପୁରୁଣା ପରିଚୟକୁ ନଷ୍ଟ କରି ନୂଆ ନାମ ଏବଂ ଠିକଣା ପ୍ରଦାନ କରୁଛି। ଜାପାନରେ ମଧ୍ୟ ଏହାକୁ ଆଇନଗତ ଅନୁମତି ମିଳିଛି। କେହି ଗାଏବ ହେଲେ ପୁଲିସ ତାହାର ଯାଞ୍ଚ କରେନି।

## ବିହାରରେ ୩ ଲକ୍ଷ ସନ୍ଦିଗ୍ଧ ଭୋଟରଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ବିହାର ୩ ଲକ୍ଷ ଭୋଟରଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରିଛନ୍ତି। ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ୍ (ଏସ୍ଆଇଆର) ସମୟରେ ବହୁ ଅନିୟମିତତା ହୋଇଥିବା କମିଶନ ଜାଣିବାକୁ ପାଇଛନ୍ତି। ୩ ଲକ୍ଷ ଭୋଟର ନିଜର ଆବଶ୍ୟକୀୟ କାଗଜପତ୍ର ଜମା କରିନାହାନ୍ତି। ଫଳରେ ଏମାନଙ୍କୁ ନିଜର ନାଗରିକତା ଦେଖାଇବାକୁ ଅର୍ଥାତ ପ୍ରମାଣ କରିବାକୁ କମିଶନ କହିଛନ୍ତି ଓ ଏଥିପାଇଁ ନୋଟିସ ଜାରି କରାଯାଇଛି ବୋଲି କୁହାଯାଇଛି। ନାଗରିକତା ନ ଦେଖାଇପାରିଲେ ମତଦାତା ସୂଚୀରୁ ସେମାନଙ୍କ ନାମ କାଟିଦିଆଯିବ। କିଶନଗଞ୍ଜ, ପୂର୍ଣ୍ଣିଆ, ଅରରିଆ, ସହରସା, ମଧୁବନୀ ଓ ଚମ୍ପାରଣ ଭୋଟରମାନଙ୍କୁ ଏହି ନୋଟିସ ଜାରି କରାଯାଇଛି। ବୁଥ୍‌ସ୍ତରର ଅଧିକାରୀମାନେ ଘରଘର ବୁଲି ସର୍ଭେକ୍ଷଣ କରିବା ଅବସରରେ ନେପାଳ, ବାଂଲାଦେଶ, ଆଫଗାନିସ୍ତାନ, ମିଆଁମାରର ନାଗରିକମାନେ ବହୁସଂଖ୍ୟାରେ ଦେଖିବାକୁ ମିଳିଥିଲେ ବୋଲି ନିର୍ବାଚନ କମିଶନର ଅଧିକାରୀମାନେ କହିଛନ୍ତି। ଏହି ବିଦେଶୀ ନାଗରିକଙ୍କ ପାଖରୁ ଆଧାର, ବାସସ୍ଥାନ ପ୍ରମାଣପତ୍ର ଓ ରାସନକାର୍ଡ ମିଳିଥିଲା। ନକଲି କାଗଜପତ୍ର ଦେଖାଇ ଏମାନେ ପରିଚୟପତ୍ର ହାସଲ କରିଛନ୍ତି। ଏଭଳି ସ୍ଥିତିରେ ପଚରାଉଚରା ପରେ ଏମାନଙ୍କୁ ନୋଟିସ ଜାରି କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଏହି ଭୋଟରମାନଙ୍କୁ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ନିଜର ରେକର୍ଡ ସ୍ପଷ୍ଟ କରିବାକୁ କୁହାଯାଇଛି। ଅଗଷ୍ଟ ୧ରୁ ୩୦ ମଧ୍ୟରେ ଯେଉଁମାନେ ଅଯୋଗ୍ୟ ବିବେଚିତ ହେବେ ସେମାନଙ୍କ ନାମ ଅନ୍ତିମ ତାଲିକାରୁ କାଟି ଦିଆଯିବ ବୋଲି କୁହାଯାଇଛି।

## ଇସ୍ରାଏଲ୍ ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ସେନା ମୁଖ୍ୟ ମୃତ

ତେଲ ଅଭିଭ୍, ୨୯।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ୟେମେନ ରାଜଧାନୀ ସନ୍ନାରେ ରହୁଥିବା ହୁତି ବିଦ୍ରୋହୀଙ୍କ ଉପରେ ଇସ୍ରାଏଲ୍ ଗୁରୁବାର ବଡ଼ ଧରଣର ଆକ୍ରମଣ କରିଛି ଓ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଏହି ଆକ୍ରମଣରେ ହୁତିର ସେନା ଓ ରାଜନୈତିକ ନେତୃବୃନ୍ଦ ବଡ଼ ଧରଣର କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହି ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀ ଘାଲିବ ଅଲ-ରାହୱି, ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ନାସେର ଅଲ- ଅଟ୍ଟାଫି ଓ ସେନା ମୁଖ୍ୟ ପ୍ରାଣ ହରାଇଛନ୍ତି। ତେବେ ଇସ୍ରାଏଲ ତରଫରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ଇସ୍ରାଏଲ ୧୦ ଜଣ ହୁତି ମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରିଥିଲା। ଏହି ମନ୍ତ୍ରୀମାନେ ଏକ ରାଜଧାନୀ ବାହାରେ ଏକ ଜଣେ ଗ୍ରୁପ୍ ଲିଡରଙ୍କ ଭାଷଣ ଶୁଣିବାକୁ ଏକାଠି ହୋଇଥିଲେ।

## ପୂର୍ବତନ ବିଜେପି ବିଧାୟକ, ଆଇପିଏସଙ୍କୁ ଆଜୀବନ ଜେଲ୍

ଅହମଦାବାଦ, ୨୯।୮ (ଏଜେନ୍ସି): ସାତ ବର୍ଷ ତଳର ବିଟ୍‌କଏନ ଲୁଟ୍ ଏବଂ ଅପହରଣ ମାମଲାରେ ଅହମଦାବାଦ ସିଟି ସେସନ୍ସ କୋର୍ଟଙ୍କ ଏସିବି ଅଦାଲତ ଶୁକ୍ରବାର ବଡ଼ ରାୟ ଦେଇଛନ୍ତି। ବିଜେପିର ପୂର୍ବତନ ବିଧାୟକ ନଳିନ କୋଟଡିଆ, ଅମରେଲିର ପୂର୍ବତନ ଏସ୍‌ପି ଜଗଦୀଶ ପଟେଲ, ପୂର୍ବତନ ଇନ୍ସପେକ୍ଟର ଅନନ୍ତ ପଟେଲଙ୍କ ସମେତ ୧୪ ଅଭିଯୁକ୍ତଙ୍କ ଆଜୀବନ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ଏହି ମାମଲା ୨୦୧୮ ର। ସେତେବେଳେ ସୁରଟର ବିଲ୍ଡର ଶୈଳେଶ ଭଟ୍ଟ ଅଭିଯୋଗ କରିଥିଲେ ଯେ ଅମରେଲି ଜିଲ୍ଲାର କିଛି ପୁଲିସ ଅଧିକାରୀ ତାଙ୍କୁ ଅଜ୍ଞାତ ସ୍ଥାନକୁ ନେଇ ବନ୍ଦୀ ବନାଇ ଥିଲେ। ଏହା ପରେ ପୁଲିସ ଅଧିକାରୀ ଡରାଇ ଧମକାଇ ୧୨ କୋଟି ଟଙ୍କାର ବିଟ୍‌କଏନକୁ ନିଜ ଖାତାକୁ ନେଇ ଯାଇଥିଲେ। ଏହି ଷଡ଼ଯନ୍ତ୍ରରେ ବିଜେପିର ପୂର୍ବତନ ବିଧାୟକ ନଳୀନ କୋଟାଡିଆ ସାମିଲ ଥିଲେ। ପରେ ନିଜ ସହଯୋଗୀ କିରୀଟି ପଲାଡିଆ ପୁଲିସ ସହ ମିଶିଥିବା ସେ ଅଭିଯୋଗ କରିଥିଲେ। ସିଆଇଡି ଯାଞ୍ଚରୁ ମାମଲା ସତ୍ୟ ସାବ୍ୟସ୍ତ ହୋଇଥିଲା। ୨୦୧୮ରେ ଏହି ମାମଲାରେ ଏସ୍‌ପି ସମେତ ଅନେକ ପୁଲିସ ଅଧିକାରୀ ଗିରଫ ହୋଇଥିଲେ।

## ସହମତିରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହଁ: କୋର୍ଟ

ସୁରତ, ୨୯।୮ (ଏଜେନ୍ସି): ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରିବା ଦୁଷ୍କର୍ମ ନୁହଁ ବୋଲି ସୁରତର ଏକ ସେସନ କୋର୍ଟ କହିଛନ୍ତି। ଗୁରୁବାର ହୋଇଥିବା ଏକ ଶୁଣାଣି ଅବସରରେ କୋର୍ଟ ଏହିକ୍ରମରେ ଜଣେ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଏହି ମାମଲାରେ ପୀଡିତା ଜଣକ ବିନା କୌଣସି ଚାପରେ ହୋଟେଲ ଓ ରେସ୍ତୋରାଁ ନିଜର ପରିଚୟ ପତ୍ର ଦେଇଥିଲେ। ତେଣୁ ଏଥିପାଇଁ ତାଙ୍କ ଉପରେ କୌଣସି ଜୋର ଜବରଦସ୍ତି କରାଯାଇନାହିଁ। ପୁଣି ଯେତେବେଳେ ଯୁବକଙ୍କ ସହ ବିବାହ ସମ୍ଭବ ନୁହଁ ବୋଲି ଜାଣିଥିଲେ ମଧ୍ୟ ପୀଡିତାଜଣକ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ।

### ରାହୁଲଙ୍କ ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କୁ ଗାଳି ଅଭିଯୋଗ

# ବିଜେପି-କଂଗ୍ରେସ କର୍ମୀ ମୁହାଁମୁହିଁ; ଚାଲିଲା ଠେଙ୍ଗାବାଡ଼ି

ପାଟନା, ୨୯।୮ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ରାଜନୈତିକ ଲଢ଼େଇ ଆରମ୍ଭ ହୋଇଛି। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା' ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କୁ ଗାଳିଦେବାକୁ ନେଇ ଲଙ୍କାକାଣ୍ଡ ଘଟିଛି। ଏହାକୁ ନେଇ ଶୁକ୍ରବାର ପାଟନାରେ ବିଜେପି ଏବଂ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ସକାଳେ ବିଜେପି କର୍ମୀ ବିକ୍ଷୋଭ ପାଇଁ କଂଗ୍ରେସ ଅଫିସ ସାମନାରେ ପହଞ୍ଚି ଥିଲେ। ଏଠାରେ ସେମାନେ ରାହୁଲଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କିନ୍ତୁ କଂଗ୍ରେସ କର୍ମୀ ଏହାକୁ ସହ୍ୟ କରିପାରି ନ ଥିଲେ। ପରେ ସେମାନେ ମଧ୍ୟ ବିଜେପି ବିରୋଧରେ ସ୍ଲୋଗାନ ଦେଇଥିଲେ। ଦେଖୁ ଦେଖୁ ଏହି ବିକ୍ଷୋଭ ଗଣ୍ଡଗୋଳର ରୂପ ନେଇଥିଲା। ଉଭୟ ଦଳର କର୍ମୀ ବାଡିଆପିଟା ହୋଇଥିଲେ। ଠେଙ୍ଗାବାଡ଼ି ଚାଲିଥିଲା। ପରସ୍ପର ଉପରକୁ ଇଟା ପଥର ମାଡ଼ ମଧ୍ୟ କରାଯାଇଥିଲା। ଅନେକ ଗାଡ଼ିକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏହା ଦେଖି ପୁଲିସ ବିଜେପି କର୍ମୀଙ୍କୁ ସେଠାରୁ ହଟାଇ ଦେଇଥିଲା। କିନ୍ତୁ ଏତିକିରେ ମାମଲା ଶାନ୍ତ ପଡ଼ି ନ ଥିଲା। ଏହା ପରେ କଂଗ୍ରେସ କର୍ମୀ ରାସ୍ତା ଉପରେ ବସି ବିକ୍ଷୋଭ ଆରମ୍ଭ କରିଦେଇଥିଲେ। ଏଥିଯୋଗୁଁ ଟ୍ରାଫିକ ଜାମ୍ ହୋଇଥିଲା। ଏହା ଦେଖି ପୁଲିସ ମାତ୍ର ୩୦ ମିନିଟ ଭିତରେ କଂଗ୍ରେସ କର୍ମୀଙ୍କୁ ହଟାଇ ଦେଇଥିଲା।

ମୁଜାଫରପୁରରେ ମଧ୍ୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଏହି ସମୟରେ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟର ନେତାଙ୍କ ବିରୋଧରେ ବିଜେପି କର୍ମୀ ସ୍ଲୋଗାନ ଦେଇଥିଲେ। ସେହିପରି ଆରାରେ ମଧ୍ୟ ବିଜେପି ଏବଂ କଂଗ୍ରେସ କର୍ମୀ ଧସ୍ତାଧସ୍ତି ହୋଇଥିଲେ। ରାହୁଲ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ସମୟରେ କଂଗ୍ରେସ କର୍ମୀ ପହଞ୍ଚି ଯିବାରୁ ସ୍ଥିତି ବିଗିଡି ଯାଇଥିଲା। କଂଗ୍ରେସ କର୍ମୀ ବିକ୍ଷୋଭ କରି ବିଜେପି ଏବଂ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହାକୁ ନେଇ ବିଜେପି ନେତା ନାରାୟଣ ମେହଟା ପାଟଳିପୁତ୍ର ଥାନରେ ଅଭିଯୋଗ ଦାଏର କରିଛନ୍ତି। କଂଗ୍ରେସ ପକ୍ଷରୁ ଠେଙ୍ଗାବାଡ଼ି, ଇଟାପଥର ମାଡ଼କରି ଆତ୍ମଘାତୀ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି। ଏହି ମାମଲାକୁ

### ମୁଜାଫରପୁର, ଆରାରେ ମଧ୍ୟ ସଂଘର୍ଷ

### ଗାଳି ଦେଇଥିବା ଅଭିଯୁକ୍ତ ଗିରଫ

ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କଂଗ୍ରେସକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରାହୁଲଙ୍କ ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ପ୍ରତି ଖରାପ ଶବ୍ଦ ବ୍ୟବହାର କରି କଂଗ୍ରେସ ସବୁଠାରୁ ହୀନ କାମ କରିଛି। ରାହୁଲ ଯେଉଁ ଭଳି ରାଜନୀତି ଆରମ୍ଭ କରିଛନ୍ତି ତାହା ସାର୍ବଜନୀନ ଜୀବନକୁ ଶିଖରରେ ପହଞ୍ଚାଇବ ନାହିଁ। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ଦିନଠାରୁ ସୋନିଆ, ରାହୁଲ, ମଣିଶଙ୍କର ଆୟର ଏଭଳି ଘୃଣିତ ମନ୍ତବ୍ୟ ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଯେତେ ଗାଳିଦେବେ ସେତେ ପଦ୍ମ ଫୁଟିବ ବୋଲି ଶାହା କହିଛନ୍ତି। ସେହିପରି ରାହୁଲ ଗାନ୍ଧୀ କହିଛନ୍ତି ଯେ ସତ୍ୟ ଏବଂ ଅହିଂସା ଆଗରେ ହିଂସା ରହିପାରିବ ନାହିଁ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ଅଶୋଭନୀୟ କହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି।



## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ସୀମାରେ କାନ୍ଥ ନିର୍ମାଣ କରିବ କି

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ବେଆଇନ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଆମେରିକା ଭଳି ଭାରତ ସୀମାରେ କାନ୍ଥ ନିର୍ମାଣ କରିବାକୁ ଯୋଜନା କରୁଛି କି ବୋଲି ପଚାରିଛନ୍ତି। ପଶ୍ଚିମବଙ୍ଗର ମାଇଗ୍ରାଣ୍ଟ ୱେଲଫେୟାର ବୋର୍ଡର ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ ପଶ୍ଚିମବଙ୍ଗ ଏବଂ ପଞ୍ଜାବ ଲୋକଙ୍କ ସଂସ୍କୃତି ଓ ଭାଷା ପଡ଼ୋଶୀ ଦେଶ ସହ ମିଶୁଛି। ସେମାନଙ୍କ ଭାଷା ସମାନ, କିନ୍ତୁ ସୀମା ଲୋକଙ୍କୁ ଅଲଗା କରିଦେଉଛି। ଆବେଦନରେ କୁହାଯାଇଥିଲା ଯେ ବଙ୍ଗଳା ଭାଷା କହୁଥିବା ପ୍ରବାସୀ ଶ୍ରମିକଙ୍କୁ ବେଆଇନ ଭାବେ ଗିରଫ କରାଯାଉଛି। ସରକାର ତାଙ୍କ ଉପରେ ବାଂଲାଦେଶ ଯିବାକୁ ଚାପ ପକାଉଛନ୍ତି।

ସରକାରଙ୍କ ପକ୍ଷ ରଖି ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ବୋର୍ଡ ଦାବି ଅସ୍ପଷ୍ଟ ରହିଛି। କିଛି ରାଜ୍ୟ ସରକାର ବେଆଇନ ପ୍ରବାସୀଙ୍କ ଉପରେ ନିର୍ଭର କରୁଛନ୍ତି। ବେଆଇନ ପ୍ରବାସୀଙ୍କ ଯୋଗୁଁ ଜନସଂଖ୍ୟା ବଦଳୁଛି। ତେଣୁ ରୋହିଙ୍ଗ୍ୟା ମାମଲା ସହ ଏହାର ଶୁଣାଣି କରାଯାଉ। ଶେଷରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା ଏକ ଅଲଗା ମାମଲା। ହାଇକୋର୍ଟଙ୍କୁ ଏହାର ଶୁଣାଣି କରି ଉଚିତ ନିର୍ଦ୍ଦେଶ ଦେବାକୁ କୁହାଯିବ। ବେଆଇନ ପ୍ରବାସୀ ବିଶେଷ କରି ବାଂଲାଦେଶୀଙ୍କୁ ନିଜ ଦେଶକୁ ପଠାଇବା ପାଇଁ ଆପଣା ଯାଇଥିବା ଏସ୍‌ଓପି ବିଷୟରେ ଅବଗତ କରାଇବାକୁ କୋର୍ଟ କେନ୍ଦ୍ରକୁ କହିଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ବେଆଇନ ପ୍ରବାସୀଙ୍କ ସଂଖ୍ୟା ବୃଦ୍ଧି ଦ୍ୱାରା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ସୀମିତ ସମ୍ବଳ ଉପରେ ବେଆଇନ ପ୍ରବାସୀ ଚାପ ପକାଇପାରନ୍ତି, ତେଣୁ ଏହା ଉପରେ ନିୟନ୍ତ୍ରଣ ଜରୁରୀ। ପଶ୍ଚିମବଙ୍ଗ, ପଞ୍ଜାବର ଭାଷା ଏକା ଭଳି। ତେଣୁ ଭାଷା ଆଧାରରେ କାହାକୁ ବିଦେଶୀ ଭାବିବା ଭୁଲ। ବେଆଇନ ପ୍ରବାସୀଙ୍କ ପାଇଁ ଅଲଗା ଉପାୟ ଅବଲମ୍ବନ କରାଯିବା ଉଚିତ। କେବଳ ଗଣମାଧ୍ୟମ ରିପୋର୍ଟ କିମ୍ବା ଖାଲି ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନ ହେବା ଉଚିତ।

### ପ୍ରଧାନମନ୍ତ୍ରୀ ମୋଦୀ ଓ ଇସିବାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷର

## ଜାପାନ ରକେଟରେ ଲଞ୍ଚ ହେବ ଚନ୍ଦ୍ରଯାନ-୫



ଟୋକିଓ, ୨୯।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଜାପାନ ଗସ୍ତରେ ଯାଇ ଶୁକ୍ରବାର ଟୋକିଓରେ ପହଞ୍ଚିଛନ୍ତି। ସେ ଏଠାରେ ଆୟୋଜିତ ଭାରତ-ଜାପାନ ସମ୍ମିଳନୀରେ ସାମିଲ ହୋଇଛନ୍ତି। ଏଥିରେ ମୋଦୀ ଏବଂ ତାଙ୍କ ଜାପାନୀ ସମକକ୍ଷ ସିଗେରୁ ଇସିବାଙ୍କ ଉପସ୍ଥିତିରେ ଚନ୍ଦ୍ରଯାନ-୫କୁ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଛି। ଚନ୍ଦ୍ରଯାନ-୫ ପାଇଁ ଦୁଇ ଦେଶର ମହାକାଶ ଏଜେନ୍ସି ଭାରତର ଇସ୍ରୋ ଏବଂ ଜାପାନର ଜାକ୍ସା ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟ ଦେଶ ଚନ୍ଦ୍ରର ଦକ୍ଷିଣ ମେରୁ ଉପରେ ଅଧ୍ୟୟନ କରିବେ। ଅନ୍ୟପକ୍ଷରେ ମୋଦୀ ଆଗାମୀ ସମ୍ମିଳନୀ ପାଇଁ ଭାରତ ଆସିବାକୁ ଇସିବାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଛନ୍ତି ଯେ ଦୁଇ ଦେଶର ସମ୍ବନ୍ଧ ମୁଖ୍ୟ ଆଧାର ହେଉଛି ଭରସା। ଉଭୟ ଦେଶର ଜନସାଧାରଣ, ବିଶ୍ୱରେ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧିର ସ୍ୱପ୍ନକୁ ନେଇ ଆଗକୁ ବଢ଼ିବେ। ଆଗାମୀ ଦଶନ୍ଧି ପାଇଁ ଆମେ ଏକ ମାର୍ଗଦର୍ଶିକା ମଧ୍ୟ ପ୍ରସ୍ତୁତ କରିଛୁ।

ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଷ୍ଟମ ଜାପାନ ଗସ୍ତ। ସେ ଟୋକିଓରେ ପହଞ୍ଚିବା ପରେ ସ୍ଥାନୀୟ କଳାକାର ଗାୟତ୍ରୀ ମନ୍ତ୍ର ଗାନ କରି ତାଙ୍କ ସ୍ୱାଗତ କରିଥିଲେ। ଏହି ସମୟରେ ମୋଦୀ ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ଭେଟିଥିଲେ। ପରେ ଏକ ସମ୍ମିଳନୀକୁ ସମ୍ବୋଧନ କରି ଭାରତ ଉପରେ ସାରା ବିଶ୍ୱର ଭରସା ବୋଲି କହିଥିଲେ। ପରେ ଭାରତ ଏବଂ ଜାପାନ ମଧ୍ୟରେ ୭ଟି ପ୍ରମୁଖ ଚୁକ୍ତି ସ୍ୱାକ୍ଷର ହୋଇଥିଲା ଏବଂ ୧୫୦ଟି ଏମଓୟୁ ଘୋଷଣା ହୋଇଥିଲା। ଏହା ମଧ୍ୟରେ ପ୍ରତିରକ୍ଷା ଜ୍ଞାନକୌଶଳ ସେୟାର ଏବଂ ଅସ୍ତ୍ରଶସ୍ତ୍ରର ମିଳିତ ଉତ୍ପାଦନର ସମ୍ଭାବନା ଦିଗରେ କାର୍ଯ୍ୟ କରିବା, ଦୁଇ ଦେଶ ମଧ୍ୟରେ ଜାହାଜ ଚଳାଚଳ ବୃଦ୍ଧି ଏବଂ ସମୁଦ୍ରରେ ଡକାୟତଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ଆଦି ସାମିଲ ରହିଛି।

### ● ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସଂଶୟ ବଢ଼ିଲା

## ରାଷ୍ଟ୍ରପତି ହେବାକୁ ଜେଡି ଭାନ୍ସ ପ୍ରସ୍ତୁତ

ନ୍ୟୁୟର୍କ, ୨୯।୮ (ଏଜେନ୍ସି): ଶୁଳ୍କ ଧମକ ଦେଇ ସାରା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସଂଶୟ ଲାଗି ରହିଛି। ସେ ୨୦୨୮ ପର୍ଯ୍ୟନ୍ତ ପଦରେ ରହିପାରିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରି ସମୟରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏହି ସଂଶୟକୁ ଅଧିକ ବଢ଼ାଇ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି। ଯଦି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କିଛି ଅଘଟଣ ଘଟେ ତେବେ ଏଭଳି ସ୍ଥିତିରେ କିଏ ହେବ ରାଷ୍ଟ୍ରପତି ବୋଲି ପ୍ରଶ୍ନ ଉଠୁଛି। କିନ୍ତୁ ଟ୍ରମ୍ପଙ୍କ ଅନୁଗତ ଭାନ୍ସ ଏହାର ଉତ୍ତର ଦେଇଛନ୍ତି। ଯଦି ଟ୍ରମ୍ପଙ୍କ ସହ କୌଣସି ଅଘଟଣ ଘଟେ ତେବେ ଭାନ୍ସ ରାଷ୍ଟ୍ରପତି ପଦ ସମ୍ଭାଳିବେ। ୟୁଏସ୍ ଟୁଡେକୁ ସାକ୍ଷାତକାର ଦେଇ ନିଜେ ଭାନ୍ସ ଏହା କହିଛନ୍ତି। ସେ ଏଭଳି ସ୍ଥିତିରେ ଏହି ଗୁରୁଦାୟିତ୍ୱ ସମ୍ଭାଳିବାକୁ ପ୍ରସ୍ତୁତ ଥିବା ଉଲ୍ଲେଖ କରିଛନ୍ତି। ତେବେ ଟ୍ରମ୍ପ ନିଜ ୪ ବର୍ଷର କାର୍ଯ୍ୟକାଳ ନିର୍ବାହ କରିବାକୁ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛନ୍ତି ବୋଲି ଭାନ୍ସ କହିଛନ୍ତି।



ଟ୍ରମ୍ପଙ୍କ ସ୍ୱାସ୍ଥ୍ୟକୁ ନେଇ ଆଲୋଚନା ଓ ଅଟକଳ ଚାଲିଥିବା ବେଳେ ଭାନ୍ସ ଏଭଳି ମନ୍ତବ୍ୟ ଦେଇ ଆଲୋଡ଼ନ ସୃଷ୍ଟି କରିଛନ୍ତି। ନିକଟରେ ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗଙ୍କ ସହ ସାକ୍ଷାତ କଲା ବେଳେ ଟ୍ରମ୍ପଙ୍କ ହାତରେ ଏକ ବଡ଼ ନୀଳ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ପ୍ରଥମେ ଜୁଲାଇରେ ଏହି କ୍ଷତି ଚିହ୍ନ ଦେଖିବାକୁ ମିଳିଥିଲା। ଏ ନେଇ ହ୍ୱାଇଟ୍ ହାଉସ୍ କିଛି ଲୁଚାଇବାକୁ ପ୍ରୟାସ କରୁଥିବାରୁ ଅନୁମାନ କରାଯାଉଛି। ଟ୍ରମ୍ପ ଗତ ଜାନୁଆରୀରେ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ୭୮ ବର୍ଷ ୭ ମାସ ବୟସରେ ଆମେରିକା ଇତିହାସର ସବୁଠାରୁ ବୟସ୍କ ରାଷ୍ଟ୍ରପତି ବିବେଚିତ ହୋଇଥିଲେ। ଟ୍ରମ୍ପ ଜନତାଙ୍କର ନେତା। ସେ ଅନ୍ୟ ଦେଶର ରାଷ୍ଟ୍ରପତିଙ୍କ ତୁଳନାରେ ଲୋକଙ୍କ ସହ ଅଧିକ ମିଳାମିଶା କରୁଛନ୍ତି ଓ ସେମାନଙ୍କ ସହ ହାତ ମିଳାଉଛନ୍ତି ବୋଲି ହ୍ୱାଇଟ୍ ହାଉସ ତରଫରୁ କୁହାଯାଇଛି। ଏହି କାରଣ ଯୋଗୁଁ ତାଙ୍କ ହାତରେ କ୍ଷତ ଚିହ୍ନ ଦେଖିବାକୁ ମିଳିଛି। କିନ୍ତୁ ଭାନ୍ସ କୌଣସି ପ୍ରକାର ଅଘଟଣକୁ ଖଣ୍ଡନ କରିଛନ୍ତି। ଟ୍ରମ୍ପ ଏବେ ମଧ୍ୟ ପୂର୍ବପରି ପୂରା ଦମ୍‌ରେ କାର୍ଯ୍ୟ କରୁଛନ୍ତି ବୋଲି ଭାନ୍ସ କହିଛନ୍ତି।

# ଋଷ୍ ଆକ୍ରମଣରେ ବୁଡ଼ିଲା ୟୁକ୍ରେନର ସବୁଠୁ ବଡ଼ ଜାହାଜ


ମସ୍କୋ, ୨୯।୮ (ଏଜେନ୍ସି): ରୁଷିଆ ପୁଣି ୟୁକ୍ରେନ ଉପରେ ବଡ଼ଧରଣର ଆକ୍ରମଣ କରିଛି। ରୁଷର ଡ୍ରୋନ୍ ଆକ୍ରମଣରେ ୟୁକ୍ରେନ ନୌସେନାର ସବୁଠାରୁ ବଡ଼ ଜାହାଜ 'ସିମଫେରୋପୋଲ' ବୁଡିଯାଇଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ୧୦ ବର୍ଷ ହେବ ଏହା ୟୁକ୍ରେନର ସବୁଠାରୁ ବଡ଼ ଜାହଜ ଥିଲା। ଏହା ଏକ ଲାଗୁନ କ୍ଲାସ ଅର୍ଥାତ ଉପକୂଳବର୍ତ୍ତୀ ଅଞ୍ଚଳର ଜାହାଜ ଥିଲା। ଗୁଇନ୍ଦା କାର୍ଯ୍ୟ ପାଇଁ ଏହାକୁ ନିର୍ମାଣ କରାଯାଇଥିଲା। ୟୁକ୍ରେନର ଓଡେସା ଅଞ୍ଚଳରେ ଥିବା ଡାନ୍ୟୁବ ନଦୀରେ ପ୍ରଥମଥର ପାଇଁ ରୁଷିଆ ସାମୁଦ୍ରିକ ଡ୍ରୋନ ଆକ୍ରମଣ କରି ଏହି ଜାହାଜକୁ ବୁଡାଇବାକୁ ସକ୍ଷମ ହୋଇଛି। ଏଥିସହ ଏହି ଯୁଦ୍ଧରେ ରୁଷିଆ ଏକ ବଡ଼ଧରଣର ସଫଳତା ହାସଲ କରିଛି ବୋଲି କୁହାଯାଉଛି।

୨୦୨୧ରେ ୟୁକ୍ରେନ ନୌସେନାରେ 'ସିମଫେରୋପୁଲ' ଜାହାଜକୁ ସାମିଲ କରାଯାଇଥିଲା। ୨୦୧୪ରେ ପରେ ୟୁକ୍ରେନ ଏଥିସହ ତା'ର ସର୍ବବୃହତ ଜାହଜକୁ ଲଞ୍ଚ୍ କରିଥିଲା। ଏହି ଆକ୍ରମଣରେ ଜଣେ କ୍ରୁ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ଜାହଜ ବୁଡି ଯାଇଥିଲେ ମଧ୍ୟ ଅଧିକାଂଶ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି ୟୁକ୍ରେନ ନୌସେନାର ମୁଖପାତ୍ର ଡିମିଟ୍ରୋ ପ୍ଲେଟେନଚୁକ୍ କହିଛନ୍ତି। ତେବେ ନିଖୋଜ ହୋଇଥିବା କେତେଜଣଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ଏହି ମଧ୍ୟମ ଆକାରର ଜାହାଜ ରେଡିଓ, ଇଲେକ୍‌ଟ୍ରୋନିକ, ରାଡାର ଓ ଅପଟିକାଲ ରିଜୋନାନ୍ସ ପାଇଁ ପ୍ରସ୍ତୁତ କରାଯାଇଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ରୁଷ୍‌ର ଏହି ଆକ୍ରମଣକୁ ୟୁକ୍ରେନ ସ୍ୱୀକାର କରିଛି। ରୁଷିଆ ଗତକିଛି ମାସ ମଧ୍ୟରେ ସାମୁଦ୍ରିକ ଡ୍ରୋନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଉଲ୍ଲେଖଥାଉ କି, ୟୁକ୍ରେନ ମଧ୍ୟ ଅତୀତରେ ରୁଷିଆର ନୌ ଜାହାଜକୁ ଲକ୍ଷ୍ୟ କରି ଏକାଧିକ ଆକ୍ରମଣ କରି ସଫଳତା ହାସଲ କରିଥିଲା। ପୂର୍ବରୁ ଗୁରୁବାର ରୁଷିଆ ୟୁକ୍ରେନ ରାଜଧାନୀ କିଭ୍ ଉପରେ ବଡ଼ ଧରଣର ଆକ୍ରମଣ କରିଥିଲା। ଏଥିରେ ୧୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୪୮ ଜଣ ଆହତ ହୋଇଥିଲେ। ଏହି ଆକ୍ରମଣରେ ରୁଷିଆ ୫୯୮ ଡ୍ରୋନ୍ ଓ ୩୧ ମିସାଇଲ ମାଡ଼ କରିଥିଲା। ୟୁକ୍ରେନର ସବୁ ଠିକଣା ଉପରେ ସଠିକ୍ ଆକ୍ରମଣ କରାଯାଇଛି ବୋଲି ରୁଷିଆ ତରଫରୁ କୁହାଯାଇଛି।

### ପ୍ରଥମଥର ସାମୁଦ୍ରିକ ଡ୍ରୋନ୍‌ର ବ୍ୟବହାର



# ୟୁପି, ବିହାରଠୁ ବଳିଗଲାଣି ଓଡ଼ିଶାର ଆଇନଶୃଙ୍ଖଳା



■ ରାଜ୍ୟରେ ପ୍ରତିଦିନ ଘଟୁଛି ଜଘନ୍ୟ ହତ୍ୟାକାଣ୍ଡ
■ ତଦନ୍ତ ନାଁରେ ଦିନ ଗଡ଼ାଇ ଚାଲିଛି ପୁଲିସ
■ କେନ୍ଦ୍ରାପଡ଼ାରୁ ବରଗଡ଼ ପର୍ଯ୍ୟନ୍ତ ପୁଲିସ ନିରୁପାୟ

ଭୁବନେଶ୍ୱର,୨୯।୮(ସମିସ): ୟୁପି, ବିହାରଠୁ ବଳିଗଲାଣି ଓଡ଼ିଶା। ଏଠାରେ ଅପରାଧୀ ଦିନ ଦିପହରେ ଗୋଡାଇ ଗୋଡାଇ ହାଣୁଛନ୍ତି। ସେମାନଙ୍କୁ ପୁଲିସ ଭୟ ନାହିଁ। ଯାହାର ଉଦାହରଣ ରାଜ୍ୟରେ ପ୍ରତିଦିନ ଘଟୁଥିବା ଜଘନ୍ୟ ହତ୍ୟା ଘଟଣାରୁ ସ୍ପଷ୍ଟ ହୋଇଛି। ଥାନାରେ ମାମଲା ହେଲେ ପୁଲିସ ତଦନ୍ତ ନାଁରେ ଦିନ ଗଡାଇ ଚାଲିଛି। ହତ୍ୟାକାରୀଙ୍କୁ ଗିରଫ ତ ଦୂରର କଥା ମୃତ୍ୟୁର କାରଣ ମଧ୍ୟ ଜାଣିପାରୁ ନାହିଁ। କେନ୍ଦ୍ରାପଡ଼ା କଲେଜ ଛାତ୍ରୀ ମୃତ୍ୟୁ ଠାରୁ ଆରମ୍ଭ କରି ବଲଙ୍ଗା ନାବାଳିକା ପୋଡ଼ି, ସୋହେଲା ହତ୍ୟାକାଣ୍ଡ ପୁଲିସର ପାରିବାର ପଣିଆକୁ ପଦାରେ ପକାଇ ଦେଇଛି। ସବୁଠି କେବଳ ତଦନ୍ତ ଚାଲିଛି, ହେଲେ ମୃତ୍ୟୁର କାରଣ ଏବେ ବି ରହସ୍ୟ ଘେରରେ।

କେନ୍ଦ୍ରାପଡ଼ା ଛାତ୍ରୀଙ୍କର ଘର ଭିତରେ ମୃତ୍ୟୁ ଘଟଣାରେ ତାଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରାଗଲା। ହେଲେ ଛାତ୍ରୀଙ୍କ ଦେହରେ ନିଆଁ କେମିତି ଲାଗିଲା, ଆଉ ମାତ୍ର ୩୦ ପ୍ରତିଶତ ପୋଡ଼ି ହୋଇ ତାଙ୍କର କେମିତି ମୃତ୍ୟୁ ହେଲା ? ଏ ପ୍ରଶ୍ନର ଉତ୍ତର କେନ୍ଦ୍ରାପଡ଼ା ପୁଲିସ ପାଖରେ ନାହିଁ। ସେହିପରି ବଲଙ୍ଗା ଘଟଣାରେ ବି ସମାନ ଅବସ୍ଥା। ପୀଡିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ ହେଲା, ତାଙ୍କ ଦେହରେ ତିନିଜଣ ନିଆଁ ଲଗାଇ ପୋଡ଼ି ଦେଇଥିବା କଥା ଏଫ୍ଆଇଆର୍‌ରେ ଉଲ୍ଲେଖ ଥିଲା। ନିଜେ ପୀଡ଼ିତା ଏହି ଅଭିଯୋଗ ଆଣିଥିଲେ। କିନ୍ତୁ ତାଙ୍କ ମୃତ୍ୟୁ ପରେ ପୁଲିସର ବୟାନ ପଲଟିଗଲା। ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ ବୋଲି କହି ପୁଲିସ ଚୁପ୍ ବସିଗଲା। ତାଙ୍କ ଦେହରେ କିଏ ନିଆଁ ଲଗାଇଲା? ଏସଂପର୍କରେ ତଦନ୍ତ କେତେ ବାଟ ଗଲା, ସେ କଥା ପୁଲିସକୁ ଜଣା। ଏହାରି ଭିତରେ ଏସ୍‌ପି ବି ବଦଳିଗଲେ, ହେଲେ ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଗଲା। ଏପରିକି ତଦନ୍ତରେ ବିଳମ୍ବ ଯୋଗୁଁ, ନିର୍ଦ୍ଧାରିତ ସମୟ ଭିତରେ ଚାର୍ଜସିଟ ଦାଖଲ ନକଲେ ମାମଲାଟି ଦୁର୍ବଳ ହେବାର ସମ୍ଭାବନା ରହିଛି। ଆହୁରି ମଧ୍ୟ ତଦନ୍ତ ବିଳମ୍ବ ଯୋଗୁ ଅପରାଧୀ ପ୍ରମାଣ ନଷ୍ଟ କରିବା ସହ ଖସିଯିବାର ସମ୍ଭାବନା ମଧ୍ୟ ରହିଛି। ଖୋର୍ଦ୍ଧା, ଜଙ୍କିଆ ଥାନା ଛଣଗିରିରେ ଦିନ ଦ୍ୱିପ୍ରହରରେ ବୋମାମାଡ଼ ସହ ଗୁଳି ଫୁଟାଇ ଆତଙ୍କ ଖେଳାଇଲେ ଅପରାଧୀ। ସ୍ପଷ୍ଟ ଦିବାଲୋକରେ ସୁନା ଦୋକାନରୁ ୧୧କେଜି ସୁନା ଅଳଙ୍କାର, ରୁପା ଅଳଙ୍କାର ସମେତ ନଗଦ ୧ ଲକ୍ଷ ଟଙ୍କା ଲୁଟିନେଲେ। ସେହିପରି ପୁରୀରେ ଅପରାଧୀ ଖଣ୍ଡା ଧରି ରାସ୍ତା ଉପରେ ଭଙ୍ଗାରୁଜା କରୁଥିବାର ଭିଡ଼ିଓ ଭାଇରାଲ ହୋଇଥିଲା। ଏସବୁ ଦେଖିଲେ ଲାଗୁଛି ଯେମିତି ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡିଛି। ପ୍ରତିଦିନ ଏକାଧିକ ଜିଲ୍ଲାର ଏଭଳି ଘଟଣା ପଦାକୁ ଆସୁଥିବାରୁ ବେଳେ ଅନେକ ଲୋକ ଏହାକୁ 'ଏକ୍ସ'(ପୂର୍ବରୁ ଟ୍ୱିଟ୍)ରେ ଓଡ଼ିଶା ପୁଲିସକୁ ଅଭିଯୋଗ ଜଣାଉଛନ୍ତି। ହେଲେ ଓଡ଼ିଶା ପୁଲିସ ପକ୍ଷରୁ କେବଳ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ କରିବାକୁ ଜିଲ୍ଲା ଏସ୍‌ପିଙ୍କୁ ରି ଟ୍ୱିଟ୍ କରି ବସି ପଡୁଛି। କିନ୍ତୁ ବାସ୍ତବରେ ଓଡ଼ିଶା ପୁଲିସ ଟ୍ୱିଟ୍‌ର କିଛିବି ପ୍ରଭାବ ପଡୁନଥିବା ଏକାଧିକ ଅଭିଯୋଗକାରୀ ଅଭିଯୋଗ କରିଛନ୍ତି। ପୁଣି ଗତକାଲି ବରଗଡ଼ ଜିଲ୍ଲା ସୋହେଲା ହଳଦୀପାଲି ପେଟ୍ରୋଲ ପମ୍ପରେ ଯେଉଁ ହତ୍ୟାକାଣ୍ଡ ଘଟିଛି ତାହା ସମସ୍ତଙ୍କୁ ଚକିତ କରି ଦେଇଛି। ବଳିଷ୍ଠ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରାଯାଇଛି। ସେହିପରି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାୟଗଡା ସହରରେ ମଧ୍ୟ ହତ୍ୟାକାଣ୍ଡ ଘଟିଛି। କାହା ବଳରେ ଅପରାଧୀ ହଠାତ ଏମିତି ସକ୍ରିୟ ହୋଇଛନ୍ତି ଏବଂ କାହା ଚାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାରେ ପଛାଉଛି, ତାହା ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ।

## ଗଣେଶ ପୂଜା ଭସାଣିରେ ଅଘଟଣ

# ପୋଖରୀରେ ବୁଡ଼ି ଛାତ୍ର ମୃତ

ପାଣିକୋଇଲି, ୨୯।୮(ସମିସ): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅମୃତିଆ ପଞ୍ଚାୟତ ଅନ୍ତର୍ଗତ ରଙ୍ଗରଙ୍ଗା ଗ୍ରାମରେ ଆଜି ଏକ ଅଘଟଣ ଘଟିଛି। ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗ୍ରାମର ବସନ୍ତ କୁମାର ସାହୁଙ୍କ ପୁଅ ସତ୍ୟପ୍ରକାଶ(୧୩)। ସେ ଗ୍ରାମରେ ଥିବା ପ୍ରହ୍ଲାଦ ଉଚ୍ଚ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ର।

ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧୧ଟାରେ ସ୍କୁଲରେ ଗଣେଶ ମୂର୍ତ୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଗଣେଶଙ୍କ ମୂର୍ତ୍ତିଙ୍କୁ ଧରି ବିଦ୍ୟାଳୟର ପ୍ରାୟ ୧୦ ଜଣ ପିଲା ସ୍ଥାନୀୟ ଏକ ପୋଖରୀକୁ ବିସର୍ଜନ ନିମନ୍ତେ ଯାଇଥିଲେ। ବିସର୍ଜନ ସାରି ଗାଧୋଇବା ବେଳକୁ ଜଣକ ପରେ ଜଣେ ପୋଖରୀର ଗଭୀର ଜଳରେ ବୁଡ଼ି ଯାଇଥିଲେ। ଏହା ଦେଖି ଗ୍ରାମବାସୀମାନେ ୯ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସତ୍ୟପ୍ରକାଶକୁ ପାଇନଥିଲେ। ବହୁ ଖୋଜାଖୋଜି ପରେ ସତ୍ୟକୁ ପୋଖରୀର ଗଭୀର ଜଳରୁ ଉଦ୍ଧାର କରି ବୈତରଣୀରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାର ଡାକ୍ତର ସତ୍ୟକୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବିନା ଶିକ୍ଷକରେ ପିଲାମାନଙ୍କୁ କିଏ ଓ କାହିଁକି ବିସର୍ଜନ ପାଇଁ ପଠାଇଥିଲା, ତାହାର ତଦନ୍ତ କରିବାକୁ ଦାବି ହୋଇଛି।



ପୁରୀରେ ମହାପ୍ରଭୁଙ୍କ ଦର୍ଶନ ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ସାଂସଦ ଓ ବିଧାୟକଗଣ

# ଶ୍ରୀମନ୍ଦିର ପରିଚାଳନା କମିଟି ଚୟନକୁ ନେଇ କେଁ

■ ସୁଆର ମହାସୁଆର ନିଯୋଗର ସମୂହ ସ୍ୱାର୍ଥକୁ କୁଠାରାଘାତ
■ ମନ୍ଦିରକୁ ଡାଲ୍‌ଡା ଘିଅ ପ୍ରବେଶ ରୋକିବାରେ ପ୍ରଶାସନ ବିଫଳ

ପୁରୀ,୨୯।୮(ସମିସ): ପରିଚାଳନା କମିଟି ଚୟନ ନେଇ କେଁ ସୃଷ୍ଟି ହୋଇଛି। ଅସନ୍ତୋଷ ଝାଡ଼ିଛନ୍ତି ସୁଆର ମହାସୁର ନିଯୋଗର ଜଣେ କର୍ମକର୍ତ୍ତା। ସେ କହିଛନ୍ତି, ଦୀର୍ଘ ୧ ବର୍ଷ ପରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରିଛନ୍ତି। ସରକାରଙ୍କ ପକ୍ଷରୁ ୧୦ ଜଣଙ୍କ ନାମ ପ୍ରକାଶ ପାଇଛି। ନିୟମ ଅନୁଯାୟୀ, ସେଥିରେ ୫ ଜଣ ବିଭିନ୍ନ ନିଯୋଗରୁ ଚୟନ କରାଯାଇଛି। ଏଥିରେ ରାଜ୍ୟ ସରକାର ସୁଆର ମହାସୁଆର ନିଯୋଗ ସହ ଅନ୍ୟାୟ କରିଛନ୍ତି। ସରକାର ଯେବେ କୌଣସି ସଙ୍କଟରେ ପଡ଼ିଛନ୍ତି ସେତେବେଳେ ସୁଆର ମହାସୁଆର ନିଯୋଗକୁ ସ୍ୱାର୍ଥ ନିମନ୍ତେ ବ୍ୟବହାର କରିଛନ୍ତି। ସ୍ୱାର୍ଥ ସରିଗଲା ପରେ ଅଲୋଡ଼ା, ଅଦରକାରୀ ପଦାର୍ଥ ପରି ଦୂରେଇ ଦେଇଛନ୍ତି। ସୁଆର ମହାସୁଆର ନିଯୋଗର ସମୂହ ସ୍ୱାର୍ଥକୁ କୁଠାରାଘାତ କରି ଏକ ନିର୍ଦ୍ଦିଷ୍ଟ ବଡୁସୁଆର ଗୋଷ୍ଠୀକୁ ତୃତୀୟଥର ପାଇଁ ଶ୍ରୀମନ୍ଦିର ପରିଚାଳନା ପଦ ଉଦ୍ଦେଶ୍ୟମୂଳକ ଭାବେ ଦିଆଯାଇଛି। ଯାହାକୁ ସେ ଘୋର୍ ନିନ୍ଦା କରିଛନ୍ତି। ପରିଚାଳନା କମିଟିରେ ସୁଆର ମହାସୁଆର ନିଯୋଗର ସଦସ୍ୟଙ୍କୁ ସ୍ଥାନ ଦେଇଥିଲେ ଶ୍ରୀମନ୍ଦିର ଭିତରେ ଥିବା ଅନେକ ସମସ୍ୟା ଦୂର ହୋଇପାରିଥା'ନ୍ତା। କାରଣ ସରକାର ଅନେକ କାର୍ଯ୍ୟରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି। ଯେପରି ସକାଳ ଧୂପରେ ଦେଖାଯାଉଥିବା ବିଶୃଙ୍ଖଳାକୁ ଶୃଙ୍ଖଳିତ କରିବା ନିମନ୍ତେ ପଦକ୍ଷେପ ନିଆଯାଇଥା'ନ୍ତା। ଆନନ୍ଦ ବଜାରରେ ଶୃଙ୍ଖଳା ପାଇଁ ନିଯୁକ୍ତ ୨୦ଜଣ ଏକ୍ସ ମିଲିଟାରୀ ସଭ୍ୟଙ୍କ କାର୍ଯ୍ୟ କୌଣସି ଫଳପ୍ରଦ ନୁହେଁ। ଏଥି ନିମନ୍ତେ ପ୍ରଦାନ କରାଯାଉଥିବା ମାସିକ ୫ଲକ୍ଷ ଟଙ୍କା ପ୍ରଶାସନର ଅଯଥା ବ୍ୟୟ ହେଉଛି। ମହାପ୍ରସାଦ ଦର ଚାର୍ଟ ଓ ଖଜା ଦୋକାନ ସ୍ଥାନାନ୍ତର ପୁନର୍ବାର ସ୍ଥଗିତ ରହିଛି। ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପ୍ରଚୁର ପରିମାଣରେ ଡାଲ୍‌ଡା ଘିଅ ଭିତରକୁ ପ୍ରବେଶ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ବିନା ତାଲିମ୍ ଓ ବିନା ଚୟନ ପ୍ରକ୍ରିୟାରେ ଅର୍ଥରାଶି ଦେଇ ୭୫ଜଣ ଜେଟିପି ସ୍କାର୍ଟଙ୍କୁ ନିଯୁକ୍ତି କରାଯାଇଛି। ଏହା ତଦନ୍ତସାପେକ୍ଷ ଅଟେ। ପ୍ରଶାସନ ମୂଳଦାରୁଘରକୁ ଭଗ୍ନ ଅବସ୍ଥାରେ ରଖି ମହାଲକ୍ଷ୍ମୀଙ୍କର ରୋଷ ସାମଗ୍ରୀ ଘରକୁ ଦାରୁ ସଂରକ୍ଷଣ ଗୃହଭାବେ ଅନଧିକୃତଙ୍କୁ ଟେକି ଦେଇଛନ୍ତି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲାପରେ ମଧ୍ୟ ପ୍ରଶାସନ ନିରବ ରହିଛି। ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ବ୍ୟବହାର ହେବାକୁ ଥିବା ରାମ୍ପ ଭୋଗମଣ୍ଡପ ପୂର୍ବରୁ କାଢ଼ିବା ଅତ୍ୟନ୍ତ ବିଳମ୍ବ ପ୍ରକ୍ରିୟା। ଏହାକୁ ବରିଷ୍ଠ ସୁପକାରମାନେ ବିରୋଧ କରୁଛନ୍ତି। ଅମୃତ ଅନ୍ନକୁ ସୁପକାରମାନେ ଭୋଗ ଲାଗିକରି ଭକ୍ତମାନଙ୍କୁ ଦେବାପାଇଁ ସ୍ଥିର ହୋଇଥିଲା। ମାତ୍ର ଏହା ବିଚାରାଧୀନ ରହିବାକୁ ସ୍ଥିର ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ମିଳିତଭାବେ ୧୪ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ସୁଆର ମହାସୁଆର ନିଯୋଗକୁ ହସ୍ତାନ୍ତର କରିଥିଲେ। ଉକ୍ତ ସମୟରେ ୩ ହଜାର ଭକ୍ତଙ୍କୁ କାନିକା, ଖେଚୁଡ଼ି ବଣ୍ଟନ କରିବା ପାଇଁ ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ ଓ ଶ୍ରୀମନ୍ଦିର ପରିଚାଳନା କମିଟି ଉପସ୍ଥିତିରେ ଏକ ଗୋଟି କାନିକାକୁ ୨୦୦୦ ଟଙ୍କାରେ ଦେବାପାଇଁ ସ୍ଥିର ହୋଇଥିଲା। ଆଜି ଯାଏଁ ସେହି ଟଙ୍କା ମିଳିନଥିବାରୁ ନିରୀହ ସୁପକାରମାନେ ଆଗାମୀ ଦିନରେ ହବିଷ୍ୟାଳି ଯୋଜନାରେ ଅସହଯୋଗ କରିପାରନ୍ତି। କିଛିଦିନ ତଳେ ବଳନ୍ତି ଚାଉଳକୁ ସୁଆର ମହାସୁଆର ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନ ୨କୋଟି ୮୭ଲକ୍ଷ ଟଙ୍କାରେ ବିକ୍ରିକରି ପ୍ରଶାସନ ପାଖରେ ଦାଖଲ କରାଯାଇଛି। ସେହି ଅର୍ଥରୁ ନିଯୋଗର ଉକ୍ତ ପ୍ରସାଦ ବଣ୍ଟନ ବାବଦକୁ ବକେୟା ଥିବା ଟଙ୍କା ପରିଶୋଧ କରାଯିବା ଉଚିତ୍। କାର୍ତ୍ତିକ ମାସରେ ପ୍ରତ୍ୟେକ ଦିନ ୧୦୦ରୁ ୧୨୦ କ୍ୱିଣ୍ଟାଲ କାଠର ବ୍ୟବସ୍ଥା ଯଦି ନ ହୁଏ, ତେବେ ଚଳିତ ବର୍ଷ ହବିଷ୍ୟାଳି ମହାପ୍ରସାଦ ନ ରାନ୍ଧିବା ପାଇଁ ଯୋଜନା କରାଯାଇଛି ବୋଲି ବିଶେଷ ସୂତ୍ରରୁ ଖବର ମିଳୁଛି। ଶ୍ରୀମନ୍ଦିରରେ ଓମ୍‌ଫେଡ୍ ଘିଅର ବ୍ୟବହାର ୧ ବର୍ଷ ମଧ୍ୟରେ ପ୍ରାୟ ୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ବାରମ୍ବାର ନିମ୍ନମାନର ଘିଅ ଯୋଗାଉଛନ୍ତି। ଯାହାଫଳରେ ସୁଆର ମହାସୁଆର ନିଯୋଗ ଭଲ ଘିଅ ପାଇଁ ଅନ୍ୟ କମ୍ପାନୀମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।



■ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ସୌମ୍ୟାଶ୍ରୀଙ୍କ ବାପା

# କମିଟି ସଦସ୍ୟଙ୍କୁ ଶୀଘ୍ର ବାନ୍ଧ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା

ବାଲେଶ୍ୱର,୨୯।୮(ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୪ଜଣ ଗିରଫ ହୋଇଛନ୍ତି। କିନ୍ତୁ ଯେଉଁ ଆଇସିସି କମିଟିର ରିପୋର୍ଟ ପାଇଁ ହତାଶ ହୋଇ ଝିଅ ଆତ୍ମହତ୍ୟା କଲା, ସେ କମିଟି ସଦସ୍ୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଅଭିଯୋଗ କରି ଆଜି ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶି ବାଲେଶ୍ୱର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଛନ୍ତି। ଯେଉଁମାନେ ଝିଅକୁ ଆତ୍ମହତ୍ୟା ପାଇଁ ଉସୁକାଇଥିଲେ, ଝିଅକୁ ପ୍ରତାରଣା ଏବଂ ମାନସିକ ନିର୍ଯାତନା ଦେଇଥିଲେ, ସେମାନଙ୍କ ଉପରେ ଏପର୍ଯ୍ୟନ୍ତ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି ବୋଲି ସେ ପ୍ରଶ୍ନ କରିଛନ୍ତି। ସେମାନଙ୍କ ବିରୋଧରେ ମଧ୍ୟ ହତ୍ୟା ମାମଲା ରୁଜୁ ହେଉ ବୋଲି ବଳରାମ ଦାବି କରିଛନ୍ତି। ତେବେ ଉଭୟ ଜିଲ୍ଲାପାଳ ଓ ଏସ୍‌ପି ତାଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ।

# ୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୨୯।୮(ସମିସ): ଆସନ୍ତା ସେପ୍ଟେମ୍ବର ୧ତାରିଖ (ସୋମବାର) ଦିନ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଇ-ବସ୍ ପ୍ରତି ବଢୁନି ଆଗ୍ରହ

■ ଆଗ୍ରହ ଦେଖାଉନାହାନ୍ତି ଘରୋଇ ବସ୍ ମାଲିକ
■ ଇଭି ଭିତ୍ତିଭୂମି ନଥିବାରୁ ଅନାଗ୍ରହ
■ କେବଳ ସରକାରୀ କ୍ଷେତ୍ରରେ ଚାଲୁଛି

ଭୁବନେଶ୍ୱର,୨୯।୮(ସମିସ): ପରିବେଶ ଅନୁକୂଳ ଇ-ବସ୍ ଚଳାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଅଧିକରୁ ଅଧିକ ଇ-ବସ୍ ଚଳାଇବା ସହ ଅଧିକ ଯାତ୍ରୀ ବ୍ୟବହାର କରିବା ଉପରେ ସହରାଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଏଥିରେ ବିଶେଷକରି ଯାତ୍ରୀଙ୍କ ପାଇଁ ସହଜ ଓ ସୁବିଧା ଯାତାୟାତ ବ୍ୟବସ୍ଥା ଉପଲବ୍ଧ ହେଉଛି। ସାଧାରଣ ପରିବହନ ସେବାରେ ଇ-ବସ୍‌ର ବ୍ୟବହାର ବୃଦ୍ଧି ପାଉଛି। ମାତ୍ର ଏହା କେବଳ ସରକାରୀସ୍ତରରେ ସୀମିତ ରହିଛି। ବେସରକାରୀସ୍ତରରେ ଏହାକୁ ଆପଣାଯାଉନି। ଏଥିସହ ଦୂରଯାତ୍ରା କ୍ଷେତ୍ରରେ ଇ-ବସ୍‌କୁ ମଧ୍ୟ ବର୍ତ୍ତମାନ ସୁଦ୍ଧା ବ୍ୟବହାର କରାଯାଇପାରୁନି। ରାଜ୍ୟରେ ଇ-ବସ୍ ପାଇଁ ଆବଶ୍ୟକ ଭିତ୍ତିଭୂମି ବିକଶିତ ହୋଇନି। ବିଶେଷକରି, ମରାମତି ଓ ରକ୍ଷଣାବେକ୍ଷଣ କରିବା ପାଇଁ ସେଭଳି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ତେଣୁ ଘରୋଇ ବସ୍ ମାଲିକମାନେ ଇ-ବସ୍ ପ୍ରତି ଆଗ୍ରହ ପ୍ରକାଶ କରୁନଥିବା ଦେଖାଯାଉଛି।

ଇ-ବସ୍ ଚଳାଚଳ କ୍ଷେତ୍ରରେ ଓଡ଼ିଶା ଦେଶରେ ପଞ୍ଚମ ସ୍ଥାନରେ ରହିଛି। ଏ କ୍ଷେତ୍ରରେ ଦିଲ୍ଲୀ ପ୍ରଥମ ସ୍ଥାନରେ ଥିବା ବେଳେ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ଦେଶରେ ପରିବେଶ ଅନୁକୂଳ ଏହି ଇ-ବସ୍ ଚଳାଇବା ପାଇଁ କେନ୍ଦ୍ର ସରକାର ଏକାଧିକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଶେଷକରି ସହରାଞ୍ଚଳରେ ଇ-ବସ୍ ଚଳାଚଳକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍-ଇ ବସ୍ ସେବା ଏବଂ ପିଏମ୍-ଇ-ଡ୍ରାଇଭ୍ ଭଳି ଯୋଜନା କରାଯାଉଛି। ଏହି ଯୋଜନାରେ ଇ-ବସ୍ ଚଳାଚଳ ପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହି ଯୋଜନାରେ ସାମିଲ ହେବା ପାଇଁ ରାଜ୍ୟ ପରିବହନ ନିଗମଗୁଡ଼ିକ ସେମାନଙ୍କ ପ୍ରସ୍ତାବ କେନ୍ଦ୍ର ନିକଟକୁ ପଠାଇଲେ ଏହା ଉପରେ କେନ୍ଦ୍ର ବିଚାର କରିବ। ସେହିଭଳି ବିଭିନ୍ନ ରାଜ୍ୟର ନଗର ଉନ୍ନୟନ ବିଭାଗ ମଧ୍ୟ ଏଥିପାଇଁ କେନ୍ଦ୍ର ନିକଟରେ ପ୍ରସ୍ତାବ ଦେଉଛନ୍ତି।

ସୂଚନାନୁଯାୟୀ, ସମଗ୍ର ଦେଶରେ ଏବେ ୧୪,୩୨୯ଟି ଇ-ବସ୍ ଚାଲୁଥିବା ବେଳେ ଦିଲ୍ଲୀରେ ସର୍ବାଧିକ ୩୫୬୪ଟି ଚଳାଚଳ କରୁଛି। ଏହା ପଛକୁ ମହାରାଷ୍ଟ୍ର ରହିଛି। ସେହି ରାଜ୍ୟରେ ୩୨୯୬ଟି ବସ୍ ଚଳାଚଳ କରୁଥିବା ବେଳେ କର୍ଣ୍ଣାଟକରେ ୨୨୩୬ଟି, ଉତ୍ତରପ୍ରଦେଶରେ ୮୫୦ଟି ଓ ଏହା ପଛକୁ ଓଡ଼ିଶାକୁ ୪୫୦ଟି ଇ-ବସ୍ ମିଳିଛି। ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଇ-ବସ୍ ସଂଖ୍ୟା ୨୩୮ଟି ଥିବା ବେଳେ ଛତିଶଗଡ଼ରେ ୨୧୫, ଝାଡ଼ଖଣ୍ଡରେ ୪୬ ଓ ପଶ୍ଚିମବଙ୍ଗରେ ୩୯୧ଟି ଇ-ବସ୍ ମିଳିଛି। ନୀତି ଆୟୋଗ ପକ୍ଷରୁ ସମଗ୍ର ଦେଶରେ ଏହି ପରିବେଶ ଅନୁକୂଳ ଇ-ବସ୍ ଚଳାଚଳ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ହେଉଥିବା ବେଳେ ୫୦ ହଜାର ଇ-ବସ୍ ଲକ୍ଷ୍ୟ ପୂରଣ ପାଇଁ କନଭରଜେନ୍ସ ଏନର୍ଜି ସର୍ଭିସ ଲିମିଟେଡ୍ (ସିଇସିଏଲ୍)କୁ ୨୦୨୨ ମସିହାରେ କୁହାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କଲେ ଲେଖାଶ୍ରୀ

# "ମହିଳାଙ୍କ ପ୍ରତି ସମ୍ମାନ କେବଳ ରାଜନୈତିକ ଚାଟୁକାରିତାରେ ସୀମିତ"

■ ନୀଳଗିରି ବିଧାୟକଙ୍କ ଅସଭ୍ୟ, ଅଶୋଭନୀୟ ଭାଷାକୁ ୨ ମାସ ପୂରିଲା
■ ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ ପଦୁଟିଏ ଶବ୍ଦ ବାହାରିଲାନି

ଭୁବନେଶ୍ୱର, ୨୯।୮(ସମିସ): ବିହାର ଦରଭଙ୍ଗାଠାରେ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱର୍ଗୀୟା ମା'ଙ୍କ ପ୍ରତି ଅପଶବ୍ଦ ପ୍ରୟୋଗକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏପରି ଅପଶବ୍ଦକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ କଡ଼ା ଭାଷାରେ ନିନ୍ଦା କରିଥିବା ବେଳେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡିର ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର। ମହିଳାଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏ ସମ୍ମାନ କେବଳ ରାଜନୈତିକ ଚାଟୁକାରିତା ଭିତରେ ସୀମିତ ବୋଲି ସେ କହିଛନ୍ତି।

ଲେଖାଶ୍ରୀ କହିଛନ୍ତି, ବିହାରରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ଉପରେ ହୋଇଥିବା ଅସଭ୍ୟ ଟିପ୍ପଣୀକୁ ଭର୍ତ୍ସନା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଧନ୍ୟବାଦ। ମହିଳାଙ୍କ ଉପରେ ଅତ୍ୟାଚାର, ଅପରାଧ ଓ ଅସମ୍ମାନର ବିରୋଧ କରିବା ଓ ଦୋଷୀକୁ ଦଣ୍ଡିତ କରିବା ସମସ୍ତଙ୍କ ଗୁରୁଦାୟିତ୍ୱ। ମୁଖ୍ୟମନ୍ତ୍ରୀ ଭାବେ ଆପଣଙ୍କ ଦାୟିତ୍ୱ ସବୁଠାରୁ ଅଧିକ। ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ସମ୍ମାନ ପାଇଁ ଆପଣ ଅଣ୍ଟା ଭିଡ଼ିଲେ ଭଲ କଥା। ମାତ୍ର ମୋ ଉପରେ ଆପଣଙ୍କ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା କୁତ୍ସିତ, ଅସଭ୍ୟ, ଅଭଦ୍ର ମନ୍ତବ୍ୟକୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଆପଣଙ୍କ ମୁହଁରୁ ଉଁ ଟିଏ ମଧ୍ୟ ବାହାରିଲା ନାହିଁ। ଆପଣଙ୍କର ମହିଳାଙ୍କ ପ୍ରତି ଏ ସମ୍ମାନ କେବଳ ରାଜନୈତିକ ଚାଟୁକାରିତା ଭିତରେ ସୀମିତ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଲେଖାଶ୍ରୀଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ, ଅଭଦ୍ର ମନ୍ତବ୍ୟକୁ ନେଇ ବିଜେଡି ଦିଲ୍ଲୀରୁ ଓଡ଼ିଶା ଯାଏଁ ସ୍ୱର ଉତ୍ତୋଳନ କରିଆସିଛି। ଦିଲ୍ଲୀରେ ରାଷ୍ଟ୍ରୀୟ ମହିଳା ଆୟୋଗ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ରାଜ୍ୟ ପୁଲିସ ମୁଖିଆଙ୍କ ନିକଟରେ ଏନେଇ ବିଜେଡି ଫେରାଦ ହୋଇଥିଲେ ମଧ୍ୟ ଶ୍ରୀ ଖଟୁଆଙ୍କ ବିରୋଧରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

## ବିଦ୍ୟାଳୟରେ ଛାତ୍ରୀଙ୍କୁ ଅସଦାଚରଣ

# ସଂସ୍କୃତ ଶିକ୍ଷକ ନିଲମ୍ବିତ

ରାଉରକେଲା/ବଣାଇଁ,୨୯।୮(ସମିସ): ଗୁରୁ-ଶିଷ୍ୟ ମଧ୍ୟରେ ଥିବା ପବିତ୍ର ସମ୍ପର୍କରେ ପୁଣି ଲାଗିଛି କଳଙ୍କ। ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ୍‌ର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ସଂସ୍କୃତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଘଟଣାକୁ ନେଇ ଗତ ୨୦ ତାରିଖରୁ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ୧୧ଦିନ ପରେ ଶୁକ୍ରବାର ଲୋକଲୋଚନକୁ ଆସିଛି।

ସୂଚନାନୁଯାୟୀ, ଗୁରୁଣ୍ଡିଆ ବ୍ଲକ୍ ଅନ୍ତର୍ଗତ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ଅଗଷ୍ଟ ୧୬ରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଶାଗ ତୋଳିବାକୁ କହି ବିଦ୍ୟାଳୟ ପଛପଟକୁ ଡାକିନେଇ ସେଠାରେ ସ୍କୁଲର ସଂସ୍କୃତ ଶିକ୍ଷକ ଅସଦାଚରଣ କରିଥିଲେ। ଏ ବିଷୟରେ ଛାତ୍ରୀଜଣକ ପ୍ରତିବାଦ କରିବା ସହ ସାଙ୍ଗମାନଙ୍କୁ ଜଣାଇବା ପରେ ଆଉ ୭ଜଣ ଛାତ୍ରୀଙ୍କୁ ମଧ୍ୟ ସମ୍ପୃକ୍ତ ସଂସ୍କୃତ ଶିକ୍ଷକ ବିଦ୍ୟାଳୟ ପରିସରରେ ଅନୁରୂପ ଭାବେ ଅସଦାଚରଣ କରିଥିବା ସାମ୍ନାକୁ ଆସିଥିଲା। ଏବେ ଛାତ୍ରୀଙ୍କ ଅଭିଭାବକ ଜାଣିବା ପରେ ଗତ ୧୮ ତାରିଖରେ ୧୦ରୁ ୧ ଜଣ ଅଭିଭାବକ ବିଦ୍ୟାଳୟର କମିଟି ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ନଚେତ୍ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ଚେତାବନୀ ଦେଇଥିଲେ। ପରେ ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା ସିନ୍ଦୂର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏନେଇ ଲିଖିତ ଭାବେ ଜଣାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ୪ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକାରୀ ଅଧିକାରୀମାନେ ପୀଡ଼ିତା ଛାତ୍ରୀ ଓ ସମସ୍ତ ଶିକ୍ଷକମାନଙ୍କର ବୟାନ ରେକର୍ଡ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟକୁ ଆଧାର କରି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବରିହା ଗତ ୨୦ ତାରିଖରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକଙ୍କ ନାମରେ ଗୁରୁଣ୍ଡିଆ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ସଂସ୍କୃତ ଶିକ୍ଷକଙ୍କୁ ନିଲମ୍ବନ କରିଥିଲେ।

ଡିଇଓଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନ ଶିକ୍ଷୟିତ୍ରୀ ଗୁରୁଣ୍ଡିଆ ଥାନାରେ ସଂସ୍କୃତ ଶିକ୍ଷକଙ୍କ ନାମରେ ଗତ ୨୦ ତାରିଖରେ ଏତଲା ଦେବା ସହ ନିଲମ୍ବନ ଚିଠିର ଏକ ନକଲ ମଧ୍ୟ ପ୍ରଦାନ କରିଥିଲେ। ନିଲମ୍ବନ ପରେ ଗୁରୁଣ୍ଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ସଂସ୍କୃତ ଶିକ୍ଷକ ଯୋଗଦେଇ ଗିରଫ ହେବା ଭୟରେ ଛୁଟିରେ ନିଜ ଗାଁ ବଲାଙ୍ଗୀରକୁ ଚାଲିଯାଇଥିବା ସୂଚନା ମିଳିଛି। ସେପଟେ ଗୁରୁଣ୍ଡିଆ ଥାନାରେ ଏତଲା ଦିଆଯିବା ପରେ ଥାନା ଅଧିକାରୀ ରାମେଶ୍ୱର ସିଂହ ଏନେଇ ସମ୍ପୃକ୍ତ ସଂସ୍କୃତ ଶିକ୍ଷକଙ୍କ ନାମରେ ଅସଦାଚରଣ ଓ ପୋକ୍ସୋ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ତେବେ ଘଟଣାକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ଏପରି ଏକ ସମ୍ବେଦନଶୀଳ ମାମଲାରେ ପୁଲିସର କାର୍ଯ୍ୟାନୁଷ୍ଠାନ ଆଖିଦୃଶିଆ ନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଲା-ନିନା କମାଇବ ତାପମାତ୍ରା

# ଏ ବର୍ଷ ଶୀତ ଅଧିକ

## ଶୀଘ୍ର ଆସିବ; ଡେରିରେ ଫେରିବ

ଭୁବନେଶ୍ୱର,୨୯।୮(ସମିସ): ଏ ବର୍ଷ ଭଲ ଶୀତ ଅନୁଭୂତ ହେବ। ସାରା ଦେଶ ସମେତ ଓଡ଼ିଶାରେ ଭଲ ଶୀତ ହେବା ନେଇ ଏବେଠାରୁ ପୂର୍ବାନୁମାନ କରାଯାଇଛି। ଲା-ନିନାର ସକ୍ରିୟତା ଯୋଗୁଁ ରାଜ୍ୟକୁ ଶୀଘ୍ର ଶୀତ ଆସିବା ସହ ଏହାର ପ୍ରଭାବ ମଧ୍ୟ ଭଲ ରହିବା ନେଇ ପୂର୍ବାନୁମାନ କରାଯାଉଛି। ଆମେରିକା ଜାତୀୟ ମହାସାଗରୀୟ ଏବଂ ବାୟୁ ମଣ୍ଡଳୀୟ ପ୍ରଶାସନ (ଏନଓଏଏ) ଓ ବିଶ୍ୱ ପାଣିପାଗ ସଂସ୍ଥା (ଡବ୍ଲ୍ୟୁଏମ୍‌ଓ) ଭଳି ସଂସ୍ଥା ଭାରତରେ ଶୀତ ପାଇଁ ସ୍ଥିତି ଅନୁକୂଳ ରହିବା ନେଇ ଆକଳନ କରିଥିବା ବେଳେ ମୌସୁମୀ ପରେ ଦେଶରେ ଚଳିତ ବର୍ଷ ଶୀତକୁ ନେଇ ମଧ୍ୟ ଆଶ୍ୱସ୍ତି ମିଳିଛି।

ଏନଓଏଏଙ୍କ ଅନୁସାରେ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଲା-ନିନା ବିକଶିତ ହେବାର ପାଖାପାଖି ୫୩ ପ୍ରତିଶତ ସମ୍ଭାବନା ରହିଛି। ବର୍ଷ ଶେଷ ବେଳକୁ ଏହି ସମ୍ଭାବନା ୫୮ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରେ। ଥରେ ଏହା ଆରମ୍ଭ ହେବା ପରେ ଏହି ଜଳବାୟୁ ପ୍ରକ୍ରିୟା ଅଧିକାଂଶ ସମୟ ଶୀତ ଋତୁ ପର୍ଯ୍ୟନ୍ତ ସକ୍ରିୟ ରହେ ଓ ପ୍ରାରମ୍ଭିକ ବସନ୍ତ ଋତୁକୁ ମଧ୍ୟ ପ୍ରଭାବିତ କରିଥାଏ। ଲା ନିନା ଏକ ପ୍ରାକୃତିକ ଜଳବାୟୁ ପ୍ରଣାଳୀ ହୋଇଥିବା ବେଳେ ଏହା ଉଭୟ ବର୍ଷା, ଶୀତ ଓ ଖରା ଉପରେ ବଡ଼ ପ୍ରଭାବ ବିସ୍ତାର କରିଥାଏ। ଏହି ପ୍ରକ୍ରିୟାରେ ଭୂମଧ୍ୟ ରେଖୀୟ ପ୍ରଶାନ୍ତ ମହାସାଗରର ପାଣି ଅଧିକ ଥଣ୍ଡା ହୋଇଯାଏ। ଏହା ଉପର ବାୟୁମଣ୍ଡଳୀୟ ସ୍ଥିତିକୁ ମଧ୍ୟ ପ୍ରଭାବିତ କରେ, ଏଥିପାଇଁ ଭାରତ ସମେତ ଅଧିକାଂଶ ଦେଶରେ ଅନୁକୂଳ ପାଗ ରହିଥାଏ। ବର୍ତ୍ତମାନ ଓଡ଼ିଶା ସମେତ ସାରା ଦେଶରେ ମୌସୁମୀ ବେଶ ସ୍ୱାଭାବିକ ରହିଛି। ଉଭୟ ବଙ୍ଗୋପସାଗର ଓ ଆରବ ସାଗରରେ କ୍ରମାଗତ ଭାବେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ଯୋଗୁ ମୌସୁମୀ ସକ୍ରିୟ ରହିବା ପାଇଁ ପାଗ ଅନୁକୂଳ ହେଉଛି। ଫଳରେ ଉତ୍ତରରୁ ଦକ୍ଷିଣ ଓ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ବର୍ଷା ସ୍ଥିତି ଭଲ ରହିଛି।

ଗତ ୨୦୨୦-୨୩ ମସିହା ପର୍ଯ୍ୟନ୍ତ ଲା-ନିନା ସକ୍ରିୟ ରହିଥିଲା। ମାତ୍ର ୨୦୨୩-୨୪ରେ ଏଲ୍-ନିନୋ ସକ୍ରିୟ ରହିଥିବା ବେଳେ ଶୀତ ଉପରେ ଏହା ଗୁରୁତର ଭାବେ ପ୍ରଭାବ ପକାଇଥିଲା। ବିଶେଷ କରି ୨୦୨୪ ମସିହାରେ ଶୀତ ଉଭାନ ହୋଇଯାଇଥିଲା। ଶୀତ ଋତୁରେ ଅନେକ ସମୟରେ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବା ସହିତ ଶୀତ ଲହରୀ ସ୍ଥିତି ମଧ୍ୟ ଦେଖିବାକୁ ମିଳି ନ ଥିଲା। କାଁ ଭାଁ ଶୀତରେ ୨୦୨୪ ଶେଷ ହେବା ସହ ଫେବୃଆରୀ ଆରମ୍ଭରୁ ଖରାର ରାଜୁତି ଦେଖା ଦେଇଥିଲା। ଶୀତ ଋତୁରେ ତାପମାତ୍ରା ନ କମିବା ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଅସଙ୍ଗତି ସୃଷ୍ଟି ହୋଇଥାଏ। ଚର୍ମ ରୋଗଠାରୁ ଆରମ୍ଭ କରି ରବି ଫସଲ ମଧ୍ୟ ପ୍ରଭାବିତ ହୋଇଥାଏ। ବିଶେଷ କରି ଯେଉଁ ଫସଲଗୁଡ଼ିକ କମ୍ ତାପମାତ୍ରାରେ ଭଲ ଅମଳ ଦେଇଥାନ୍ତି, ସେପରି ଫସଲ କ୍ଷତିଗ୍ରସ୍ତ ହୋଇଥାଏ।

### ସୁନାଚୋରି ମାମଲାରେ ପର୍ଦ୍ଦାଫାଶ

# ମହିଳାଙ୍କ ସମେତ ୫ ଗିରଫ; ଅଳଙ୍କାର ଜବତ

ପାଣିକୋଇଲି,୨୯।୮ (ସମିସ)

କୋରେଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ହୋଇଥିବା ଚୋରି ଘଟଣାରେ ପୁଲିସ ଜଣେ ମହିଳାଙ୍କ ସମେତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ ୧୫୦ ଗ୍ରାମର ସୁନା ଅଳଙ୍କାର ଜବତ କରିଛି। ସେମାନେ ହେଲେ ଯାଜପୁରରୋଡ଼ ଥାନା ହୁଡ଼ିସାହି ଅଞ୍ଚଳର ବୁଟୁରୁ ଦାସ (୨୭), ରବୀନ୍ଦ୍ର ପାତ୍ର (୩୦), ଶଭମ ଓଝା (୨୧), ଯୋଗୀସାହି ଅଞ୍ଚଳର ମଣ୍ଟୁ ମୁଣ୍ଡା (୨୨) ଏବଂ ମୋହରମ୍‌ସାହି ଅଞ୍ଚଳର ଅଜମିରା ବିବି (୩୫)। ଆଜି କୋରେଇ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଏବଂ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ଏନେଇ ସୂଚନା ଦେଇଛନ୍ତି। ଘଟଣା ମୁତାବକ, ଗତ ଜୁଲାଇ ମାସରେ କୋରେଇ ଥାନା କହ୍ନେଇପୁର ସ୍ଥିତ ତ୍ରିପାଠୀ ଲେନ୍‌ରେ ରହୁଥିବା କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ଘରୁ ଚୋରି ହୋଇଥିବାର ଥାନାରେ ଅଭିଯୋଗ ହୋଇଥିଲା। ଘରେ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତମାନେ ଘରର ତାଲା ଭାଙ୍ଗି ଆଲମିରାରେ ଥିବା ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିଲେ। ସେହିପରି ଚଳିତ ମାସ ୧୯ ତାରିଖରେ ସନ୍ତରା ସ୍ଥିତ ଅଷ୍ଟନାମି ଆପାର୍ଟମେଣ୍ଟରେ ରହୁଥିବା ନିର୍ମଳ କୁମାର ପଣ୍ଡାଙ୍କ ଘରୁ ମଧ୍ୟ ସମାନ ଢଙ୍ଗରେ ଚୋରି ହୋଇଥିଲା। ଉଭୟ ଘଟଣାରେ କୋରେଇ ପୁଲିସ ୨୨୯/୨୫ ଏବଂ ୨୮୩/୨୫ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହୁଡ଼ିସାହିର ବୁଟୁରୁ ନାଁରେ ପୂର୍ବରୁ ଯାଜପୁରରୋଡ଼ ଥାନାରେ ଏକାଧିକ ମାମଲା ରହିଥିବା ବେଳେ ପୁଲିସ ବୁଟୁରୁ ଉପରେ ନଜର ରଖିଥିଲା। ପରେ ବୁଟୁରୁର କିଛି ସହଯୋଗୀଙ୍କ ସନ୍ଧାନ ମିଳିଥିଲା। ଗତକାଲି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସେମାନଙ୍କ ନିକଟରୁ ୧୫୦ ଗ୍ରାମର ସୁନା ଅଳଙ୍କାର ଜବତ ହୋଇଛି। ଜବତ ଅଳଙ୍କାର ମଧ୍ୟରେ ସୁନା ବ୍ରେସ୍‌ଲେଟ୍, କାନଫୁଲ, ମୁଦି, ଚେନ୍, ମଙ୍ଗଳସୂତ୍ର ଏବଂ ନେକ୍‌ଲେସ ଆଦି ରହିଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



## ପଟଣାସାହିରେ ଶ୍ରୀଗଣେଶ ପୂଜା



ବିଞ୍ଝାରପୁର,୨୯।୮ (ସମିସ): ବିଞ୍ଝାରପୁର ବ୍ଲକ ମାଁସଜା ଗ୍ରାମପଞ୍ଚାୟତ ପଟଣା ସାହିରେ ଗ୍ରାମବାସୀଙ୍କ ପକ୍ଷରୁ ୩୪ତମ ଶ୍ରୀଗଣେଶ ପୂଜା ଭକ୍ତିମୟ ପରିବେଶରେ ମହାସମାରୋହରେ ବୁଧବାର ଠାରୁ ଆରମ୍ଭ ହୋଇଛି। ବୁଧବାର ପ୍ରାତଃ କାଳରୁ ପଟଣାସାହିସ୍ଥିତ ପୂଜାମଣ୍ଡପରେ ଶ୍ରୀଗଣେଶଙ୍କର ମୃଣ୍ମୟ ମୂର୍ତ୍ତୀ ସ୍ଥାପନ କରାଯିବା ସହ ପରେ ଘଟପୂଜା, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା, ବଡ଼ସିଂହାର ବେଶ, ହୋମଯଜ୍ଞ, ନୈବେଦ୍ୟ, ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ବିଘ୍ନରାଜଙ୍କୁ ଆବାହନ କରାଯାଇଥିଲା। ଏହି ଅବସରରେ ପୂଜାମଣ୍ଡପକୁ ଆକର୍ଷଣୀୟ ତୋରଣ ସହ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପ୍ରଭୂଙ୍କର ଆଶିଷ ଭିକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଲାଗି ରହିଛି। ଏହି ଗଣପର୍ବ ସମଗ୍ର ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା ବେଳେ ପୂଜା କମିଟି ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା, ପ୍ରବଚନ ଆଦି ଆୟୋଜନ କରାଯାଇଛି। ପଟଣାସାହିର ଏହି ଗଣେଶ ପୂଜା ଉତ୍ସବ ୭ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ପୂଜା କମିଟି ପକ୍ଷରୁ ସମ୍ପାଦକ ସମୀର ମଲ୍ଲିକ ସୂଚନା ଦେଇଛନ୍ତି। ଏହି ଶ୍ରୀଗଣେଶ ପୂଜା ପରିଚାଳନାରେ ପୂଜା କମିଟିର ସଭାପତି ଦିଲ୍ଲିପ ରାଉଳ, କୋଷାଧ୍ୟକ୍ଷ ଅମୀୟ ସେଠୀ, ମହେନ୍ଦ୍ର ଜେନା, ରବୀନ୍ଦ୍ର କୁମାର ସେଠୀ ପ୍ରମୁଖଙ୍କ ସମେତ ପଟଣା ସାହିର ଗ୍ରାମବାସୀବୃନ୍ଦ ପରିଚାଳନାରେ ସହଯୋଗ କରୁଛନ୍ତି।

## ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ଗଜାନନ



ବ୍ରହ୍ମବରଦା,୨୯।୮ (ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ବିଘ୍ନ ବିନାଶକ ଶ୍ରୀଗଣେଶ ମହାପ୍ରଭୁଙ୍କ ପୂଜ୍ୟପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ପଞ୍ଚାୟତର ବରଦା ସାହି ମା' ମଙ୍ଗଳା ପୂଜା କମିଟର ସମ୍ପାଦକ ଦୀନବନ୍ଧୁ ରାଉତ ମୁଖ୍ୟ କର୍ତ୍ତା ଭାବେ ବ୍ରାହ୍ମଣୀ ନଦୀରୁ ଜଳ ଉଠାଇ ପୂଜା ମଣ୍ଡପରେ କଳସ ସ୍ଥାପନ କରିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜା କମିଟି ସଭାପତି ଚିତ୍ତରଞ୍ଜନ ଦାସ ଆଦି ସଭ୍ୟ ଏହି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଗଣେଶ ମୂର୍ତ୍ତିଟି ୧୧ ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥିବାରୁ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ବରୀ ନିର୍ବାଚନ ମଣ୍ଡଳୀର ଯୁବ ନେତା ଉମେଶ ଜେନା ବ୍ରହ୍ମବରଦା ଅଞ୍ଚଳକୁ ଆସି ବିଭିନ୍ନ ପୂଜା ମଣ୍ଡପ ବୁଲି ପ୍ରଭୁ ଗଜାନନଙ୍କ କୃପା ଲାଭ କରୁଥିଲେ। ଚାରିଗାରପୁର ପୂଜା କମିଟିର ସଭ୍ୟ ସୌମ୍ୟରଞ୍ଜନ ରାଉତ ମୁଖ୍ୟକର୍ତ୍ତା ଭବେ ପୂଜାରେ ବସିଥିବା ବେଳେ, ବେଲଗୁଡ଼ୁ ପୂଜା କମିଟି ସଭ୍ୟ କୁନା ସାହୁ ମୁଖ୍ୟକର୍ତ୍ତା ଭବେ ପୂଜାରେ ବସିଥିଲେ। ଏହି କ୍ରମରେ ବ୍ରହ୍ମବରଦା ପଞ୍ଚାୟତର ଡିଅସାହି, ଛେନାଖିଆପାଟଣା, ନୂଆକୂଳ ଆଦି ଗ୍ରାମ ମାନଙ୍କରେ ଗଣେଶ ପୂଜା ବହୁ ଆଡମ୍ବର ସହକାରେ ପାଳିତ ହୋଇଛି।

## ମଦ ବେପାରୀକୁ କାବୁ କଲେ ମହିଳା

### ୫୦ ବୋତଲ ମଦ ଜବତ



ବାଲିଚନ୍ଦ୍ରପୁର,୨୯।୮ (ସମିସ): ଏକ ବାଇକ୍ ସହ ୫୦ରୁ ଅଧିକ ବୋତଲର ଚୋରା ବିଦେଶୀ ମଦ ନେଇଯାଉଥିବା ଜଣେ ବେପାରୀକୁ କାବୁ କରିଛନ୍ତି ମହିଳା। ତା' ଠାରୁ ୫୦ ବୋତଲ ମଦ ଜବତ କରି ପୁଲିସ୍ ଜିମା ଦେଇଛନ୍ତି। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଡ଼ିଅଙ୍ଗ ଗ୍ରାମର ଜ୍ଞାନରଞ୍ଜନ ବରାଳ (୪୨) ଆଜି ଦିନ ୧୧ଟାରେ ମହାଦେଇପୁର ଦଳେଇ ସାହି ଦେଇ ଯାଉଥିବା ବେଳେ ଏହି ସାହିର ମହିଳା ମାନେ ତାଙ୍କୁ ସେଠାରେ କାବୁ କରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌ଟିକୁ ଜବତ କରିବା ସହିତ ଅଟକ ଜ୍ଞାନରଞ୍ଜନକୁ ପୁଲିସ ଗିରଫ କରି ଥାନାକୁ ଆଣି ଥାନା କେଶ ନମ୍ବର ୨୪୧/୨୫ରେ ମାମଲା ରୁଜୁ କରିଥିଲା। ତେବେ ଆସନ୍ତାକାଲି ଗିରଫ ବେପାରୀକୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ ମହାଦେଇପୁର ଦଳେଇ ସାହିର ବିଭିନ୍ନ ସ୍ଥାନରେ ୭ ଜଣ ଚୋରା ବେପାରୀ ମଦ ବେପାର କରୁଥିବା ନେଇ ଗତ ୨୭ ତାରିଖ ଦିନ ୩୦ରୁ ଅଧିକ ମହିଳା ଥାନାକୁ ଆସି ଲିଖିତ ଅଭିଯୋଗ କରି ମହାଦେଇପୁରକୁ ମଦ ମୁକ୍ତ କରିବାକୁ ଦାବି କରିଥିଲେ।

## ସାପ କାମୁଡ଼ାରେ ଯୁବ ଚାଷୀ ମୃତ

ସୁକିନ୍ଦା,୨୯।୮ (ସମିସ): ଚାଷ କାର୍ଯ୍ୟ କରୁଥିବା ସମୟରେ ସର୍ପାଘାତରେ ସୁକିନ୍ଦା ଅଞ୍ଚଳର ଯୁବ ଚାଷୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଆମ୍ବଳବା ଗ୍ରାମର ଯୁବ ଚାଷୀ ଦିଲ୍ଲୀପ କୁମାର ମଲ୍ଲିକ (ଦିଲୁ) ଗତ ରବିବାର ଗ୍ରାମାପାଖ ଚାଷ ଜମିରେ ଚାଷକାର୍ଯ୍ୟ କରୁଥିବା ସମୟରେ ସର୍ପାଘାତର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦିଲ୍ଲୀପ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଳିଙ୍ଗନଗର ସ୍ଥିତ ଟାଟା ମେଡିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଦିଲ୍ଲୀପଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ପାଇ ସୁକିନ୍ଦା ପୁଲିସ ମୃତଦେହ ଜବତ କରି ୨୭/୨୦୨୫ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଥିବା ଏସଆଇ କଳ୍ପଲତା ପ୍ରଧାନ ସୂଚନା ଦେଇଛନ୍ତି।

### ■ ବିୟୁଟି ପାର୍ଲରର ଯୁବତୀଙ୍କ ମୃତ୍ୟୁ ଘଟଣା

## ଅଭିଯୁକ୍ତ ଯୁବକ କୋର୍ଟଚାଲାଣ



ବିଞ୍ଝାରପୁର,୨୯।୮ (ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଅଜୟ ବଳଙ୍କ ଝିଅ ଇପ୍ସିତା ବଳ (୨୨)ଙ୍କ ବୁଧବାର ସନ୍ଦେହ ଜନକ ମୃତ୍ୟୁ ହୋଇଥିଲା। ବିଞ୍ଝାରପୁର ପୁଲିସ ଏହି ମୃତ୍ୟୁ ଘଟଣାରେ ଗୁରୁବାର ଜରୀ ଗ୍ରାମର ମନୋଜ ସାମଲ (୨୬)ଙ୍କୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରିବା ପରେ ଆଜି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଞ୍ଝାରପୁର ବ୍ଲକ ଜରୀ ଗ୍ରାମର ଯୁବକ ସଂଗ୍ରାମ ସାମଲଙ୍କର ମୃତ ଇପ୍ସିତାଙ୍କ ସହିତ ୨ ବର୍ଷର ପ୍ରେମ ସମ୍ପର୍କ ରହିଥିଲା। ଇପ୍ସିତାକୁ ବିବାହର ପ୍ରତିଶ୍ରୁତି ଦେଇ ପରେ ବିବାହ ପାଇଁ ମନା କରିବା ସହିତ ଦୁଇ ଜଣଙ୍କ ମଧ୍ୟରେ ମତାନ୍ତର ହୋଇଥିଲା ବୋଲି ଅଭିଯୁକ୍ତ ସ୍ୱୀକାର କରିଛି। ଏହି ଘଟଣାକୁ କେନ୍ଦ୍ର କରି ଇପ୍ସିତାର ମୃତ୍ୟୁ ହୋଇଛି। ତେବେ ପୁଲିସ ଏହି ଘଟଣାରେ ଶୁକ୍ରବାର ଅଭିଯୁକ୍ତ ସଂଗ୍ରାମ ସାମଲଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡିଛି। ଇପ୍ସିତା ସିଂହପୁର ନିକଟବର୍ତ୍ତୀ ଖରସ୍ରୋତା କଲେଜ ଛକ ନିକଟରେ ଥିବା ଏକ ଭଡ଼ା ଘରେ ବିୟୁଟି ପାର୍ଲର ପରିଚାଳନା କରୁଥିଲେ। ବୁଧବାର ବିଉଟି ପାର୍ଲର ଆସି ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ପାର୍ଲର ନିକଟରେ ପହଞ୍ଚି ଇପ୍ସିତା ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କ ଝିଅକୁ କେହି ମାରି ଫ୍ୟାନରେ ଟାଙ୍ଗି ଦେଇଥିବା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ କେଶ ନଂ ୩୧୦/୨୫ରେ ମାମଲା ରୁଜ କରି ତଦନ୍ତ ଚଳାଇଥିଲା।

## ଯାଜପୁରରେ ଜାତୀୟ କ୍ରୀଡ଼ା ଦିବସ



ଯାଜପୁର,୨୯।୮ (ସମିସ): ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ହକି ପ୍ରଶିକ୍ଷଣ କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ଚରଣ ଟୁଡୁ କ୍ରୀଡ଼ା ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ। ଖେଳକୁଦ ମଣିଷକୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ ବୋଲି ଅତିଥିମାନେ କହିଥିଲେ। ପରେ ପରେ ଜିଲ୍ଲାପାଳ ଇଣ୍ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ, ଟାଏକ୍ୱୋଣ୍ଡୋ ଏବଂ ଅନ୍ୟାନ୍ୟ କ୍ରୀଡ଼ାବିତମାନଙ୍କୁ ଭେଟିଥିଲେ। ଏହି କାର୍ଯ୍ୟକ୍ରମ ରେ ହକି ପ୍ରଶିକ୍ଷକ ଅମୂଲ୍ୟ ବେହେରା, ମମତା କିଣ୍ଡୋ, କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରେ ପରେ ଜିଲ୍ଲା ସ୍କୁଲ ଓ ହକି ପ୍ରଶିକ୍ଷଣ କେନ୍ଦ୍ର, ଏନ୍‌ସି କଲେଜ ମଧ୍ୟରେ ପ୍ରଦର୍ଶନୀ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏନ୍‌ସି କଲେଜ ଦଳ ଚାମ୍ପିଅନ ହୋଇଥିଲେ। ଉପସ୍ଥିତ କ୍ରୀଡ଼ାବିତ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ସମସ୍ତଙ୍କୁ ଫିଟନେସ କାର୍ଯ୍ୟକଳାପରେ ଉତ୍ସାହିତ କରିବା ପାଇଁ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ସୁକିନ୍ଦା ଅଞ୍ଚଳରେ ହାତୀ ଆତଙ୍କ



ସୁକିନ୍ଦା,୨୯।୮ (ସମିସ): ଢେଙ୍କାନାଳ ସୀମାନ୍ତରୁ ଆସିଥିବା ଦୁଇଟଣ ହାତୀ ସୁକିନ୍ଦା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ସୁକିନ୍ଦା ବନ ବିଭାଗ ଅନ୍ତର୍ଗତ ବୋତଲଣ୍ଡା ଗ୍ରାମରେ ଦୁଇ ହାତୀ ଆତଙ୍କରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ସୂଚନା ମୁତାବକ ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର ମଙ୍ଗଳପୁର ଛକ ନିକଟରେ ଦୁଇ ହାତୀ ରାସ୍ତା ଅତିକ୍ରମ କରି ବୋତଲଣ୍ଡା ଗ୍ରାମକୁ ଯାଉଥିବା ଦେଖିବାକୁ ମିଳିଥିଲା। ସୁକିନ୍ଦା ବନ ବିଭାଗ କର୍ମଚାରୀ ସୂଚନା ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କୁ ଢେଙ୍କାନାଳ ସୀମାନ୍ତକୁ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରଖିଥିବା ସୂଚନା ମିଳିଛି। ଏଥିରେ ଗୋଟିଏ ଦନ୍ତାହାତୀ ଥିବା ଜଣାପଡିଛି।

## ଭାଦ୍ରବ ପରିକ୍ରମା ସତ୍‌ସଙ୍ଗ

ଜେନାପୁର,୨୯।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପୁରୁଣା ବଉଳମାଳ ଗ୍ରାମ ପଞ୍ଚାୟତ ଅଧୀନ ଠାକୁରାଗ୍ରାମରେ ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଭାଦ୍ରବ ପରିକ୍ରମା ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ସତ୍‌ସଙ୍ଗ କେନ୍ଦ୍ର ଗଡ଼ମଧୁପୁରର ସମ୍ପାଦକ ତଥା ସହ ପ୍ରତିରତ୍ୱକ ପରିକ୍ଷିତ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସତ୍‌ସଙ୍ଗ ଅଧିବେଶନରେ ସହ ପ୍ରତିରତ୍ୱକ କୁଳମଣି ରଣା, ଧର୍ମ ଯାଜକ ବିଜୟ କୁମାର ବେହେରା, ହରିହର ପଣ୍ଡା ଓ ଅନ୍ୟାନ୍ୟ ଗୁରୁଭାଇ ଏବଂ ମାଆଙ୍କ ସମେତ, ଗ୍ରାମବାସୀ ଉପସ୍ଥିତି ଥିଲେ। ଅରୁଣ କୁମାର ଦାସ ସତ୍‌ସଙ୍ଗ ଆୟୋଜନ କରିଥିଲେ। ବିଭୁସୁନ୍ଦର ସତ୍ ଗ୍ରନ୍ଥ ପାଠ କରିଥିଲେ।

## ରକ୍ତବନ୍ଧୁ ଯାଜପୁର ସମ୍ବର୍ଦ୍ଧିତ



କବାଟବନ୍ଧ,୨୯।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ରକ୍ତବନ୍ଧୁ ଯାଜପୁରକୁ ସୁକିନ୍ଦା ବ୍ଲକ କଳିଙ୍ଗନଗର ଡୁବୁରୀଠାରେ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର କଳିଙ୍ଗ ନଗର ଡୁବୁରୀ ଛକଠାରେ କଳିଙ୍ଗ ନଗର ଚାମ୍ବର୍ସ ଅଫ କମର୍ସ, ସୁକିନ୍ଦା ପ୍ରେସ୍ କ୍ଲବ, କଳିଙ୍ଗ ନଗର ପୁଲିସର ମିଳିତ ସହଯୋଗରେ ଚକାଡୋଲା ଲାଇଫ୍ ଲାଇନ ପକ୍ଷରୁ ଆୟୋଜିତ ଏକ ମେଗା ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରକ୍ତ ଆବଶ୍ୟକତା ପୂରଣ କରିବା ପାଇଁ ରକ୍ତବନ୍ଧୁ ଯାଜପୁରର ସଦସ୍ୟ ମାନେ ନିଜକୁ ସମର୍ପିତ କରି କାର୍ଯ୍ୟ କରୁଛନ୍ତି। ଅନୁଷ୍ଠାନର ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତବନ୍ଧୁ ଯାଜପୁରର ଆବାହକ ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ଅସିତ କୁମାର ନାୟକ, ସନାତନ ମଲ୍ଲିକ, କାଳିଆ ରାଉତ, ବୁବୁନା ମଲ୍ଲିକ, ମାୟାଧର ଦାସ, କାବୁଲା ବେହେରା ପ୍ରମୁଖ ଉପସ୍ଥିତ ରହି ମାନପତ୍ର ଗ୍ରହଣ କରିଥିଲେ।

## ମହିଳା, ଛାତ୍ରୀ ଓ ଶିଶୁ ନିର୍ଯାତନା ବିରୁଦ୍ଧରେ ଆଲୋଚନା

ଯାଜପୁର,୨୯।୮ (ସମିସ): ରାଜ୍ୟରେ ଅତ୍ୟନ୍ତ ଉଦ୍‌ବେଗଜ ଜନକ ଭାବେ ବଢ଼ି ଚାଲିଥିବା ନାରୀ ଛାତ୍ରୀ ଓ ଶିଶୁ ନିର୍ଯାତନା ବିରୁଦ୍ଧରେ ଯାଜପୁର ଟାଉନର ମହାବୀର ଛକ ନିକଟରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଠାରେ ଏକ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଆଲୋଚନା ସଭାରେ ଏତାଦୃଶ ବର୍ବରତା ବୃଦ୍ଧିର କାରଣ ତଥା ନିରାକରଣର ଉପାୟ ସମ୍ପର୍କରେ ବହୁ ବିଶିଷ୍ଟ ଶିକ୍ଷାବିତ ଏବଂ ବୁଦ୍ଧିଜୀବୀ ଆଲୋଚନାରେ ଭାଗନେଇ ମତାମତ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ବିନୋଦ ଚନ୍ଦ୍ର ନାୟକ, ଡ. କ୍ଷୀରୋଦ କୁମାର ବେହେରା, ଡ. ଅନିଲ କୁମାର ମହାନ୍ତି, ଡ. ଦର୍ପନାରାୟଣ ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ହରିଶ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଧ୍ୟାପକ ବିଷ୍ଣୁ ଚରଣ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ପୁହାଣ ଏବଂ ବିଜୟ କୁମାର ସମାଲ, ସିନଅର ଆଡ୍‌ଭୋକେଟ୍ ସଂଘମିତ୍ରା ପଟ୍ଟନାୟକ, ବୀଣାପାଣୀ ତ୍ରିପାଠୀ, ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକ ପ୍ରମୁଖ ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତ ସମ୍ପର୍କରେ ଗଭୀର ଉଦ୍‌ବେଗ ପ୍ରକାଶ କରଥିଲେ। ଏହି ଅବସରରେ ସର୍ବ ସମ୍ମତିକ୍ରମେ ଏକ ନାଗରିକ କମିଟି ଗଠନ କରାଯାଇଥିଲା। 'ସାମାଜିକ ସୁରକ୍ଷା କମିଟି, ଯାଜପୁର' ନାମରେ ଗଠିତ ଉକ୍ତ କମିଟିର ଉପଦେଷ୍ଟା ମଣ୍ଡଳ ଭାବେ ଉପରୋକ୍ତ ଅବସରପ୍ରାପ୍ତ ଅଧ୍ୟକ୍ଷ ବୃନ୍ଦଙ୍କୁ ନିଆଯାଇଥିବା ବେଳେ ସଭାପତି ଭାବେ ବିଷ୍ଣୁ ଚରଣ ବେହେରା, ସଂପାଦକ ଭାବେ ରାଜଶ୍ରୀ ମହାନ୍ତି, ଯୁଗ ସଂପାଦକ ଭାବେ ସଂଘମିତ୍ରା ପଟ୍ଟନାୟକଙ୍କୁ ଏବଂ ଉପସଭାପତି ଭାବେ ଲେଖିକା ବୀଣାପାଣି ତ୍ରିପାଠୀଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଅବସର ପ୍ରାପ୍ତ ଶିକ୍ଷକ ମାନଙ୍କୁ ନିଆଯାଇଥିବା ବେଳେ ସଭ୍ୟ ରୂପେ ଉପସ୍ଥିତ ଛାତ୍ରୀ ମହିଳା ଓ ଅନ୍ୟମାନଙ୍କୁ ସଭ୍ୟରୂପେ ନିଆଯାଇଛି।

## ଉପ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଶିଳାନ୍ୟାସ



ବ୍ରହ୍ମବରଦା,୨୯।୮ (ସମିସ): ଯାଜପୁର ବ୍ଲକ ଝାଲପଡା ପଞ୍ଚାୟତ କାକୁଡିକୁଦ ଗ୍ରାମରେ ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ୩୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଆସନ୍ତା ୨ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ଏହି କାର୍ଯ୍ୟକ୍ରମରେ ବରୀ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲ୍ଲା ପରିଷଦ ଦିଲ୍ଲିପ ମହାନ୍ତି, ଝାଲପଡା ସରପଞ୍ଚ ଭାରତୀ ମଲ୍ଲିକ, ନାଏବ ସରପଞ୍ଚ ବେଣୁଧର ମୁଦୁଲି, ଏରବାଙ୍ଗ ସରପଞ୍ଚ ରେଖା ମଲ୍ଲିକ, ପ୍ରିୟନାଥ ରାଉତ, ଦିଲ୍ଲିପ କୁମାର ଜେନା, ଉତ୍କଳ ଜେନା, ଚନ୍ଦନ ବିଶ୍ୱାଳ, ବନମାଳି ମଲ୍ଲିକ, ବାବୁଲା ମଲ୍ଲିକ, କୈଳାସ ନାୟକ, କେଦାରନାଥ ରାୟ, ବାଦଲ ରାୟ, ସନ୍ତୋଷ ସାହୁ, ବିଭୂତିଭୂଷଣ ଦାସ, ରଞ୍ଜିତ ନାୟକ, ରାଜେଶ ଜେନା, ରଘୁନାଥ ଜେନା, ଶ୍ୟାମସୁନ୍ଦର ବିଶ୍ୱାଳ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ରଶ୍ମିତା ସାହୁ, ସମ୍ପାଦିକା ଶଶ୍ମିତା ଜେନା, ଅନନ୍ତ ସାହୁ, ଲକ୍ଷ୍ମଣ ବିଶ୍ୱାଳ, ରବୀନ୍ଦ୍ର ଦାସ, ଅକ୍ଷୟ ଦାସ, ସୁବାସ ଚନ୍ଦ୍ର ରାଉତ, ସୁରେନ୍ଦ୍ର ରାଉତ, ବିଶ୍ୱମ୍ବର ଦାସ, ହରିହର ପୃଷ୍ଟି, ଅଶୋକ ଦାସ, ଶିବପ୍ରସାଦ ଜେନା, ଅର୍ଜୁନ ସାହୁ, ରାକେଶ ସାହୁ, ନିରଞ୍ଜନ ଗନ୍ତାୟତ, ନିରଞ୍ଜନ ଜେନା, ପ୍ରଶାନ୍ତ ମୁଦୁଲି, ନିଶିକାନ୍ତ ସାହୁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଝାଲପଡା ପଞ୍ଚାୟତ କାକୁଡିକୁଦ ଠାରେ ଥିବା ମିଶନଶକ୍ତି ଗୃହକୁ ରାସ୍ତା, ବିଦ୍ୟୁତ ସଂଯୋଗ, ପାଚେରି ନିର୍ମାଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା କର୍ମୀମାନେ ବିଧାୟକଙ୍କ ନିକଟରେ ଲିଖିତ ଦାବି ରଖିଥିଲେ।

## ଜିଲ୍ଲା ଯୁବ କଂଗ୍ରେସର ବନ୍ୟାଞ୍ଚଳ ପରିଦର୍ଶନ



ଯାଜପୁର,୨୯।୮ (ସମିସ): ଦଶରଥପୁର ବ୍ଲକର ଅହିୟାସ ସ୍ଥିତ ଦରଘା ଠାରେ ବୈତରଣୀର ଶାଖା ନଦୀ କାଣୀ ନଦୀରେ ୧୭୦ ଫୁଟ୍ ଘାଇ ସୃଷ୍ଟି ହୋଇଛି। ଫଳରେ କସପା, ମଲ୍ଲିକାପୁର ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବ୍ଲକର ୨୦ ପଞ୍ଚାୟତରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଆଜି କସପା ଓ ମଲ୍ଲିକାପୁର ପଞ୍ଚାୟତରେ ଜିଲ୍ଲା ଯୁବ କଂଗ୍ରେସର ନେତା କୁମାର ଆଶୁତୋଷଙ୍କ ନେତୃତ୍ୱରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ କୁମାର ପାତ୍ର, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦିପ୍ ସାମଲ ପ୍ରଭୃତି ଯାଜପୁର ଗ୍ରସ୍ତରେ ଆସି କୁମାର ଆଶୁତୋଙ୍କ ନେତୃତ୍ୱରେ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ପ୍ରଥମ ଦଶରଥପୁର ବ୍ଲକ କାଟିଆ ଠାରେ ପହଞ୍ଚିବା ପରେ ସେଠାରେ ଯୁବ କଂଗ୍ରେସ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସ୍ୱର୍ଦ୍ଧନା ଦିଆଯାଇଥିଲା। ମିଳିତଭାବେ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ପ.ରି ବୁଝି ୧୦୦୦ ରୁ ଉର୍ଦ୍ଧ୍ୱ ପରିବାରକୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସତ୍ୟବ୍ରତ ନାୟକ, ଯଯାତି ନାୟକ, ସଂଜବି ଦାସ, ଅନୁପମ ମଲ୍ଲିକ, ବିରଜା ସାହୁ, ରବିପ୍ରକାଶ ନାୟକ, ଉତ୍କଳ ପାଣିଗ୍ରାହୀ, ରୂପକ ଦାସ, ଅର୍ଜିତ ନାୟକ, ଭବାନିଶଙ୍କର ଦେଓ, ଜଗନ ଜେନା ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ଜିଲ୍ଲା କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ଦେବେନ୍ଦ୍ର ପଣ୍ଡା, ଦଶରଥପୁର ବ୍ଲକ ସଭାପତି ଶ୍ୟାମସୁନ୍ଦର କର, ଦୁର୍ଯ୍ୟୋଧନ ବେହେରା, ଏକାଦଶୀ ତ୍ରିପାଠୀ, ପ୍ରଫୁଲ୍ଲ ନାୟକ, ଏସ୍‌କେ ବଧିରୁଦ୍ଦିନ, ଅଲ୍ଲିମାନ ଖାଁନ୍, ଅଫ୍‌ସର ଖାନ୍, ଏସ୍‌କେ ତାରୋ, ଏସ୍‌କେ ବାବୋ, ଦେବକାନ୍ତ ପତି, ମନୋଜ ମହାନ୍ତି ପ୍ରଭୃତି ବନ୍ୟାଞ୍ଚଳ ପରିଦର୍ଶନ କରି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।




## ଦଶରଥପୁରରେ ସୁଧୁରୁଛି ବନ୍ୟା ସ୍ଥିତି

# ଉଜୁଡ଼ିଗଲା ବର୍ଷକର ଆହାର; ଚିନ୍ତାରେ ଚାଷୀ



**ଦଶରଥପୁର, ୨୯।୮ (ସମିସ)**

ଦଶରଥପୁର ବ୍ଲକରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ସ୍ଥିତିରେ ଉନ୍ନତି ହୋଇଛି। ବ୍ଲକର କସପା, ବ୍ରହ୍ମଚାରିପାଟଣା, କମାଳପୁର, ନୂଆଶାସନ, ପଛପଡ଼ା, ଅହିୟାସ, ମଲ୍ଲିକାପୁର, ମହାନ୍ତିପାଟଣା, ଜୟନ୍ତରା ମହାପାତ୍ର ସାହି ଅଞ୍ଚଳକୁ ବାଦ ଦେଲେ ଆଉ ସବୁ ବନ୍ୟା ପ୍ରଭାବିତ ଅଞ୍ଚଳର ଅବସ୍ଥା ଏକ ପ୍ରକାର ସ୍ୱାଭାବିକ ହୋଇଛି। ତେବେ ଚଳିତ ବନ୍ୟା ସମେତ କସପା ପଞ୍ଚାୟତ ଦରଘା ଘାଇ ବ୍ଲକର ଖରିଫ ଧାନ ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ରୁଆ ହୋଇଥିବା ଧାନ କ୍ଷେତ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି। ବନ୍ୟା ପାଣି ହ୍ରାସ ପାଇବା ପରେ ଜନସାଧାରଣ ବନ୍ୟା ଆଗରେ ହାର ନ ମାନି ପୁଣି ଥରେ ସଳଖି ଠିଆ ହେବାକୁ ଉଦ୍ୟମ କରୁଥିବା ବେଳେ ବନ୍ୟା ଧାନ ଚାଷୀଙ୍କ ସର୍ବନାଶ କରିଛି। ବନ୍ୟାରେ ବ୍ଲକରେ ୫ ହଜାର ହେକ୍ଟରରୁ ଅଧିକ ଜମିରେ ଖରିଫ ଧାନ ଚାଷ ଉଜୁଡି ଯିବାରୁ ଏବେ ବର୍ଷକର ଖାଦ୍ୟ ଚିନ୍ତାରେ ଚାଷୀ ବନ୍ୟା ପାଣିରେ ବୁଡ଼ି ଥିବା କ୍ଷେତକୁ ଅନାଇ ବସିଛି। ଅନ୍ୟପକ୍ଷରେ ବନ୍ୟାରେ ବ୍ଲକକୁ ବନ୍ୟାଞ୍ଚଳ ପାଇଁ ସରକାରଙ୍କ ତରଫରୁ ୧ମ ପର୍ଯ୍ୟାୟରେ ୫୪.୨ ମେଟ୍ରିକ ଟନ ଗୋଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୨ୟ ଏବଂ ୩ୟ ପର୍ଯ୍ୟାୟରେ ୫୭.୨ ମେଟ୍ରିକ ଟନ ଲେଖାଏଁ ଗୋଖାଦ୍ୟ ଯୋଗାଇ ଦିଆଯାଇଥିବା ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ଅନେକ ସ୍ଥାନରେ ବଣ୍ଟନ ପ୍ରକ୍ରିୟାରେ ଅନିୟମିତତା ଯୋଗୁଁ ବନ୍ୟାଞ୍ଚଳର ଗୃହପାଳିତ ପ୍ରାଣୀମାନେ ଖାଦ୍ୟ ଅଭାବରୁ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଗୃହପାଳିତ ପ୍ରାଣୀମାନଙ୍କୁ ଯଥାଶୀଘ୍ର ସଠିକଭାବେ ଗୋଖାଦ୍ୟ ଯୋଗାଇ ଦେବାକୁ ପଶୁପ୍ରେମୀ ଦାବି କରିଛନ୍ତି। ବନ୍ୟାରେ ଉଜୁଡି ଯାଇଥିବା ଧାନ ଚାଷର ସଠିକ ତଦନ୍ତ କରି କ୍ଷତିଗ୍ରସ୍ତ ଧାନ ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ବନ୍ୟା ପ୍ରଭାବିତ ଧାନ ଚାଷୀ ଦାବି କରିଛନ୍ତି।



### ରେଙ୍ଗାଳିର ସମସ୍ତ ଗେଟ୍ ବନ୍ଦ

## ବ୍ରାହ୍ମଣୀ ଓ ଶାଖା ନଦୀରେ ଖସୁଛି ବନ୍ୟାଜଳ

**ଧର୍ମଶାଳା, ୨୯।୮ (ସମିସ):** ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଗୁଡିକ ଗତ ୩ ଦିନ ହେବ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ଗତକାଲି ରାତିରୁ ଧିରେ ଧିରେ ବନ୍ୟାଜଳ ଖସୁଥିବା ଦେଖିବକୁ ମିଳିଛି। ରେଙ୍ଗାଳି ଡ୍ୟାମର ଉପରମୁଣ୍ଡରେ ଭାରି ବର୍ଷା ଲାଗିରହିବାରୁ ଡ୍ୟାମର ଜଳପତନ ବୃଦ୍ଧି ପାଇଥିଲା। ବନ୍ୟା ନିୟନ୍ତ୍ରଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମର ୩ ଗୋଟି ଗେଟ ଗତ ୩ ଦିନ ହେବ ଖୋଲାଯାଇଥିଲା। ତେବେ ରେଙ୍ଗାଲି ଡ୍ୟାମର ପର୍ଯ୍ୟାୟ କ୍ରମେ ୩ ଗୋଟି ଗେଟ ବନ୍ଦ କରିବା ପରେ ନଦୀରେ ଜଳପତନ ଧିରେ ଧିରେ ହ୍ରାସ ପାଇବାରେ ଲାଗିଛି। ଜେନାପୁର ଠାରେ ଆଜି ସନ୍ଧ୍ୟା ସୁଦ୍ଧା ଜଳପତନ ୬୧.୪୦ ଫୁଟରେ ରହିଥିଲା। ତେବେ ନଦୀରେ ଜଳପତନ କମୁଥିବା ନଦୀର ତଳିଆ ଅଞ୍ଚଳରେ ଅନେକ ଚାଷ ଜମିରେ ବନ୍ୟାଜଳ ବୁଡ଼ି ରହିଛି। ଏବେ ବନ୍ୟା କମିବା ପରେ ଚାଷ ଜମିରେ ହୋଇଥିବା ପନିପରିବା ଚାଷ ଗୁଡିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ତେବେ ଧାନ ଫସଲ ଆଂଶିକ ଭାବେ କ୍ଷତି ହୋଇଛି। ଯାହାକୁ ନେଇ ଚଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି। ଏହି ବନ୍ୟାରେ କୃଷ୍ଣଦାସପୁର ଓ ବରୁଆଁ ରାସ୍ତାର ଭଗବାନପୁର ଠାରେ ୨ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟତ ବନ୍ଦ ରହିଥିବା ବେଳେ ଏବେ ଜଳସ୍ତର ହ୍ରାସ ପାଇବାରୁ ଉକ୍ତ ରାସ୍ତା ଦେଇ ଯାତାୟତ ସ୍ୱାଭାବିକ ହୋଇଛି।



ଯାଜପୁର ପୌରାଞ୍ଚଳରେ ଅନୁଷ୍ଠିତ ଗଣେଶ ପୂଜା ମଣ୍ଡପ ବୁଲିଦେଖିଲେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ

## ପୂଜା ମଣ୍ଡପ ବୁଲିଲେ ବିଧାୟକ



**ଶଙ୍ଖଚିଲା, ୨୯।୮ (ସମିସ):** କୋରେଇ ବ୍ଲକ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲ ସ୍କୁଲର ୧୮ଟି ପୁରାତନ ବ୍ୟାଚ ମାନଙ୍କ ଦ୍ୱାରା ଆୟୋଜିତ ୧୮ ଗୋଟି ଗଣେଶ ପୂଜା ମଣ୍ଡପ ବୁଲି ଗଜାନନଙ୍କ ଆଶୀର୍ବାଦ ନେଇଛନ୍ତି ବିଧାୟକ ଆକାଶ ଦାସନାୟକ। ଯାଜପୁର ସାଂସଦ କୋରେଇ ପ୍ରତିନିଧି ପ୍ରମୋଦ କୁମାର ସାହୁ, ମହିଳା ନେତ୍ରୀ ଜୟନ୍ତୀ ସାହୁ, ଦିପ୍ତିମୟୀ କୁଆଁର, ପ୍ରୀତିରଞ୍ଜନ ସାହୁ, ଦୀପକ ଦାଶ, ଦୀପକ ଗୁରୁ, ସୁଜିତ ସାହୁ, ମାନସ ସାହୁ, ଗୋବିନ୍ଦ ଦାସ, ଯୁବନେତା ଆଲୋକ ଦାଶ, ଅବିନାଶ ସାହୁ, ସୁରଜ ସାହୁ, ସରୋଜ ସାହୁ ସମେତ ଅନେକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ।

### ଦୁଇ ଥାନା ମଧ୍ୟରେ ସୀମା ବିବାଦ

## ୮ ଘଣ୍ଟା ପଡ଼ିରହିଲା ନାବାଳିକାର ମୃତଦେହ

**ବ୍ୟାସନଗର, ୨୯।୮ (ସମିସ):** ଶୁକ୍ରବାର ସକାଳ ସମୟରେ ଯାଜପୁର କେନ୍ଦୁଝର ରୋଡ ରେଳଷ୍ଟେସନ ନିକଟ ରେଳବାଇ ଓଭରବ୍ରିଜ୍ ତଳୁ ଏକ ୮ ବର୍ଷ ବାଳିକାର ମୃତଦେହ ଉଦ୍ଧାର ହୋଇଛି। ମୃତଦେହ କପଡ଼ାରେ ଢଙ୍କା ଯାଇ ହାଲକା ନାଳ ଭଳି ଅଂଶରେ ପଡ଼ିରହିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପାରିପାର୍ଶ୍ୱିକ ପରିସ୍ଥିତି ଦେଖିଲେ ହତ୍ୟା କରାଯାଇଥିବା ସନ୍ଦେହ ସୃଷ୍ଟି ହେଉଛି। ତେବେ ମୃତ ନାବଳିକାର ପରିଚୟ ମିଳିନାହିଁ। ତେବେ ମୃତଦେହକୁ ଦେଖିଲେ ଲାଗୁଛି କୌଣସି ଡାକ୍ତରଖାନାରେ ମୃତ୍ୟୁ ପରେ ମୃତଦେହକୁ ରେଳଲାଇନ ପାଖରେ ପକାଇ ଦିଆଯାଇଛି। ତେବେ ଥାନା ସୀମା ବିବାଦ ଯୋଗୁଁ ମୃତଦେହ ଅନେକ ସମୟଧରି ଘଟଣାସ୍ଥଳରେ ପଡ଼ିରହିଥିଲା। ମୃତ ଶରୀର ପଡ଼ିଥିବା ସ୍ଥାନ ଯାଜପୁର ରୋଡ ଥାନା କି ରେଳବାଇ ପୁଲିସ କାହା ଏରିଆରେ ଆସୁଛି ଏ ନେଇ ବିବାଦ ହେବାରୁ ତଦନ୍ତରେ ୮ ଘଣ୍ଟା ବିଳମ୍ବ ହୋଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ଯାଜପୁର ରୋଡ ପୁଲିସ ୩୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ବ୍ୟବସାୟଙ୍କଠାରୁ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

**ଯାଜପୁର, ୨୯।୮ (ସମିସ):** ଯାଜପୁର ଜନଗହଳିପୂର୍ଣ୍ଣ ରେଡ୍‌କ୍ରସ ଛକ ନିକଟରୁ ଏକ ବ୍ୟବସାୟଙ୍କ ଠାରୁ ଦୁର୍ବୃତ୍ତ ଶୁକ୍ରବାର ମଧ୍ୟାହ୍ନରେ ଟଙ୍କା ବୋଝେଇ ବ୍ୟାଗକୁ ଝାମ୍ପି ନେଇଥିବା ନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଚିତାଳୋ ପଞ୍ଚାୟତ ଝାଡ଼ଗାଁ ଗ୍ରାମର ତାରାକାନ୍ତ ଶତପଥୀଙ୍କର ଯାଜପୁର ଅଠରନଳା



(କୁଆଁସରପୁର) ନିକଟରେ ଏକ ଗ୍ରୋସରୀ ହୋଲସେଲିଂ ଦୋକାନ ରହିଛି। ସହରର ବିଭିନ୍ନ ବ୍ୟବସାୟୀଙ୍କୁ ସାମଗ୍ରୀ ପ୍ରଦାନ କରି ସପ୍ତାହରେ ଦୁଇଥର ଅର୍ଥ ଆଦାୟ କରିଥାନ୍ତି। ଶୁକ୍ରବାର ବ୍ୟବସାୟୀ ତାରାକାନ୍ତ ଶତପଥୀ ଛୋଟ ଛୋଟ ବ୍ୟବସାୟୀଙ୍କ ଠାରୁ ପାଖାପାଖି ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରି ନିଜ ବାଇକ୍ ହେଣ୍ଡେଲରେ ବ୍ୟାଗଟିକୁ ଓଳାଇଥିବା ବେଳେ ଦୁର୍ବୃତ୍ତ ଏକ ପଲସର ଗାଡ଼ିରେ ଆସି ବ୍ୟାଗଟିକୁ ଝାମ୍ପି ନେଇ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଏ ନେଇ ବ୍ୟବସାୟୀ ତାରାକାନ୍ତ ଶତପଥୀ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଯାଜପୁର ଥାନାରେ ଏକ ଚୋରି ମାମଲା ରୁଜୁ କରାଯାଇଥିବା ନେଇ ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ସୂଚନା ଦେବା ସହ ମାମଲାର ତଦନ୍ତ ଏସ୍‌ଆଇ ତୃପ୍ତିମୟୀ ରାଉତ କରୁଛନ୍ତି ବୋଲି କହିଛନ୍ତି। ପୁଲିସ ଘଟଣାକୁ ଗୁରୁତର ସହ ନେଇ ଉପରୋକ୍ତ ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରିଛି। କେଉଁ କେଉଁ ଦୋକାନରୁ ସମ୍ପୃକ୍ତ ବ୍ୟବସାୟୀ କେତେ ଟଙ୍କା ଆଦାୟ କରିଥିଲେ ଓ ନିଜେ ପ୍ରତିଷ୍ଠାନରୁ କେତେ ଟଙ୍କା ଆଣିଥିଲେ ସେ ନେଇ ପୁଲିସ ଖୋଳତାଡ଼ କରିବ ବୋଲି ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

## ନାରୀ ସଶକ୍ତୀକରଣ ଓ ପ୍ରଶିକ୍ଷଣ ଶିବିର



**ଧର୍ମଶାଳା, ୨୯।୮ (ସମିସ):** ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ଗଲଗଲି ଶଙ୍ଖ ଠାରେ କୃଷି ବିଭାଗ ପକ୍ଷରୁ ନାରୀମାନଙ୍କ ଦକ୍ଷତା ଓ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ସୁଧୀର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କୃଷି ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀମାନଙ୍କୁ ସଶକ୍ତୀକରଣ କରିବା ନେଇ କୃଷି ବିଭାଗ କାଷ୍ଟର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ସହକାରୀ କୃଷି ଅଧିକାରୀ ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ବ୍ଲକ କୃଷି ବିଭାଗ ଅଧିକାରୀ ଡ. ସନ୍ଧ୍ୟାରାଣୀ ଦାସ, ସହକାରୀ କୃଷି ଅଧିକାରୀ ଜ୍ୟୋତିରଞ୍ଜନ ଦାସ, ବିପିଏମ୍ ପ୍ରିୟଦର୍ଶୀ ଦାଶ, ଦୀପାଞ୍ଜଳ କୃଷକ ମଞ୍ଚର ସାଧାରଣ ସମ୍ପାଦକ ଅଭିମନ୍ୟୁ ଧଳ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୨୦ଜଣ ମହିଳା ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। କାଷ୍ଟ ପକ୍ଷରୁ ସୁଶ୍ରୀ ଜ୍ୟୋତି ପ୍ରଶିକ୍ଷକ ଭାବେ ଯୋଗଦେଇ ମହିଳାମାନଙ୍କୁ ଝୋଟ ଜାତ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରିବାର କଳା କୌଶଳ ଶିଖାଇଥିଲେ। ଏହି ଶିବିରରେ ବୈଶାଖୀରାଣୀ ଜେନା, ସୌଦାମିନୀ ଦଳେଇ, ସୁମିତ୍ରା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିବିରାର୍ଥୀମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ଚରଣ ସାହୁ, ରବୀନ୍ଦ୍ର ବଳ, ଗିରିଶ ଚନ୍ଦ୍ର ଜେନା, ସଞ୍ଜୟ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

### ଶିକ୍ଷକଙ୍କ ଡେପୁଟେସନକୁ ନେଇ ପ୍ରଶ୍ନବାଚୀ

## ପୂର୍ବ ସ୍ଥାନକୁ ଫେରାଇବେ ବ୍ଲକ୍ ଶିକ୍ଷାଧିକାରୀ

**ବଡ଼ଚଣା, ୨୯।୮ (ସମିସ):** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ସିହା ସାଧନକେନ୍ଦ୍ର ଅନ୍ତର୍ଗତ କମ୍ପିରା ୟୁଜିୟୁପି ସ୍କୁଲରୁ କୌଣସି କାରଣ ପାଇଁ ଶିକ୍ଷକ ଅଜୟ କୁମାର ଲେଙ୍କାଙ୍କୁ ଉକ୍ତ ଶିକ୍ଷାମଣ୍ଡଳ ଅଧୀନସ୍ଥ ନିଗମାନନ୍ଦ ପ୍ରହ୍ଲାଦ ସରକାରୀ ହାଇସ୍କୁଲକୁ ଡେପୁଟେସନରେ ୨୦୨୩ ମସିହା ନଭେମ୍ବର ମାସରେ ପଠାଯାଇଥିଲା। ଯେଉଁ କାରଣ ପାଇଁ ଶିକ୍ଷକଙ୍କୁ ଡେପୁଟେସନରେ ପଠା ଯାଇଥିଲା ଏହାର ତଦନ୍ତ ହୋଇଥିଲା ଏବଂ ଏହି ତଦନ୍ତରେ ସମ୍ପୃକ୍ତ ଶିକ୍ଷକଙ୍କର କୌଣସି କାରଣ ନଥିବା ଜଣାପଡ଼ିଥିଲା। କିଛି ଦିନପରେ ଏହାର କୌଣସି ତଦନ୍ତ କରାନଯାଇ ତାଙ୍କୁ ପୁଣି ଚକିତ ବର୍ଷ ଫେବୃଆରୀ ମାସରେ ଶାଳପଡ଼ା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟକୁ କେବଳ କ୍ଲାସ କରିବାକୁ ଶିକ୍ଷକ ଶ୍ରୀ ଲେଙ୍କାଙ୍କୁ ପଠାଯାଇଥିଲା। ଏହି ସମୟରେ ଏକମାସ ପାଇଁ ତାଙ୍କୁ ପୁଣି ନିକଟସ୍ଥ ନଳିଦା ପ୍ରାଇମେରୀ ସ୍କୁଲକୁ ପଠାଯାଇଥିଲା। କିନ୍ତୁ ସେ ସେଠାରେ ମାତ୍ର ଏକମାସ ରହିବା ପରେ ପୁଣି ଶାଳପଡ଼ା ସ୍କୁଲକୁ ଆସିଥିଲେ। ଏବିଷୟରେ ବଡ଼ଚଣା ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ କହିଲେ କି ଡେପୁଟେସନରେ କେଉଁ ଶିକ୍ଷକ କେତେ ଦିନ ରହିବେ ତାହା ସମସ୍ୟା ନୁହେଁ ତେବେ ଆବଶ୍ୟକ ପଡ଼ିଲେ ଆମେ ତାଙ୍କୁ ପୁଣି ଡେପୁଟେସନରେ ଯାଇଥିବା ପୂର୍ବ ସ୍କୁଲକୁ ଆଣିପାରିବା ବୋଲି କହିଥିଲେ।

## ନିଶ୍ଚିମଳା ରାସ୍ତା ଶୋଚନୀୟ



**ବଡ଼ଚଣା, ୨୯।୮ (ସମିସ):** ବଡ଼ଚଣା ବ୍ଲକ ଅଧୀନସ୍ଥ ସୁଙ୍ଗୁଡ଼ା ପଞ୍ଚାୟତ ନିଶ୍ଚିମଳା ଗ୍ରାମ ରାସ୍ତାର ଦୀର୍ଘ ବର୍ଷ ହେବ ନିର୍ମାଣ ହୋଇନାହିଁ। ସୂଚନା ଅନୁସାରେ ୧୬ ନମ୍ବର ଜାତୀୟ ରାଜପଥଠାରୁ ନିଶ୍ଚିମଳା ଗାଁକୁ ଏହି ରାସ୍ତା ଲାଗିଛି। ଏହି ରାସ୍ତାରେ ଦୈନିକ ଗ୍ରାମବାସୀଙ୍କ ସମେତ ଅନେକ ବାହାର ଲୋକ ଯା'ଆସ କରିଥାନ୍ତି। ଦୀର୍ଘ ବର୍ଷ ହେବ ପଡ଼ିରହିଥିବା ଏହି ରାସ୍ତାକୁ ନୂତନ ଭାବେ ନିର୍ମାଣ କରିବାକୁ ପୂର୍ବ ସରକାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରେ ଏକ ଆକଳନ କରାଯାଇଥିଲା। କିନ୍ତୁ ନିର୍ବାଚନ ସମୟ ହୋଇଯିବାରୁ ଏହା ହୋଇପାରିଲା ନାହିଁ। ତେବେ ଜାତୀୟ ରାଜପଥ ଠାରୁ ନିଶ୍ଚିମଳା ଗାଁ ପର୍ଯ୍ୟନ୍ତ ମାତ୍ର ଏକ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଅନେକ ବର୍ଷ ହେବ ଗାଁ ଲୋକେ ବାରମ୍ବାର ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ କହିଲା ପରେ ଏହି କାମ ହୋଇପାରିଲା ନାହିଁ। ତୁରନ୍ତ ଏହି ରାସ୍ତା କାମକୁ ନିର୍ମାଣ କରିବାକୁ ବିଧାୟକ ଅମର କୁମାର ନାୟକଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

**ସୁକିନ୍ଦା, ୨୯।୮ (ସମିସ):** ସୁକିନ୍ଦା ଅଞ୍ଚଳରୁ ନିଖୋଜ ଥିବା ଜଣେ ମହିଳାଙ୍କ ମୃତଦେହ ପାଣ୍ଡରା ନାଳରୁ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମ ଗୋବିନ୍ଦ ପାତ୍ରଙ୍କ ପତ୍ନୀ ଦୁଲ୍ଲା ପାତ୍ର(୭୦) ଗତ ଗୁରୁବାର ଦିନ ଗ୍ରାମ ପାଖ ନାଳକୁ ଗାଧୋଇବା ପାଇଁ ଯାଇ ନିଖୋଜ ଥିଲେ। ଆଜି ବୋତଲଣ୍ଡା ନିକଟ ନାଳରେ ଏକ ମୃତଦେହ ଭାସୁଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ୨୮/୨୦୨୫ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପ୍ରବନ୍ଧ ପୁସ୍ତକ 'ବହି ବିଚାର' ଉନ୍ମୋଚିତ




**ଧର୍ମଶାଳା, ୨୯।୮ (ସମିସ):** ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଆଜି ପୂର୍ବାହ୍ନରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କ ପ୍ରବନ୍ଧ ପୁସ୍ତକ 'ବହି ବିଚାର' ଉନ୍ମୋଚିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ସମାଲୋଚକ ଡ.ନାରାୟଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ବାମଦେବ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ରହ୍ମବରଦା ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ମହେଶ୍ୱର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ସାହିତ୍ୟିକା ବିଦ୍ୟୁତଲତା ଦାଶ, ସମାଜସେବୀ ମିନତୀ ସାହୁ, କବି ପଦ୍ମଜା ଶରଣ ଓ ପ୍ରେମଲତା ମହାରଣା ପ୍ରମୁଖ ଯୋଗଦେଇଥିଲେ। ଯାଜପୁର ଜିଲ୍ଲାର ବହୁ ସାହିତ୍ୟିକ ଏହି ଉତ୍ସବରେ ଯୋଗଦେଇଥିଲେ। ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଯାଜପୁରରେ ର୍ୟୁମାଟୋଲୋଜି ସମ୍ମିଳନୀ

**ଯାଜପୁର, ୨୯।୮ (ସମିସ)**




ଇଣ୍ଡିଆନ୍ ର୍ୟୁମାଟୋଲୋଜି ଆସୋସିଏସନ୍ (ଆଇଆର୍‌ଏ) ଓଡ଼ିଶା ଚ୍ୟାପ୍ଟର ପକ୍ଷରୁ 'କ୍ଲିନିକାଲ କ୍ଲ୍ୟୁଜ ଟୁ କ୍ଲାରିଟି; ଏ କେଶ୍ ବେସଡ ଅପ୍ରୋଚ ଇନ ର୍ୟୁମାଟୋଲୋଜି' ବିଷୟରେ ମିଡ୍-ଟର୍ମ କଣ୍ଟିନ୍ୟୁଇଙ୍ଗ୍ ମେଡିକାଲ୍ ଏଜୁକେସନ୍ (ସିଏମ୍‌ଇ) କାର୍ଯ୍ୟକ୍ରମ ମହାରାଜା ଯଜାତି କେଶରୀ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ (ଏମ୍‌ଜେକେଏମ୍‌ସିଏଚ୍) ଯାଜପୁରରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହାରାଜା ଯଯାତିକେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ଯାଜପୁର ସହ ଯୁକ୍ତଭାବରେ ଏବଂ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ (ଆଇଏମ୍‌ଏ) ଯାଜପୁର, ଯାଜପୁର ରୋଡ୍ ଓ ଭଦ୍ରକ ଶାଖା ସହଯୋଗରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇଆର୍‌ଏର ଓଡ଼ିଶା ଅଧ୍ୟକ୍ଷ ଡା. ଶିଶିର କୁମାର ମହାପାତ୍ର, ଆଇଆର୍‌ଏ ସଚିବ ପ୍ରଫେସର ଡା. ଜ୍ୟୋତିରଞ୍ଜନ ପରିଡ଼ା, ଏମ୍‌ଜେକେଏମ୍‌ସିଏଚ୍‌ର ଡିନ୍ ଓ ପ୍ରାଚାର୍ଯ୍ୟ ପ୍ରଫେସର ଡା. ସୀତାରାମ ମହାପାତ୍ର, ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ଆଇଆର୍‌ଏର ଯାଜପୁର ଅଧ୍ୟକ୍ଷ ଡା. କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଆଇଆର୍‌ଏର ଯାଜପୁରରୋଡ ସଚିବ ଡା. ଗୌରୀଶଙ୍କର ଷଡ଼ଙ୍ଗି, ଆଇଆର୍‌ଏର ଭଦ୍ରକ ଅଧ୍ୟକ୍ଷ ଡା. ଆର୍‌କେ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅଧିବେଶନରେ ଅନ୍ୟ ହସ୍‌ପିଟାଲରୁ ଆସିଥିବା ବିଶେଷଜ୍ଞ ପ୍ରଫେସର ଡା. ପ୍ରଦୀପ୍ତ ଶେଖର ପାତ୍ର, ଡା. ରଶ୍ମିରଞ୍ଜନ ସାହୁ, ପ୍ରଫେସର ଡା. ସାକିର ଅହମଦ୍, ଡା. ସରିତ୍ ଶେଖର ପଟ୍ଟନାୟକ ସେମାନଙ୍କ ଅନୁଭବ ଓ ଦକ୍ଷତା ସହଭାଗି କରିଥିଲେ। ର୍ୟୁମାଟୋଲୋଜି ସହିତ ସମ୍ବନ୍ଧିତ ବିଭିନ୍ନ ରୋଗ ସମ୍ମେଳନରେ ଆଲୋଚିତ ହୋଇଥିଲା। ଆୟୋଜକ ସଚିବ ପ୍ରଫେସର ଡା. ଡି. ଶୋଭା ମାଳିନୀ, ମେଡିକାଲ କଲେଜର ଶିକ୍ଷକଗଣ ଓ ଆଇଏମ୍‌ଏ ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ତୁଳତି ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ କମିଟି ଗଠିତ

**ରଗଡ଼ି, ୨୯।୮ (ସମିସ):** ଯାଜପୁର ଜିଲ୍ଲା କୋରେଇ ବ୍ଲକ ତୁଳତି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଲାଗି ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବିଦ୍ୟାଳୟ ର ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ସାହୁ ଓ ଦେବବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍କୁଲ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ପାଳନ ଲାଗି ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ଯଯାତି କେଶରୀ ମହାପାତ୍ର, ପୂର୍ବତନ ସରପଞ୍ଚ ଅଭୟ କୁମାର ମହାନ୍ତି, ସମିତି ସଭ୍ୟ ଶମ୍ଭୁନାଥ ଜେନା, ଆଇନଜୀବି କିଶୋର ସେନାପତି, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ଓ ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ପ୍ରମୁଖ ନିଜ ଜୟନ୍ତୀ ଆୟୋଜନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ସର୍ବ ସମ୍ମତି କ୍ରମେ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଅଭୟ କୁମାର ମହାନ୍ତି, ଉପସଭାପତି ସୀତାକାନ୍ତ କୁଅଁର, ସମ୍ପାଦକ କିଶୋର ସେନାପତି, ସହସମ୍ପାଦକ କିଶୋର ସାହୁ, କୋଷାଧ୍ୟକ୍ଷ ଅଭୟ ମହାନ୍ତି ଓ ମିଡ଼ିଆ ସଂଯୋଜକ ଭାବେ ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ମନୋନୀତ ହୋଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍ ଗେଟ୍ସ

## ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି

ସୁପ୍ରିମକୋର୍ଟ କଲେଜିୟମରେ ଜଷ୍ଟିସ୍ ବି.ଭି. ନାଗରତ୍ନାଙ୍କ ପ୍ରତିବାଦ ଓ ପ୍ରତିକ୍ରିୟାକୁ ଅନୁଶୀଳନ କଲେ ମନେ ହୁଏ ସବୁ ଠିକ୍‌ଠାକ୍ ଚାଲିନି। ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ଆର. ଗବାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫ ଜଣ ସଦସ୍ୟ ବିଶିଷ୍ଟ କଲେଜିୟମ ସେଦିନ ହାଇକୋର୍ଟର ଦୁଇଜଣ ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟର ବିଚାରପତି ରୂପେ ମନୋନୀତ କରିବାର ଥିଲା। ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି ଯୋଗୁଁ ତାହା ୪-୧ ରେ ବିଭାଜିତ ହୋଇଥିଲା। ସବୁ ନିଷ୍ପତ୍ତି ଯେ ସହମତି ବା ମତୈକ ଭିତ୍ତିରେ ନିର୍ଦ୍ଧାରିତ ହେବ ଏକଥା ନୁହେଁ। ତେବେ ଜଷ୍ଟିସ ନାଗରତ୍ନାଙ୍କ ପ୍ରତିକ୍ରିୟାକୁ ନେଇ ସାଧାରଣରେ ଏତେ ବିଚାରବିମର୍ଶ କାହିଁକି? ଏସବୁ ସତ୍ତ୍ୱେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଆଲୋକ ଆରଧେ ଓ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବିପୁଳ ମନୁଭାଇ ପାଞ୍ଚୋଲିଙ୍କୁ ମନୋନୀତ କରାଯାଇଛି। ସରକାର ମଧ୍ୟ ତୁରନ୍ତ ଦୁଇଜଣଙ୍କୁ ସୁପ୍ରିମକୋର୍ଟର ବିଚାରପତି ରୂପେ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ଜାରି କରିଛନ୍ତି।

ମନୋନୀତ ଦୁଇଜଣ ସୁପ୍ରିମକୋର୍ଟ ବିଚାରପତିଙ୍କ ମଧ୍ୟରୁ ଜଷ୍ଟିସ ପାଞ୍ଚୋଲିଙ୍କୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି ଜଷ୍ଟିସ ନାଗରତ୍ନା। ଜନସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କ ଆପତ୍ତି ଓ ପ୍ରତିକ୍ରିୟା ସୁପ୍ରିମକୋର୍ଟ ୱେବସାଇଟରେ ସ୍ଥାନିତ କରିବାକୁ ସେ କହିଥିଲେ। କିନ୍ତୁ ୱେବସାଇଟରେ କଲେଜିୟମରେ ୪- ୧ ମତ ବିଭାଜନ ଓ ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି ସ୍ଥାନ ପାଇ ନଥିବାରୁ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି। ଜଷ୍ଟିସ୍ ନାଗରତ୍ନାଙ୍କ ଯୁକ୍ତି ଥିଲା ଯେ ଗୁଜୁରାଟରୁ ଜଷ୍ଟିସ ଜେ ବି ପାର୍ଦ୍ଦିୱାଲା ଓ ଜଷ୍ଟିସ ଏନ.ଭି ଅଞ୍ଜାରିଆ ସୁପ୍ରିମ୍‌କୋର୍ଟରେ ପ୍ରତିନିଧିତ୍ୱ କରୁଥିବା ବେଳେ ଜଷ୍ଟିସ ପାଞ୍ଚୋଲି ହେବେ ତୃତୀୟ ବ୍ୟକ୍ତି। ଭୌଗୋଳିକ ସନ୍ତୁଳନ ରକ୍ଷା କରିବାରେ ଏହା କେବଳ ବାଧକ ହେବନି, ସମୟକ୍ରମେ ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା କରିବା କଷ୍ଟକର ହୋଇପଡ଼ିବ। ଦେଶର ବିଭିନ୍ନ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ମଧ୍ୟରେ ବରିଷ୍ଠତା ଦୃଷ୍ଟିରୁ ପାଞ୍ଚୋଲି ୫୭ ତମ ସ୍ଥାନରେ ଅଛନ୍ତି। ତାଙ୍କ ସ୍ଥାନରେ କାର୍ଯ୍ୟରତ ଅନ୍ୟ ସୁଯୋଗ୍ୟ ଓ ଦକ୍ଷ ବିଚାରପତିଙ୍କ ନାମ ବିଚାରକୁ ନିଆଯାଇପାରନ୍ତା। ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଯେଉଁ ପରିସ୍ଥିତିରେ ଜଷ୍ଟିସ ପାଞ୍ଚୋଲିଙ୍କୁ ଗୁଜରାଟ ହାଇକୋର୍ଟରୁ ପାଟନା ହାଇକୋର୍ଟକୁ ବଦଳି କରାଯାଇଥିଲା ତାହାର ଏହି ପ୍ରେକ୍ଷାପଟରେ ଚର୍ଚ୍ଚା ହେବା ଉଚିତ। ତାଙ୍କର ବଦଳି ନିର୍ଦ୍ଦେଶକୁ ସେତେବେଳେ ୯ ମାସ ଧରି ସରକାର ଅଟକାଇ ରଖିଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ପ୍ରବଳ ଚାପ ପ୍ରୟୋଗରୁ ସେ ପାଟନା ହାଇକୋର୍ଟକୁ ଆସିବା ସକାଶେ ବାଧ୍ୟ ହୋଇଥିଲେ। ଶେଷରେ ସେ ୨୦୨୩ ଜୁଲାଇରେ ପାଟନା ହାଇକୋର୍ଟରେ ଯୋଗ ଦେଇ ଜୁଲାଇ ୨୧ରେ ମୁଖ୍ୟ ବିଚାରପତି ହେଲେ। ପୁଣି ମାସ ଗୋଟାଏ ପରେ ସୁପ୍ରିମକୋର୍ଟ ବିଚାରପତି ଭାବେ ମନୋନୀତ ହେବା ଘଟଣାକୁ ସମସ୍ତେ ଠିକ ଭାବେ ଗ୍ରହଣ କରିପାରିନାହାନ୍ତି।

ପ୍ରଧାନ ବିଚାରପତି ପଦରୁ ଜଷ୍ଟିସ ଜୟମାଲ୍ୟ ବାଗଚି ଅବସର ନେବା ପରେ ଜଷ୍ଟିସ ପାଞ୍ଚୋଲି ୨୦୩୧ ରେ ଏହି ଶୀର୍ଷ ଆସନକୁ ପଦୋନ୍ନତି ପାଇବେ। ଦୀର୍ଘ ୧୮ ମାସ ଧରି ସେ ବିଚାର ବିଭାଗର ହର୍ତ୍ତାକର୍ତ୍ତା ରହିବେ। ଜଷ୍ଟିସ ନାଗରତ୍ନାଙ୍କ ରେକର୍ଡ କରାଯାଇଥିବା ଆପତ୍ତିକୁ ତାଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗୋପନ ରଖିବା ଓ ଗୁଜରାଟ ଘଟଣାକ୍ରମକୁ ପର୍ଯ୍ୟାଲୋଚନା ନ କରିବା ପଛରେ କେଉଁଠି ନା କେଉଁଠି ଚାପ ବା ପ୍ରଭାବ ରହୁଛି, ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

## ବର୍ଷା ତାଣ୍ଡବ

ଏସନ ଆଗୁଆ ମୌସୁମୀ ଆସିବାର ସୂଚନା ନେଇ କଳ୍ପନା ଆରମ୍ଭ ହୋଇଯାଇଥିବା ବେଳେ ଆଷାଢ଼ ଓ ଶ୍ରାବଣ ବର୍ଷାଭାବରୁ ଚାଷୀର ପାଗଯୋଗ ବିଗିଡ଼ି ଗଲା। ଅଗଷ୍ଟ ବା ଭାଦ୍ରବ ମାସରେ ବର୍ଷାର ତାଣ୍ଡବ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି, ସେଥିରେ କେତେ କିଏ ମରି ହଜି ଗଲେଣି ତାହାର କୌଣସି ଇୟତ୍ତା ନାହିଁ। ଜଳବାୟୁ ପରିବର୍ତ୍ତନ, ସହରୀକରଣ ଶିଳ୍ପାୟନ ଓ ଜଙ୍ଗଲ ଉଚ୍ଛେଦ ଯୋଗୁଁ ବର୍ଷା ବିପର୍ଯ୍ୟୟ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି।

ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ଓ ଭୂସ୍ଖଳନରେ ଜନପଦ ନିଶ୍ଚିହ୍ନ ହୋଇଯାଇଛି। ଏହି ଦୁଇ ରାଜ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ସେହିଭଳି ଜମ୍ମୁ-କାଶ୍ମୀରରେ ଭୂସ୍ଖଳନ ଘଟି ଦୁଇଦିନ ମଧ୍ୟରେ ୪୦ ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ମାଆ ବୈଷ୍ଣୋଦେବୀଙ୍କ ଦର୍ଶନ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି। ସେଠାରେ ମାଟି ଅତଡ଼ା ଧସିବାରୁ ୩୬ ଜଣଙ୍କ ମୃତ୍ୟୁ ଘଟିଛି। ରାବି, ଚେନାବ ଓ ଝେଲମରେ ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜମ୍ମୁର ନିମ୍ନାଞ୍ଚଳ ବାହ୍ୟ ଜଗତରୁ ଏବେ ମଧ୍ୟ ବିଚ୍ଛିନ୍ନ ହୋଇରହିଛି। ଦେଶର ପ୍ରମୁଖ ସହର ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ସେଠାରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଗଙ୍ଗାନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଉତ୍ତର ପ୍ରଦେଶ ଓ ବିହାରରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଥିବାରୁ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଜଳବନ୍ଦୀ ଅବସ୍ଥାରେ ଥିବା ଜନବସତି ସହ ଯୋଗାଯୋଗ ରକ୍ଷା କରାଯାଇପାରୁନି।

ମହାନଦୀରେ ବଡ଼ ବନ୍ୟା ଆସିନଥିବାରୁ ଓଡ଼ିଶାର ଉପକୂଳ ଅଞ୍ଚଳ ସୁରକ୍ଷିତ ଥିଲେ ହେଁ ବ୍ରହ୍ମାଣୀ, ବୈତରଣୀ, ସୁବର୍ଣ୍ଣରେଖାରେ ଜଳସ୍ତର ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। କାଣି ନଦୀରେ ୭୦ ଫୁଟ ଘାଇ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ୧୧୪ ଗାଁ ଜଳବନ୍ଦୀ ହୋଇରହିଛି।. ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। କେବଳ ଏତିକି କୁହାଯାଇପାରେ କି ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇନାହିଁ। ତେବେ ଗୋଟିକ ପରେ ଗୋଟିଏ ଲଘୁଚାପ ଜନିତ ବର୍ଷା ଲାଗିରହିଥିବା ବେଳେ ଅକ୍ଟୋବର ୨ ଓ ୩ ରେ ପୁଣି ବର୍ଷା ବିପ୍ରାତର ସୂଚନା ମିଳିଛି। ତେଣୁ ପରିସ୍ଥିତି ଯେ ସୁଧୁରି ଗଲାଣି ଏକଥା ଦାବି କରାଯାଇନପାରେ। ବିଳମ୍ବିତ ମୌସୁମୀର ଗତି ଓ ଦୁର୍ଗତି ନେଇ କିଛି ଆକଳନ କରାଯାଇ ପାରିବ ନାହିଁ। ଗଣେଶ ପୂଜାଠାରୁ ଆରମ୍ଭ ହୋଇଥିବା ପାର୍ବଣର ସାଜସଜ୍ଜା ଯେ ଆଗକୁ ଭିଜି ନ ଯିବ କିଏ କହିବ।

# ଆଞ୍ଚଳିକ ବିକାଶ, ରାଜନୀତି ଓ ରାଷ୍ଟ୍ରନୀତି

ଡ. ଏମ୍ ଜି ପ୍ରସାଦ

ଗତ ଦୁଇ ସପ୍ତାହ ଭିତରେ ଓଡ଼ିଶାର ବିକାଶ ଧାରାରେ ଦୁଇଟି ଅଧ୍ୟାୟ ଯୋଡ଼ି ହୋଇଛି। ଗତସପ୍ତାହରେ ଛଅଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ସଡ଼କ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିବା ବେଳେ ତା'ପୂର୍ବ ସପ୍ତାହରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଆଞ୍ଚଳିକ ବିକାଶ ଜରିଆରେ ଜାତୀୟ ବିକାଶ ପ୍ରକ୍ରିୟାରେ ଉପରୋକ୍ତ ଦୁଇ ପ୍ରକଳ୍ପ ସ୍ୱାଗତଯୋଗ୍ୟ ନିଶ୍ଚୟ। କିନ୍ତୁ ଏହା ସୁସ୍ଥ ସଂଘୀୟ ବ୍ୟବସ୍ଥାରେ ଏକ ବ୍ୟତିକ୍ରମ ବୋଲି ବୁଦ୍ଧିଜୀବୀ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇ ନଥା'ନ୍ତା, ଯଦି 'ଆଞ୍ଚଳିକ ବିକାଶ' 'ବିକାଶ ରାଜନୀତି'ର ରୂପ ନେଇ ନଥା'ନ୍ତା। ଦୁଇଟି ଯାକ ପ୍ରକଳ୍ପ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ ଓ ଧନ୍ୟବାଦ ଅର୍ପଣରେ ମୁଖର ହେବା ପରେ ସ୍ୱାଭାବିକ ପ୍ରଶ୍ନ ଉଠୁଛି କ'ଣ ସତରେ ଓଡ଼ିଶା ଏଥିପାଇଁ ହକ୍‌ଦାର ନଥିଲା? ଏହି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଦେଶର ସମ୍ବିଧାନ ପ୍ରଦତ୍ତ ବହୁଦଳୀୟ ଶାସନ ଅଧିକାର ଓ ସଂଘୀୟ ବ୍ୟବସ୍ଥା ସ୍ୱତଃ ଆଲୋଚନା ପରିସରକୁ ଆସିବ ଏବଂ ରାଷ୍ଟ୍ରନୀତିରେ ଆଞ୍ଚଳିକ ବିକାଶ ନୀତି ଅଧିକ ସ୍ପଷ୍ଟ ଭାବେ ପ୍ରତିଫଳିତ ହେବ।

ରାଜନୀତିରେ 'ଆଞ୍ଚଳିକବାଦ' ଏକ ଅସ୍ପୃଶ୍ୟ ବିଚାର ନୁହେଁ, ବରଂ ଏକ ଆଦର୍ଶ, ଯାହା ନିଜ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ସମାବେଶୀ ବିକାଶକୁ ସର୍ବାଦୌ ଗୁରୁତ୍ୱ ଦିଏ। କ୍ରମାଗତ କେନ୍ଦ୍ରୀୟ ଅବହେଳାରୁ 'ଆଞ୍ଚଳିକବାଦ'ର ଜନ୍ମ ହୋଇଥିବାରୁ ଜାତୀୟ ରାଜନୀତିରେ କ୍ଷମତା ଦୌଡ଼ରୁ ବହୁ ଦୂରରେ ନିରବଚ୍ଛିନ୍ନ ଓ ସମର୍ପିତ ଭାବେ ରାଜ୍ୟର ବିକାଶ ଓ ରାଜ୍ୟବାସୀଙ୍କ ସ୍ୱାର୍ଥର ସୁରକ୍ଷା ହିଁ ଆଞ୍ଚଳିକ ଦଳମାନଙ୍କର ଏକମାତ୍ର ଲକ୍ଷ୍ୟ, ଯାହା ଜାତୀୟ ଦଳମାନଙ୍କ ଆଦର୍ଶ ଓ ନୀତିରେ ବିରଳ। ଓଡ଼ିଶାରେ ଏହି ଆଞ୍ଚଳିକ ବିକାଶସର୍ବସ୍ୱ ଆଦର୍ଶର ପରିପ୍ରକାଶ ବିଜୁ ପଟ୍ଟନାୟକଙ୍କ ଅମଳରେ ଜନ୍ମ ନେଇ ତାଙ୍କ ଅବର୍ତ୍ତମାନରେ ତାଙ୍କ ନାମରେ ଗଠିତ 'ବିଜୁ ଜନତା ଦଳ'ର ଶାସନ କାଳରେ ଅଧିକ ପରିପୁଷ୍ଟ ହେଲା। ଏ ସମ୍ପର୍କରେ ଆଲୋଚନା ପୂର୍ବରୁ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳ ଗଠନର ଅପରିହାର୍ଯ୍ୟତା ସମ୍ପର୍କରେ କିଞ୍ଚିତ ଆଲୋଚନା କରିବା ସମୀଚୀନ ହେବ।

ଆର୍ଥିକ, ସାମାଜିକ, ଭୌଗୋଳିକ, ଧାର୍ମିକ, ଭାଷା ଓ ସଂପ୍ରଦାୟ ଆଦି ଦୃଷ୍ଟିରୁ ବିବିଧତାରେ ପରିପୂର୍ଣ୍ଣ ଭାରତ ସ୍ୱାଧୀନତା ହାସଲ କରିବା ପରେ ଯେଉଁ ଶାସନ ବ୍ୟବସ୍ଥା ସୃଷ୍ଟି କରାଗଲା, ସେଥିରେ ଭାରତ ଏକ ସଂଘୀୟ ସାଧାରଣତନ୍ତ୍ରର ମାନ୍ୟତା ପାଇଲା। ଏହା ସ୍ୱୟଂସମ୍ପୂର୍ଣ୍ଣ ରାଜ୍ୟ ସମୂହଙ୍କର ଏକ ସମାହାର ବା ସଂଘରେ ପରିଣତ ହେଲା। ସେତେବେଳେ କିନ୍ତୁ ରାଜ୍ୟ ସମୂହଙ୍କ କ୍ଷମତା, ସ୍ୱାୟତ୍ତତା ଓ ସ୍ଥିତି ଘେନି ସଂଶୟ ସୃଷ୍ଟି ହେଲା ଏବଂ ସର୍ବୋଚ୍ଚ କ୍ଷମତାଶାଳୀ କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥାର ଘଟକ ରାଜ୍ୟମାନଙ୍କୁ ବଚସ୍କର କରି ରଖିପାରେ ବୋଲି ଚିନ୍ତା ଉଦ୍ରେକ ହେଲା। ଏହି ସଂଶୟର ଅବସାନ ପାଇଁ ସମ୍ବିଧାନର ପ୍ରମୁଖ ପ୍ରଣେତା ବାବାସାହେବ ଆମ୍ବେଦକର ସ୍ପଷ୍ଟ କରିଥିଲେ ଯେ, 'ଭାରତର ଚିଠା ସମ୍ବିଧାନ ସ୍ୱଭାବତଃ ଏକ ସଂଘୀୟ ସମ୍ବିଧାନ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା ଦ୍ୱୈତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ ହେବ। ପ୍ରସ୍ତାବିତ ସମ୍ବିଧାନରେ ଏହି ଦ୍ୱୈତ ଶାସନରେ କେନ୍ଦ୍ରରେ ଗୋଟିଏ ଏବଂ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ସରକାର ନିଜ ନିଜ କାର୍ଯ୍ୟ ପରିସର ଓ ଅଧିକାରଭୁକ୍ତ କ୍ଷେତ୍ରରେ ସ୍ୱାଧୀନଭାବେ ସାମ୍ବିଧାନିକ ମର୍ଯ୍ୟାଦା ଭିତରେ ରହି କାର୍ଯ୍ୟ କରିବାର ଅଧିକାର ପାଇବେ।'

ସ୍ୱାଧୀନତା ପରେ ଭାରତରେ ଆଞ୍ଚଳିକ ସ୍ୱାର୍ଥ ସମ୍ବଳିତ ଆକାଂକ୍ଷା ସୃଷ୍ଟି ହେଲା ଏବଂ ଏହାକୁ ନେଇ ଅଧିକାରର ସ୍ୱର ରାଜନୀତିରେ ପ୍ରତିଫଳିତ ହେଲା। ସେସବୁ ସ୍ୱର କ୍ରମଶଃ ଶାଣିତ ହୋଇଥିଲେ ହେଁ ଜାତୀୟ ସ୍ୱାର୍ଥର ପରିପନ୍ଥୀ ନଥିଲା। ପ୍ରାୟ ସବୁ ଭାରତୀୟଙ୍କ ପାଇଁ ଜାତୀୟତା ବା ରାଷ୍ଟ୍ରୀୟତା ଏକ ଧ୍ରୁବସତ୍ୟ ଓ ସାଲିସବିହୀନ ପ୍ରଶ୍ନ ହୋଇଥିବା ବେଳେ ଆଞ୍ଚଳିକ ସ୍ୱାର୍ଥରକ୍ଷା ଏକ ପ୍ରାଥମିକ ବାସ୍ତବତା ଭାବେ କ୍ରମେ ଆତ୍ମପ୍ରକାଶ କଲା। ନିଜ ନିଜ ରାଜ୍ୟର ପ୍ରଗତି ପାଇଁ ସବୁ ରାଜ୍ୟ କେନ୍ଦ୍ରର ଉପଯୁକ୍ତ ସାହାଯ୍ୟ ସହଯୋଗ ଆଶା କଲେ। ଏଥିରେ ନିରାଶ ରାଜ୍ୟମାନେ ଦାବି ଉପସ୍ଥାପନ ଜରିଆରେ ସ୍ୱର ଉତ୍ତୋଳନ କରିବାକୁ ବାଧ୍ୟ ହେଲେ। ଯେଉଁଠି ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଗୋଟିଏ ଦଳର ଶାସନାଧୀନ ରହିଲା ସେତେବେଳେ 'ଆଞ୍ଚଳିକବାଦ' ଜାତୀୟ ରାଜନୀତିରେ ବିଲୀନ ହୋଇଗଲା। ସ୍ୱାଭାବିକ ଭାବେ ବିପୁଳ ସୁଯୋଗ ଓ ସମ୍ଭାବନା ସତ୍ତ୍ୱେ ରାଜ୍ୟ ବିକାଶ ଧାରା ମନ୍ଥର ହୋଇପଡ଼ିଲା ଏବଂ ରାଜ୍ୟୱାରୀ ବିକାଶରେ ବୈଷମ୍ୟ ଉତ୍କଟ ହେବାରେ ଲାଗିଲା। ଓଡ଼ିଶା ଭଳି ବହୁ ରାଜ୍ୟ ଅବହେଳିତ ହୋଇ ଦରିଦ୍ର ରାଜ୍ୟର ଅପବାଦ ମୁଣ୍ଡାଇବାରେ ଲାଗିଲେ।

ଏହି ପୁଞ୍ଜିଭୂତ ଅସନ୍ତୋଷରୁ ଜନ୍ମ ନେଲା କେନ୍ଦ୍ର ବିରୋଧୀ ଆଭିମୁଖ୍ୟ ଓ ଅବହେଳା ପ୍ରସଙ୍ଗ। 'ରାଷ୍ଟ୍ରନୀତି', 'ଜାତୀୟ ରାଜନୀତି' ଓ 'ଆଞ୍ଚଳିକବାଦ' ମଧ୍ୟରେ ସୃଷ୍ଟ ଅଭାବବୋଧାରୁ ଜନ୍ମ ନେଲେ ଏକାଧିକ ଆଞ୍ଚଳିକ ଦଳ। ଓଡ଼ିଶା, ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ ଆଦିରେ ଯେଉଁସବୁ ଆଞ୍ଚଳିକ ଦଳ ଜନ୍ମ ନେଇ କ୍ଷମତା ହାସଲ କରିବାରେ ସଫଳ ହେଲେ, ତା'ପଛରେ ଥିଲା 'ଆଞ୍ଚଳିକବାଦ'ର ବାସ୍ତବତା, ଆବଶ୍ୟକତା ଓ ଅଞ୍ଚଳବାସୀଙ୍କ ଅକୁଣ୍ଠ ସମର୍ଥନ। ଓଡ଼ିଶାରେ ବିଗତ ଶତାବ୍ଦୀର ୫୦ ରୁ ୬୦ ଦଶକ ମଧ୍ୟରେ ଗଣତନ୍ତ୍ର ପରିଷଦ, ଜନକଂଗ୍ରେସ୍, ଉତ୍କଳ କଂଗ୍ରେସ ଆଦି କେତେକ ଆଞ୍ଚଳିକ ଦଳ ଗଠିତ ହୋଇ ଜାତୀୟ ଦଳର ବିକଳ୍ପ ଭାବେ ରାଜ୍ୟ ରାଜନୀତିରେ ସଫଳତା ହାସଲ କରିଥିଲେ ହେଁ ଦୀର୍ଘସ୍ଥାୟୀ ହୋଇପାରିନଥିଲେ। ୧୯୯୭ ମସିହାରେ ବିଜୁ ଜନତା ଦଳ ଗଠନ ହୋଇ ୨୦୦୦ ମସିହାରେ ରାଜ୍ୟର ଶାସନ କ୍ଷମତା ସମ୍ଭାଳିବା ପରେ ରାଜ୍ୟ ଓ ଜାତୀୟ ରାଜନୀତିରେ ପ୍ରଥମ ଥର ପାଇଁ ଆଞ୍ଚଳିକବାଦର ବାସ୍ତବତା ଗୁରୁତ୍ୱ ପାଇଲା ଏବଂ ରାଜ୍ୟର ସ୍ୱାର୍ଥକୁ ସର୍ବାଗ୍ରେ ରଖାଗଲା। ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ବିକାଶ ମାନଦଣ୍ଡର ସବୁକ୍ଷେତ୍ରରେ ପଛରେ ଥିବା ଭାରତର କେବଳ ଏକ ଭୌଗୋଳିକ ପରିପ୍ରକାଶ ଥିଲା। ଓଡ଼ିଶାର ବିପୁଳ ଖଣିଜ ସମ୍ବଳକୁ କେନ୍ଦ୍ର ନିଜ ଇଚ୍ଛା ଓ ସୁବିଧା ଅନୁସାରେ ଉପଯୋଗ କରୁଥିବା ବେଳେ ରାଜ୍ୟର ବିକାଶ ପ୍ରତି ଯଥୋଚିତ ଧ୍ୟାନ ଦେଉ ନଥିଲା। ସଡ଼କ, ରେଳ ଯୋଗାଯୋଗ, ବନ୍ଦର, ଭିତ୍ତିଭୂମି, ରାଷ୍ଟ୍ରୀୟ ଉଦ୍ୟୋଗ, ଶକ୍ତି, ଯୋଗାଯୋଗ ଆଦି ଅନେକ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ବହୁ ପଛରେ ପଡ଼ିଥିଲା। ବନ୍ୟା ଓ ବାତ୍ୟାର ଚିରସହଚର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଓ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁ ନ ଥିଲେ। ତେଣୁ ଏହା ବିରୋଧରେ ଯେଉଁ ରାଜନୈତିକ ସ୍ୱର ଉତ୍ତୋଳିତ ହୋଇଥିଲା ତାହାକୁ ଓଡ଼ିଶାବାସୀ ପୂର୍ଣ୍ଣପ୍ରାଣରେ ସମର୍ଥନ ଜଣାଇଥିଲେ।

ଯଦି କେନ୍ଦ୍ରୀୟ ଅବହେଳା ଓ ଐତିହାସିକ ଅନ୍ୟାୟକୁ ଓଡ଼ିଶାବାସୀ ଉପଲବ୍ଧ କରି ନଥା'ନ୍ତେ ତେବେ ବିଜେଡି ଓ ଏହାର ନେତାଙ୍କୁ ୫ଟି ଲଗାତାର ନିର୍ବାଚନରେ ବିଜୟୀ କରି ନଥା'ନ୍ତେ। ଦୀର୍ଘ ୨୪ ବର୍ଷର ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ନିରବଚ୍ଛିନ୍ନ ସଂଗ୍ରାମ ଫଳରେ ଏବେ ଓଡ଼ିଶା ଅନେକ କ୍ଷେତ୍ରରେ ଆଗୁଆ ଏବଂ ଜାତୀୟ ସ୍ତରରେ ଉଦାହରଣୀୟ ଓ ଅନୁକରଣୀୟ। ଆଞ୍ଚଳିକବାଦ ଓ ଆଞ୍ଚଳିକ ଦଳର ଶାସନ ବିନା ଏହା ସମ୍ଭବ ହୋଇପାରି ନ ଥା'ନ୍ତା କି କେବେ ମଧ୍ୟ ସମ୍ଭବ ହେବ ନାହିଁ। ବିଜେଡି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ-ସଂଗ୍ରାମକୁ ଦୃଢ଼ ଓ ଶାଣିତ କରିବା ଫଳରେ ଏବେ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଦୃଷ୍ଟିଦେବାକୁ ବାଧ୍ୟ ହେଉଛନ୍ତି। ଏହା କେନ୍ଦ୍ରର ଦୟା କିମ୍ବା ଅନୁକମ୍ପା ନୁହଁ, ରାଷ୍ଟ୍ରନୀତିର ଏକ ବାଧ୍ୟବାଧକତା। ଏଥିରେ କୃତଜ୍ଞତା ଓ ଧନ୍ୟବାଦର ପ୍ରଶ୍ନ ଉଠୁଛି କେଉଁଠି?

ଶେଷରେ ଏହା ଉଲ୍ଲେଖ କରିବା ପ୍ରୟୋଜନ ଯେ ଆଞ୍ଚଳିକବାଦକୁ ବିଚ୍ଛିନ୍ନତାବାଦର ତରାଜୁରେ ନୁହେଁ, ବରଂ ସଂଘୀୟ ବ୍ୟବସ୍ଥାର ଯବକାଚରେ ପରଖିବା ଉଚିତ ହେବ। ସବୁ ରାଜ୍ୟ ସମାନ ଭାବରେ ବିକଶିତ ହେଲେ ଯାଇ ରାଷ୍ଟ୍ର ସମୃଦ୍ଧ ଓ ସଫଳ ହେବ। ଓଡ଼ିଶା ଏ କଥା ବହୁ ଆଗରୁ କହିଆସୁଛି, ଯାହାକୁ କେନ୍ଦ୍ର ସରକାର ଏବେ ସ୍ୱୀକାର କରୁଛନ୍ତି। ବିକାଶର ଭାରସାମ୍ୟ ରକ୍ଷା ରାଜନୀତି ନୁହେଁ, ରାଷ୍ଟ୍ରନୀତିର ଏକ ଅପରିହାର୍ଯ୍ୟ ଅଂଶବିଶେଷ। ବଡ଼ କଥା ହେଲା ଟିକସ ସଂଗ୍ରହ ଓ ସମ୍ବଳ ଆବଣ୍ଟନର ସୁସ୍ଥ ବ୍ୟବସ୍ଥାରେ ସଂଘୀୟ ବ୍ୟବସ୍ଥା ସୁଦୃଢ଼ ହୋଇଥାଏ। ସେ ଦାୟିତ୍ୱ କେନ୍ଦ୍ର ଯଦି ଭୁଲିଯିବ ରାଷ୍ଟ୍ରନୀତିର ପରିପନ୍ଥୀ ବୋଲି ଧରାଯିବ ଏବଂ ଆଞ୍ଚଳିକ ସ୍ତରରେ ବିବାଦ ଓ ପ୍ରତିବାଦ ଉଠିବ। ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଆବଶ୍ୟକତା ଅନୁସାରେ ଲୋକେ ସରକାର ବାଛନ୍ତି ଏବଂ ନିଜର ଆଶା ଆକାଂକ୍ଷା ପୂରଣ କରିଥା'ନ୍ତି। ଏଥିରେ ଅସୂୟାବୋଧ ଓ ଅସ୍ୱାଭାବିକବୋଧତାର ସ୍ଥାନ ନାହିଁ। ସ୍ୱାଧୀନୋତ୍ତର ଭାରତର ରାଜନୀତିରେ ଆଞ୍ଚଳିକବାଦର ସଫଳତା ଆଧାରରେ ଆଜି ଏକାଧିକ ରାଜ୍ୟରେ ଆଞ୍ଚଳିକ ଦଳ କ୍ଷମତାରେ ଅଛନ୍ତି। ଗଣତନ୍ତ୍ରରେ ଭୋଟର ହିଁ ଭାଗ୍ୟବିଧାତା। କଥାରେ ନୁହେଁ, କାମରେ ସେମାନଙ୍କ ବିଶ୍ୱାସ ଓ ଭରସା ଜିତାଯାଇପାରେ। ନିର୍ବାଚନ ଏକ ମାଧ୍ୟମମାତ୍ର। ପ୍ରଶଂସା ଓ କୃତଜ୍ଞତା ନୁହେଁ, ଯେଉଁମାନଙ୍କ ପାଇଁ ଏ ସରକାର ସେମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସଂଗ୍ରାମ କରିବା ସାମ୍ପ୍ରତିକ ରାଜନୀତିର ସବୁଠାରୁ ବଡ଼ ଆହ୍ୱାନ।

(ଅବସରପ୍ରାପ୍ତ ପ୍ରାଧ୍ୟାପକ)

# ସାମାଜିକ ଗଣମାଧ୍ୟମ ଓ ସରକାରୀ ସେବା

ବରୁଣ କୁମାର ମହାପାତ୍ର

ଫକୀର ମୋହନ ମହାବିଦ୍ୟାଳୟର ବହୁଚର୍ଚ୍ଚିତ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱର ସହ ନେବାକୁ ଦାବି ହୋଇଛି। ଆଜିକାଲି ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରାୟ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ। ଶସ୍ତା ଇଣ୍ଟରନେଟ୍ ସାଙ୍ଗକୁ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ବି ହେଉଛି। ସାଧାରଣ ଲୋକଙ୍କ ବ୍ୟତୀତ ନେତା, ମନ୍ତ୍ରୀ, ସରକାରୀ ସଂସ୍ଥାଙ୍କ ଉପସ୍ଥିତି ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ରହିଛି। ଏଭଳି ସ୍ଥଳେ ସରକାର ଓ ଲୋକଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମ ସେତୁ ସଦୃଶ କାର୍ଯ୍ୟ କରିବାରେ କୌଣସି ଅସୁବିଧା ନାହିଁ। ଏହାଦ୍ୱାରା ସରକାର ଓ ଲୋକଙ୍କ ମଧ୍ୟରେ ଥିବା ଦୂରତା ହଟିପାରିବ। ଲୋକେ ସ୍ୱଚ୍ଛନ୍ଦରେ ସରକାରୀ ସେବାର ଲାଭ ପାଇପାରିବେ।

ସାମ୍ପ୍ରତିକ ସମୟରେ ପ୍ରାୟ ସବୁକାର୍ଯ୍ୟ ଅଙ୍ଗୁଳି ଟିପରେ ହେଉଥିବା ବେଳେ ଯୁଗ ସହ ତାଳ ଦେଇ ଏକ ସମାନ୍ତରାଳ ଡିଜିଟାଲ ଶାସନ ବ୍ୟବସ୍ଥା ପ୍ରାୟ ଅନେକ ଦେଶରେ ଲାଗୁ ହୋଇଛି। ଆମ ଦେଶରେ ମଧ୍ୟ ଊଣା ଅଧିକେ ଚାଲୁ ରହିଛି ଏଭଳି ଶାସନ ବ୍ୟବସ୍ଥା। କେନ୍ଦ୍ର ସରକାରଙ୍କ 'ଡିଜିଟାଲ ଇଣ୍ଡିଆ' ଆହ୍ୱାନକ୍ରମେ ବିଭିନ୍ନ ଆପ୍ ମାଧ୍ୟମରେ ସରକାରୀ ଯୋଜନାର ଲାଭ ଓ ସେବା ଲୋକଙ୍କ ପାଖରେ ଅବିଳମ୍ବେ ପହଞ୍ଚି ପାରୁଛି। 'ଫେସବୁକ୍', 'ହ୍ୱାଟ୍ସଆପ୍', 'ଏକ୍ସ (ଟ୍ୱିଟର)' ଭଳି ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ଜରିଆରେ ସରକାରୀ ସଂସ୍ଥା ଓ ବିଭାଗଗୁଡ଼ିକ ସରକାରଙ୍କ ପ୍ରମୁଖ ନୀତି, ପଦକ୍ଷେପ, ଯୋଜନା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଦି ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରୁଛନ୍ତି। ତନ୍ମଧ୍ୟରୁ କିଛି ସରକାରୀ ସଂସ୍ଥା ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣି ସମାଧାନ କରନ୍ତି। ଏପରିକି କିଛି ନେତା ଓ ମନ୍ତ୍ରୀ ନିଜେ ସାମାଜିକ ଗଣମାଧ୍ୟମରେ ସିଧାସଳଖ ଲୋକଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ସୁଖଦୁଃଖ ବୁଝିବା ସହ ଆପତ୍ତି, ଅଭିଯୋଗ ଶୁଣିଥା'ନ୍ତି। ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ ଭଳି ରାଜ୍ୟର ପୁଲିସ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ବି ଗ୍ରହଣ କଲେଣି।

ଡିଜିଟାଲ ଶାସନ ପ୍ରଣାଳୀ ଏକ ସମ୍ଭାବନାପୂର୍ଣ୍ଣ ବ୍ୟବସ୍ଥା। କିନ୍ତୁ କିଛି ଅନ୍ତରାୟ ଯୋଗୁଁ ଆମ ଦେଶରେ ଏହାର ପୂର୍ଣ୍ଣ ଉପଯୋଗ ହୋଇପାରୁନି। ଏ ଦିଗରେ ଏକ ମୁଖ୍ୟ ସମସ୍ୟା ହେଉଛି ଆମ ଲୋକଙ୍କ ଡିଜିଟାଲ ନିରକ୍ଷରତା। ଗତ କିଛିବର୍ଷ ମଧ୍ୟରେ ଭାରତରେ ଟେଲି ସାନ୍ଦ୍ରତା ଦ୍ରୁତ ଗତିରେ ବଢ଼ିଛି। ସଦ୍ୟତମ ସରକାରୀ ତଥ୍ୟ ଅନୁସାରେ ଆମ ଦେଶରେ ଟେଲି ସାନ୍ଦ୍ରତା ସମ୍ପ୍ରତି ୮୫ ପ୍ରତିଶତ। ଅର୍ଥାତ୍ ପ୍ରତି ୧୦୦ ଲୋକଙ୍କ ମଧ୍ୟରେ ୮୫ ଜଣ ଟେଲିଫୋନ୍ ବ୍ୟବହାର କରନ୍ତି। ଏମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ହେଉଛନ୍ତି ସ୍ମାର୍ଟଫୋନ୍ ବ୍ୟବହାରକାରୀ। କିନ୍ତୁ ତନ୍ମଧ୍ୟରୁ ଅଧିକାଂଶ ଲୋକ ଫୋନ୍‌ରେ କଥା ହେବା ଛଡ଼ା ଏହାର ଅନ୍ୟ ଉପଯୋଗୀ ବ୍ୟବହାର ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ଯେପରିକି ବିଭିନ୍ନ ଆପ୍ ମାଧ୍ୟମରେ ସରକାରୀ ସେବା ପାଇବା ହେଉ ଅବା ସାମାଜିକ ଗଣମାଧ୍ୟମର ବ୍ୟବହାର; ଏ ସବୁ ବିଷୟରେ ସେମାନଙ୍କର ଜ୍ଞାନ ନ ଥାଏ କିମ୍ବା ଏଥିପ୍ରତି ସେମାନେ ଆଗ୍ରହୀ ନ ଥା'ନ୍ତି।

ଏହାଛଡ଼ା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅଧିକାଂଶ ମନ୍ତ୍ରୀ, ନେତା ଓ ସରକାରୀ ବିଭାଗଗୁଡ଼ିକର ଆକାଉଣ୍ଟ ଥିଲେ ମଧ୍ୟ ସେଗୁଡ଼ିକ ବହୁଦିନ ଧରି ନିଷ୍କ୍ରିୟ କିମ୍ବା କ୍ୱଚିତ୍ ବ୍ୟବହାର ହେଉଥିବା ଦେଖିବାକୁ ମିଳିଥାଏ। ଆଉ କିଛି ସରକାରୀ ବିଭାଗ କେବଳ ଚିରାଚରିତ ନଥିପତ୍ର ଜରିଆରେ କାମ କରିବାକୁ ପ୍ରାଧାନ୍ୟ ଦିଅନ୍ତି। ସାମାଜିକ ଗଣମାଧ୍ୟମରେ ହ୍ୟାକିଂ ଭୟ ମଧ୍ୟ ଅନେକଙ୍କୁ ଏପରି ମାଧ୍ୟମ ବ୍ୟବହାର କରିବା ପାଇଁ ନିବୃତ୍ତ କରିଥାଏ।

ସମ୍ପ୍ରତି ଆମ ଶାସନ ବ୍ୟବସ୍ଥାର ପ୍ରତିସ୍ତରରେ ଦୁର୍ନୀତି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସମସ୍ତ ପ୍ରୟାସ ସତ୍ତ୍ୱେ ଦୁର୍ନୀତିର ମୂଳୋତ୍ପାଟନ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ଫଳସ୍ୱରୂପ ସରକାରୀ ଯୋଜନାର ସଫଳ ରୂପାୟନ ଓ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ପରିପ୍ରେକ୍ଷୀରେ ଡିଜିଟାଲ ଶାସନ ବ୍ୟବସ୍ଥାର ସଠିକ୍ ଉପଯୋଗ ଏକ ସ୍ୱଚ୍ଛ ତଥା ଦୁର୍ନୀତିମୁକ୍ତ ଶାସନ ସୁନିଶ୍ଚିତ କରିପାରିବ। ଏଥିପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ସହ ଉନ୍ନତ ତଥା ସୁରକ୍ଷିତ ଡିଜିଟାଲ ଭିତ୍ତିଭୂମି ତିଆରି କରିବାର ଆବଶ୍ୟକତା ରହିଛି। ଏହାଛଡ଼ା ଲୋକଙ୍କୁ ଏପରି ଶାସନ ପ୍ରଣାଳୀର ଉପାଦେୟତା ଏବଂ ଏହାର ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ପଡ଼ିବ। ଡିଜିଟାଲ ଶାସନ ବ୍ୟବସ୍ଥାରେ ଡାଟା ସୁରକ୍ଷା ଓ ଗୋପନୀୟତା ଏକ ବଡ଼ ଆହ୍ୱାନ। କାରଣ ଏଭଳି ଶାସନ ପ୍ରଣାଳୀରେ ସରକାରୀ ବିଭାଗଗୁଡ଼ିକର ଗୋପନ ତଥା ସମ୍ବେଦନଶୀଳ ତଥ୍ୟ ପ୍ରଘଟ ହେବାର ଆଶଙ୍କା ରହିଥାଏ। ତେଣେ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ଗୋପନୀୟତା ମଧ୍ୟ ଚୋରି ହେବାର ବିପଦ ରହିଛି। ଉଭୟ ସରକାରୀ ସଂସ୍ଥା ଓ ଲୋକଙ୍କ ଗୋପନୀୟତା ରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନିଆଗଲେ ଏଭଳି ଶାସନ ବ୍ୟବସ୍ଥାର ସୁଫଳ ସାଧାରଣ ଜନତାଙ୍କୁ ସହଜରେ ମିଳିପାରିବ।

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

# ତିବ୍ବତରେ ଲାମା

ପ୍ରବୀର କୁମାର ପଟ୍ଟନାୟକ

## ଦ୍ୱିତୀୟ-ବୁଦ୍ଧ କଥା

'ଲାମା' ଶବ୍ଦର ଅର୍ଥ ହେଲା ଉଚ୍ଚତର ପଦମର୍ଯ୍ୟାଦାଯୁକ୍ତ ବା ଊର୍ଦ୍ଧ୍ୱସ୍ଥ ଅଥବା ମଠାଧୀଶ - 'ତାଙ୍କଠାରୁ ଊର୍ଦ୍ଧ୍ୱରେ ଉଚ୍ଚସ୍ଥାନରେ ଆଉ କେହି ନୁହନ୍ତି।' ଏସବୁର ଅର୍ଥ ସଂସ୍କୃତରେ 'ଗୁରୁ'। 'ଗୁରୁ' ହେଉଛନ୍ତି ଯେ ବୌଦ୍ଧଧର୍ମରେ ଶିଷ୍ୟଙ୍କୁ ଦୀକ୍ଷିତ କରିବାର କ୍ଷମତା ରଖିଥିବା ଉଚ୍ଚସ୍ତରର ସନ୍ନ୍ୟାସୀ ସେ ହେଉଛନ୍ତି 'ଲାମା'। 'ଲାମା' କୌଣସି ଅବତାର ପୁରୁଷ ନୁହନ୍ତି କିମ୍ବା ସବୁ ଅବତାର ପୁରୁଷ 'ଲାମା' ନୁହନ୍ତି। ତିବ୍ବତୀୟ, ମଙ୍ଗୋଲୀୟ ଓ ମାଞ୍ଚୁରୀୟ ଧର୍ମଶାସ୍ତ୍ର ଏବଂ ସରକାରୀ ନୀତିନିୟମ 'ଲାମା'ମାନଙ୍କର ଆଧ୍ୟାତ୍ମିକ କ୍ଷମତା, କର୍ତ୍ତୃତ୍ୱ ଏବଂ ଐହିକ ବା ପାର୍ଥିବ ନିରାପତ୍ତା ଆଦି ଧାର୍ଯ୍ୟ କରିଛନ୍ତି।

'ଲାମା' ଅର୍ଥାତ୍ 'ଗୁରୁ' ବା 'ପୁରୋହିତ' ଶବ୍ଦ ତିବ୍ବତରେ ବୌଦ୍ଧ ଧର୍ମର ପ୍ରବେଶ ପୂର୍ବରୁ ପ୍ରଚଳିତ ଥିଲା। ସ୍ଥାନୀୟ 'ବନ୍' ଧର୍ମର ପୁରୋହିତଙ୍କୁ ମଧ୍ୟ 'ଲାମା' କୁହାଯାଉଥିଲା। 'ଲାମା' ଶବ୍ଦର ଐତିହାସିକ ପ୍ରଚଳନ ତିବ୍ବତୀୟ ବ୍ୟାକରଣରେ ମଧ୍ୟ ଦେଖାଯାଏ। ଯେଉଁ ବ୍ୟାକରଣ ହେଉଛି ଖ୍ରୀ ୬୪୦ ବେଳକୁ ଥୋନ୍‌ମି ସମ୍ଭୋଟା ପ୍ରଚଳନ କରିଥିଲେ। ସେଥିରେ ସେ ସମସ୍ତ 'ଲାମା'ଙ୍କୁ ସମ୍ମାନ ଜଣାଇଛନ୍ତି। ଏହି ସବୁ 'ଲାମା' ନିଶ୍ଚିତ ଭାବେ ଭାରତୀୟ 'ଲାମା', ଯେଉଁମାନଙ୍କଠାରୁ ଥୋନ୍‌ମି ଶିକ୍ଷାଲାଭ କରିଥିଲେ ଭାରତରେ।

ତିବ୍ବତରେ କିନ୍ତୁ 'ଲାମା' ଶବ୍ଦ ବା ଚିହ୍ନିତ କରିବାର ଶ୍ରେଣୀ ପ୍ରଥମେ ପଦ୍ମସମ୍ଭବଙ୍କଠାରୁ ଆରମ୍ଭ ହେଲା। ମହାଗୁରୁ ବା ଗୁରୁ ରିନ୍‌ପୋଚେ ଭାବେ ପରିଚିତ ପଦ୍ମସମ୍ଭବ ତିବ୍ବତରୁ 'ବନ୍' ଧର୍ମର ଲାମାମାନଙ୍କୁ ପ୍ରାୟ ମୂଳପୋଛ କରି ଦେଇଥିଲେ। କିନ୍ତୁ ବୌଦ୍ଧ ଧର୍ମର ପ୍ରଚାର, ପ୍ରସାର ଓ ସଂରକ୍ଷଣ ନିମିତ୍ତ ସେ ସ୍ଥାନୀୟ ପୁରୋହିତମାନଙ୍କର ଏକ ସଂଘ ଗଠନ କଲେ। ପ୍ରଥମ କରି ଏହି ସଂଘରେ ମହାଗୁରୁ ପଦ୍ମସମ୍ଭବ ସାତଜଣଙ୍କୁ ଦୀକ୍ଷିତ କରାଇ ଭର୍ତ୍ତି କରାଇଲେ। ଏହି ସାତଜଣ ଦୀକ୍ଷିତ ଶିଷ୍ୟ ହେଲେ ତିବ୍ବତର ପ୍ରଥମ 'ଲାମା'। ଏହି 'ଲାମା' ଓ ତାଙ୍କର ପରବର୍ତ୍ତୀ ଉତ୍ତରାଧିକାରୀ 'ଲାମା'ମାନେ ତିବ୍ବତର ପ୍ରଥମ ରାଷ୍ଟ୍ରୀୟସ୍ତରର ସର୍ବୋଚ୍ଚ ମଣ୍ଡଳୀ ବା କର୍ତ୍ତା ଭାବେ ସ୍ୱୀକୃତ ହେଲେ। ଏପରିକି ରାଷ୍ଟ୍ରୀୟ ମାର୍ଯ୍ୟାଦାରେ ରାଜାମାନେ 'ଲାମା'ଙ୍କ ପରବର୍ତ୍ତୀ ପଦବୀର କର୍ମକର୍ତ୍ତା ଭାବେ ଗଣା ଯାଉଥିଲେ।

ଏହିପରି ଭାବେ ତିବ୍ବତରେ ବୌଦ୍ଧ ଧର୍ମ ଗୁରୁ (ଲାମା) ପଦ୍ମସମ୍ଭବଙ୍କଠାରୁ ଆରମ୍ଭ ହେଲା। ସେ ହେଉଛନ୍ତି ତିବ୍ବତୀୟ ବୌଦ୍ଧ ଧର୍ମର ତ୍ରାଣକର୍ତ୍ତା; ସେହିଁ ତିବ୍ବତୀୟ ବୌଦ୍ଧ ଧର୍ମର ଇତିହାସରେ ପ୍ରଥମ 'ଗୁରୁ' ଭାବେ ପରିଚିତ ଓ ପ୍ରତିଷ୍ଠିତ। ଖ୍ରୀ ୮୧୨ ରେ ରାଜହତ୍ୟା ପରେ ପରେ ପରବର୍ତ୍ତୀ ଦୁଇ ଶତାବ୍ଦୀ ପରେ ପୁଣି ବୌଦ୍ଧ ସନ୍ନ୍ୟାସୀମାନେ ପୂର୍ବଭଳି ସମ୍ମାନଜନକ ମୁଖ୍ୟସ୍ରୋତକୁ ଫେରି ଆସିଲେ। ଏହା ପରଠାରୁ ବୌଦ୍ଧ ଧର୍ମରେ ଯେଉଁ ତ୍ରିରତ୍ନ ବୁଦ୍ଧ, ଧର୍ମ, ସଂଘ ଶରଣରେ ବୋଲି କୁହାଯାଉଥିଲା ଏହି ସମୟରେ ତା' ପୂର୍ବରୁ 'ଲାମା ଶରଣେ' କୁହାଗଲା। ପ୍ରାରମ୍ଭିକ କାଳରେ 'ଲାମା ଶରଣେ' କୁ ମୁଖ୍ୟତଃ ଆଧ୍ୟାତ୍ମିକ ଓ ନୈତିକ ଅର୍ଥରେ ବୁଝାଯାଉଥିଲା। 'ଲାମା'ମାନେ ବୌଦ୍ଧ ଧର୍ମଶାସ୍ତ୍ରର ଦାୟିତ୍ୱ ଓ ଶିକ୍ଷାନୁଷ୍ଠାନ ପରିଚାଳନାର ମୁଖ୍ୟଭାବେ ରହୁଥିବାରୁ 'ଲାମା' ସାଧାରଣତଃ ସମାଜରେ ଏକ ପ୍ରତିଷ୍ଠାସମ୍ପନ୍ନ ଓ ସମ୍ମାନାସ୍ପଦ ପଦବୀ ଭାବେ ଗଣ୍ୟ ହେଉଥିଲେ ଏବଂ ତାଙ୍କ ଶରଣରେ ଯିବା ସ୍ୱାଭାବିକ ଥିଲା। ପରବର୍ତ୍ତୀ କାଳରେ ପ୍ରାୟ ଗୋଟିଏ ଶତାବ୍ଦୀ (ଖ୍ରୀ ୧୨୫୦ରୁ) ଧରି ଶାକ୍ୟ ସଂପ୍ରଦାୟର 'ଲାମା'ମାନେ ସରକାର ଅର୍ଥାତ୍ ଶାସନ ଦାୟିତ୍ୱ ମଧ୍ୟ ତୁଲାଇଲେ।

ପଞ୍ଚଦଶ ଶତାବ୍ଦୀ ଆରମ୍ଭ ବେଳକୁ 'ଗେଲୁଗ୍‌ସେର୍ପା' ସଂପ୍ରଦାୟର ଉତ୍ଥାନ ପୂର୍ବରୁ କେନ୍ଦ୍ର ତିବ୍ବତରେ କିଛୁକାଳ 'କର୍ମପା' ଲାମାମାନେ ମଧ୍ୟ ଶାସନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଗେଲୁଗ୍‌ସେର୍ପା ଗୋଷ୍ଠୀ ଅନ୍ତର୍ଭୁକ୍ତ 'ଦଲାଇଲାମା' ତିବ୍ବତରେ ଖ୍ରୀ ୧୬୪୨-୧୯୫୦ ପର୍ଯ୍ୟନ୍ତ ପ୍ରାୟ ତିନିଶହ ବର୍ଷ ତିବ୍ବତରେ ଶାସନ ଦାୟିତ୍ୱରେ ଥିଲେ ଭାରତ ଆସିବା ପର୍ଯ୍ୟନ୍ତ। ଭାରତରେ ମଧ୍ୟ ନିର୍ବାସିତ ଅବସ୍ଥାରେ ତିବ୍ବତୀୟମାନଙ୍କର ଶାସନ ମୁଖ୍ୟ ଭାବେ ଦଲାଇଲାମା ହିଁ ରହିଛନ୍ତି। ତିବ୍ବତରେ ବୌଦ୍ଧଧର୍ମର ବିଭିନ୍ନ ସଂପ୍ରଦାୟ ରହିଛନ୍ତି। ଏଣୁ ଏହି ନିର୍ଦ୍ଦିଷ୍ଟ ସଂପ୍ରଦାୟ ହାତରେ ଶାସନ ଦାୟିତ୍ୱ ରହିବା କାଳରେ ସେମାନେ ସବୁ ବିଭିନ୍ନ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ତଥା ସୁବିଧା ସୁଯୋଗ ଓ ନିରାପତ୍ତା ଭୋଗ କରିବା ଫଳରେ ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ଉପୁଜିବା ସହ ତିକ୍ତ ସଂପର୍କ ରହୁଥିଲା।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରହସ୍ୟଘେରରେ ଆଇନଜୀବୀଙ୍କ ଆତ୍ମାହୁତି

ଭୁବନେଶ୍ୱର, ୨୯ ।୮ (ସମିସ): ମଞ୍ଚେଶ୍ୱର ଥାନା ଅଧୀନ ପାଣ୍ଡରା ଅଞ୍ଚଳର ଆଇନଜୀବୀ ଦୀପକ କୁମାର ସାହୁ ଗତକାଲି ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି । ଏହି ଘଟଣାକୁ ୨୪ ଘଣ୍ଟା ବିତିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିପାରିନାହିଁ । ସେ ନିଜେ ପେଟ୍ରୋଲ ଢାଳି ଆତ୍ମାହୁତି କରିଛନ୍ତି ନା ତାଙ୍କୁ କେହି ନିଆଁ ଲଗାଇ ଦେଇଛନ୍ତି, ତାହା ପୁଲିସ୍ ସ୍ପଷ୍ଟ କରିନାହିଁ।

- ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ନମୁନା ସଂଗ୍ରହ
- ଦୀପକଙ୍କ ଦୁଇଦୁଇ ଥର ବ୍ରେନ୍ ଡେଡ୍ ହୋଇଥିଲା
- ମେଡିସିନ୍ ବନ୍ଦ କରି ମାନସିକ ଚାପରେ ଥିଲେ: ଏସିପି

ପଡ଼ୋଶୀ କିନ୍ତୁ ଏହି ଘଟଣାରେ ଭିନ୍ନ କଥା କହିଛନ୍ତି। ସେମାନଙ୍କ କହିବା କଥା, କିଛି ଦିନ ହେବ ଦୀପକ ଏବଂ ତାଙ୍କ ପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲା । ଏହାକୁ ନେଇ ସେ ଆତ୍ମଦାହ କରିଥାଇପାରନ୍ତି । ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମଞ୍ଚେଶ୍ୱର ଥାନା ପୁଲିସ ସହ ସାଇଣ୍ଟିଫିକ୍ ଟିମ୍ ଦୀପକ ପୋଡ଼ି ହୋଇଥିବା ନିର୍ମାଣଧୀନ ଚତୁର୍ଥ ମହଲାରେ ପହଞ୍ଚି ଛାନଭିନ କରିଥିଲା । ଘଟଣାସ୍ଥଳରୁ ପାଉଁଶ, ପୋଡ଼ା ଦ୍ରବ୍ୟର ନମୁନା ସଂଗ୍ରହ କରି ତଦନ୍ତକୁ ଆଗକୁ ବଢ଼ାଇଛି । ସେଠାରେ ଏକ ପ୍ଲାଷ୍ଟିକ୍ ବୋତଲ ଏବଂ ପୋଡ଼ି ଯାଇଥିବା ଡ୍ରେସ୍‌ର କିଛି ଅଂଶକୁ ସଂଗ୍ରହ କରିଛନ୍ତି । ଏଥିସହ ପୁଲିସ କହିଛି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ କିଛି ଜଣାପଡ଼ିବ।

ଗତକାଲି ରାତିରେ ପତ୍ନୀ ଖାଇବାକୁ ବାଢ଼ିଥିଲେ। ହେଲେ ଗରମ ଲାଗିଥିବା କହି ଛାତ ଉପରକୁ ଯାଇଥିଲେ। ଦୀର୍ଘ ସମୟ ଧରି ନ ଆସିବାରୁ ଖାଇବା ପାଇଁ ଦୀପକଙ୍କୁ ଡାକିବାକୁ ଯାଇଥିଲେ ପତ୍ନୀ, ହେଲେ ଶିଡି ଘର କବାଟ ବନ୍ଦ ଥିଲା । ପରେ ଚର୍ତୁଥ ମହଲା ଘରୁ ନିଆଁ ଓ ଧୂଆଁ ବାହାରୁ ଥିବା ଦେଖି ଚିତ୍କାର କରି ଅନ୍ୟ ମାନଙ୍କୁ ଡାକିଥିଲେ। ପଡ଼ିଶା ଘର ଛାତ ଦେଇ ଦୀପକଙ୍କୁ ଉଦ୍ଧାର କରାଗଲା, କିନ୍ତୁ ସେତେବେଳେକୁ ଦୀପକ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲେ। ଦୀପକଙ୍କର ଦୁଇ ଦୁଇ ଥର ବ୍ରେନ୍ ଡେଡ୍ ହୋଇଥିଲା। ଯାହାକୁ ନେଇ ସେ ମାନସିକ ଅବସାଦରେ ଥିଲେ ବୋଲି କହିଛନ୍ତି ପଡୋଶୀ। ଅନ୍ୟପଟେ ଦୀପକ ପୋଡ଼ି ଯାଇଥିବା ସ୍ଥାନକୁ ଦେଖିଲେ ସନ୍ଦେହ ବଢୁଛି। ନିଆଁ ଲାଗିବା ପରେ ଏଣେ ତେଣେ ନଦୌଡ଼ି, କେମିତି ଗୋଟେ ସ୍ଥାନରେ ପଡ଼ିରହିଲେ? ତେବେ ଆଇନଜୀବୀଙ୍କ ଏଭଳି ନିଷ୍ପତ୍ତି ପଛର କାରଣ କ'ଣ? ଶାରୀରିକ ଅସୁସ୍ଥତା ନା ପାରିବାରିକ କଳହ? ନିଆଁ ଲାଗିଲା ପରେ, କେମିତି ଗୋଟିଏ ସ୍ଥାନରେ ପଡ଼ି ରହିଲେ ଦୀପକ? ଏ ସମସ୍ତ ପ୍ରଶ୍ନ ଘଟଣାକୁ ନେଇ ସନ୍ଦେହ ବଢ଼ାଉଛି । ଅନ୍ୟପଟରେ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି ଯେ, ଦୀପକ ପୂର୍ବରୁ ମେଣ୍ଟାଲ ଡିପ୍ରେସନରେ ଥିଲେ । ଦୁଇଥର ହସ୍ପିଟାଲରେ ଆଡ଼ମିଟ ହୋଇ ମେଡ଼ିସିନ ଖାଉଥିଲେ । କିନ୍ତୁ ଗତ ୧୫ ଦିନ ହେବ ମେଡ଼ିସିନ ବନ୍ଦ କରି ମାନସିକ ଭାବେ ଚାପଗସ୍ତ ଥିବା କହିଛନ୍ତି ଜୋନ୍ ଏସିପି।

## ବିହାର ନିର୍ବାଚନ: ଧର୍ମେନ୍ଦ୍ରଙ୍କ ପରେ ଏବେ ଭକ୍ତଙ୍କ ପ୍ରଚାର

ଭୁବନେଶ୍ୱର,୨୯।୮ (ସମିସ): ଆଉ ଦୁଇମାସ ପରେ ବିହାର ବିଧାନସଭା ନିର୍ବାଚନ। ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିବା ଏହି ନିର୍ବାଚନ ଉପରେ ସାରା ଦେଶର ନଜର ରହିଛି । ଯଦିଓ ଆନୁଷ୍ଠାନିକ ଭାବେ ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ, ତଥାପି ନିର୍ବାଚନ ପରିବେଶ ବେଶ୍ ସରଗରମ ରହିଛି । ଭୌଗୋଳିକ ଓ

- ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଧର୍ମେନ୍ଦ୍ର
- ବିହାରରେ କଂଗ୍ରେସ ପ୍ରଭାରୀ ଭକ୍ତଙ୍କର ରହିଛି ଅଭିଜ୍ଞତା

ସାମାଜିକ ଦୃଷ୍ଟିକୋଣରୁ ଯଦିଓ ବିହାର ସହ ଓଡ଼ିଶାର ସେପରି କିଛି ସମ୍ପର୍କ ନାହିଁ, ତଥାପି ବିହାର ରାଜନୀତି ସହିତ ଜଡ଼ିତ ଓଡ଼ିଶାର ଦୁଇ ନେତା ବିଧିବଦ୍ଧ ଭାବରେ ନିର୍ବାଚନରେ ସାମିଲ ହୋଇ ସାରିଲେଣି । ପୂର୍ବରୁ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିହାର ପାଇଁ ଏକଦା କଂଗ୍ରେସ ପ୍ରଭାରୀ ରୂପେ କାର୍ଯ୍ୟ କରିଥିବା ଓଡ଼ିଶା ପିସିସି ସଭାପତି ଭକ୍ତଚରଣ ଦାସ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି ।

ବର୍ତ୍ତମାନ ବିହାରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ୍‌ଅଧିକାର ଯାତ୍ରା କରୁଛନ୍ତି। ଏହା ସହ ବିହାର ହୋଇଥିବା 'ଏସ୍‌ଆଇଆର୍' ପ୍ରକ୍ରିୟାକୁ ତ୍ରୁଟିପୂର୍ଣ୍ଣ କହି ନିର୍ବାଚନ କମିସନ ଓ ବିଜେପି ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି । ତେଣୁ ବିହାରରେ ବିଜେପିକୁ ମାତ୍ ଦେବା ପାଇଁ କଂଗ୍ରେସ ଚଳାଇଥିବା ଉଦ୍ୟମରେ ସାମିଲ ହୋଇଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ସେ ବିହାର ଗସ୍ତ କରି ବିଭିନ୍ନ ସ୍ଥାନରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି । ବିହାରର ନିର୍ବାଚନରେ ରହିଥିବା ବିଭିନ୍ନ ପ୍ରସଙ୍ଗ ଓ କୌଶଳ ସମ୍ପର୍କରେ ତାଙ୍କର ପୂର୍ବ ଅଭିଜ୍ଞତା ଦଳ ପାଇଁ ଉପଯୋଗୀ ହେବ ବୋଲି କଂଗ୍ରେସ ମନେ କରୁଛି । ଶୁକ୍ରବାର ଭକ୍ତ ପାଟନାଠାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ଭକ୍ତଙ୍କ ସହିତ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ବିହାର ସକ୍ରିୟ ଭାବେ ଦଳ ପାଇଁ କାମ ଆରମ୍ଭ କରିଦେଇଛନ୍ତି ।

ଅନ୍ୟପଟେ ଅତୀତରେ ବିହାର ବିଧାନସଭା ନିର୍ବଚନ ପାଇଁ ସହପ୍ରଭାରୀ ଦାୟିତ୍ୱ ତୁଲାଇଥିବା ଓ ବିହାରରୁ ରାଜ୍ୟସଭାକୁ ଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟ ବିହାର ନିର୍ବାଚନ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତ । ଗତ ୨୬ତାରିଖରେ ଧର୍ମେନ୍ଦ୍ର ପାଟନାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଯୁବ ସମ୍ମିଳନୀରେ ଯୋଗ ଦେଇଥିଲେ। ସେଠାରେ ବିଜେପି ସରକାରରେ ବିହାର ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ଦର୍ଶାଇଥିଲେ । ଏହାସହିତ ଧର୍ମେନ୍ଦ୍ର ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସକୁ ନିଶାଣ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଯାହାକୁ ସ୍ଥାନୀୟ ସାମ୍ବାଦିକମାନେ ବହୁ ଗୁରୁତ୍ୱପୂର୍ଣ୍ଣ ଦର୍ଶାଉଛନ୍ତି। ଏହି ଅବସରରେ ଉଭଙ୍କ ମଧ୍ୟରେ ବିଜେପି-ଏନ୍‌ଡ଼ିଏ ସିଟ୍ ବଣ୍ଟନକୁ ନେଇ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି ।

## ଓକିଲାତି ଲାଇସେନ୍ସଧାରୀ ଅନ୍ୟ ପେଶାରେ ଥିଲେ ରୁଜୁ ହେବ ଫୌଜଦାରୀ ମାମଲା

କଟକ, ୨୯।୮ (ସମିସ): ରାଜ୍ୟ ଆଇନଜୀବୀ ପରିଷଦରୁ ଓକିଲାତି ପେଶାରେ ଯୋଗଦେବା ଲାଗି ଲାଇସେନ୍ସ ନେଉଥିବା ଅନେକ ଆଇନଜୀବୀ ସରକାରୀ ଚାକିରି ସହ ବିଭିନ୍ନ କମ୍ପାନୀ, ବ୍ୟବସାୟ ଠିକା କାମ ଓ ଅନ୍ୟାନ୍ୟ ପେଶାରେ ଯୋଗଦେଇ କାର୍ଯ୍ୟ କରୁଥିବାର ଅଭିଯୋଗକୁ ଆଇନଜୀବୀ ପରିଷଦ ଗୁରୁତ୍ୱର ସହ ଗ୍ରହଣ କରିଛି । ଏହାକୁ ରୋକିବା ଲାଗି ପରିଷଦ ସମସ୍ତ ବାର୍ ଆସୋସିଏସନକୁ ପତ୍ର ଜରିଆରେ ନିର୍ଦ୍ଦେଶ ଦେଇଛି । ଆଡଭୋକେଟ୍ ଆଇନ-୧୯୬୧ର ନିୟମ ଅନୁଯାୟୀ ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେଶାରେ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରିବା, ଏପରିକି କେତେକ ସ୍ଥଳରେ ସରକାରୀ ଦପ୍ତରରେ ଚୁକ୍ତିଭିତ୍ତିକପୂର୍ଣ୍ଣ ସମୟ ଲାଗି କନ୍ସଲ୍ଟାଣ୍ଟ ଓ ରିସର୍ଚ୍ଚର ଭାବେ କାର୍ଯ୍ୟ କରିବା ପେଶାଗତ ନୈତିକତାର ବିରୋଧାଚରଣ କରୁଛି । ଏହି ଆଇନଜୀବୀମାନେ ସେମାନଙ୍କ ଲାଇସେନ୍ସ ରାଜ୍ୟ ଆଇନଜୀବୀ ପରିଷଦରେ ସରେଣ୍ଡର୍ କରିବା କଥା,

### କାର୍ଯ୍ୟାନୁଷ୍ଠାନ ପାଇଁ ବାର କାଉନସିଲର ଚିଠି

ନଚେତ ସେମାନଙ୍କ ଲାଇସେନ୍ସ ରଦ୍ଦ କରିବାର ନିୟମ ରହିଛି। ତଥାପି ଏହାକୁ କିଛି ଆଇନଜୀବୀ ଉଲ୍ଲଙ୍ଘନ କରୁଛନ୍ତି । ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି କାଉନସିଲର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ବାବଦରେ ବାର୍ ଆସୋସିଏସନକୁ କାଉନସିଲ୍ ପକ୍ଷରୁ ଚିଠି ଲେଖି ଏଭଳି ଆଇନଜୀବୀଙ୍କୁ ସେମାନଙ୍କ ଲାଇସେନ୍ସ ତୁରନ୍ତ ସରେଣ୍ଡର୍ କିମ୍ବା ସସପେଣ୍ଡ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ଆଇନଜୀବୀମାନେ ଏହି ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି, ସେମାନଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା କରାଯିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ପାଇଁ କାଉନସିଲ ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର ଆସୋସିଏସନକୁ ଜଣାଇଛନ୍ତି । ଆଇନ ପେଶାରେ ପୂର୍ଣ୍ଣ ସମୟ ଦେଇ କାର୍ଯ୍ୟ କରୁଥିବା ଆଇନଜୀବୀମାନେ ଏଭଳି ଆଇନ ଉଲ୍ଲଙ୍ଘନକାରୀଙ୍କ ସମ୍ପର୍କରେ ଲାଇସେନ୍ସ ନେଇ ଅନ୍ୟ ବୃତ୍ତିରେ ଥିବା ଆଇନଜୀବୀଙ୍କ ସମ୍ପର୍କରେ ବାର୍ ଆସୋସିଏସନ୍ କିମ୍ବା ବାର କାଉନସିଲରେ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାଉନସିଲ୍ ପକ୍ଷରୁ ପ୍ରେସ ବିବୃତିରେ ଜଣାଇ ଦିଆଯାଇଛି।

## ୩୧ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨୯।୮ (ସମିସ): ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ହେବ ନାହିଁ। ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନାହିଁ। ତେଣୁ ବର୍ଷା କମିବ। ମାତ୍ର ୩୧ ତାରିଖରୁ ପୁଣି ବର୍ଷା ବଢ଼ିବ। ଆସନ୍ତା ୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ଗୋଟିଏ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଓ ଆଉ ଗୋଟିଏ ଦ୍ୱିତୀୟ ସପ୍ତାହରେ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଆଗମୀ ଦୁଇ ସପ୍ତାହ ପାଇଁ ବିସ୍ତାରିତ ପାଣିପାଗର ପୂର୍ବାନୁମାନ ଜାରି ହୋଇଛି। ଏହି ଆକଳନ ଅନୁସାରେ, ସେପ୍ଟେମ୍ବର ୩ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ଅଧିକ ଘନୀଭୂତ ହୋଇ ୫ ତାରିଖରେ ଅବପାତର ରୂପ ନେବାର ସମ୍ଭାବନା ଅଛି। ଏହାପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଆଉ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ଅଛି। ତେଣୁ ଓଡ଼ିଶାରେ ଆସନ୍ତା ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୩ ଭିତରେ ପ୍ରବଳ ବର୍ଷା ହୋଇପାରେ। ଗତ ୨୪ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ହ୍ରାସ ପାଇଛି । ମାତ୍ର କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇଥିବା ଜଣାପଡ଼ିଛି । ଶନିବାର ମଧ୍ୟ ଅଧିକାଂଶ ସ୍ଥାନରେ ବର୍ଷାର ପ୍ରଭାବ କମିବା ସହ କାଁ ଭାଁ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ୩୧ରେ ବର୍ଷା ବଢ଼ିବା ଯୋଗୁଁ କିଛି କିଛି ଜିଲ୍ଲା ପାଇଁ ଆଲର୍ଟ ଜାରି ହୋଇଛି।

## ଓଆଇଏସ୍‌ଏଲ୍ କାରଖାନାରେ ଠିକା ଶ୍ରମିକ ମୃତ

ରାଉରକେଲା,୨୯।୮ (ସମିସ): ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜାମପାଲି ଛକରେ ଥିବା ଓଆଇଏସଏଲ କାରଖାନାର ଲାବୋରେଟରୀ ଭିତରେ ଜଣେ ଠିକା ଶ୍ରମିକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି । ମୃତ ଠିକା ଶ୍ରମିକଜଣଙ୍କ କୁନମୁର ପଞ୍ଚାୟତ ତେତେରକେଲା ଗ୍ରାମର ଆନନ୍ଦ ଲାକ୍ରାଙ୍କ ପୁଅ ପ୍ରଦୀପ ଲାକ୍ରା । ସେ ଓଆଇଏସଏଲ କାରଖାନାରେ ଠିକା କମ୍ପାନୀ ଆକାଶ ଏଣ୍ଟରପ୍ରାଇଜେସ୍ ଅଧୀନରେ ଲାବୋରେଟରୀରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ସେ ଲାବୋରେଟରୀରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ତୁରନ୍ତ ରାଜଗାଙ୍ଗପୁର ଗୋଷ୍ଠୀ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତେବେ ପ୍ରଦୀପଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି । ରାଜଗାଙ୍ଗପୁର ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।


**WALK-IN-INTERVIEW**

Educated, well-mannered, & Smart Male/Female required for the role of Receptionist / Tele-Caller at an Automobile Detailing Workshop. Prior Experience / Knowledge of Detailing Work shall be given preference. Salary negotiable.

Interview timings: **Dt. 31.08.2025 (Sunday) between 10:00 AM to 01:00 PM.**

Candidates are advised to contact the day prior and carry their Resume before coming for Interview.

**Contact: Odisha Detailing Empire, Near Twin City Gate No.1, Trisulia-Baranga Road, Baranga, Cuttack.**

**Mobile No: +91 83288 51843**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମ୍ପର୍କ ସୁଧାରିଛି...

ସ୍ଥିତି ଦ୍ରୁତଗତିରେ ବଦଳି ଯାଇଥିଲା । ୨୦୨୦ର ଗଲୱାନ ସଂଘର୍ଷକୁ ଭୁଲାଇ ଆଗକୁ ବଢ଼ିବା ପାଇଁ ଅଗଷ୍ଟରେ ଭାରତ ଏବଂ ଚୀନ୍ ରାଜି ହୋଇଥିଲେ। ସୀମା ବିବାଦର ସମାଧାନ ଲାଗି ପ୍ରୟାସକୁ ଜୋରଦାର କରିଥିଲେ। ଏବେ ମୋଦୀ ଚୀନ୍ ଗସ୍ତରେ ଯାଉଛନ୍ତି । ରିପୋର୍ଟରେ କୁହାଯାଇଛି ଯେ ଟ୍ରମ୍ପଙ୍କ ଶୁଳ୍କ ପୂର୍ବରୁ ମଧ୍ୟ ଭାରତ ଏବଂ ଚୀନ୍ ଆଲୋଚନା କରିଥିଲେ। ଗତ ବର୍ଷ ଲଦାଖରେ ଜାରି ଗତିରୋଧକୁ ହ୍ରାସ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ଦ୍ୱାରା ମୋଦୀ ଏବଂ ଜିନପିଙ୍ଗଙ୍କ ପ୍ରତ୍ୟକ୍ଷ ସାକ୍ଷାତର ମାର୍ଗ ପ୍ରଶସ୍ତ ହୋଇଥିଲା। ଏସ୍‌ସିଓ ସମ୍ମିଳନୀରେ ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଜିନପିଙ୍ଗଙ୍କୁ ଭେଟିବେ । ଏହି ସାକ୍ଷାତ ଆଲୋଚନା ଉପରେ ଆମେରିକା ତୀକ୍ଷଣ ଦୃଷ୍ଟି ରଖିଛି । କାରଣ ଏହା ଆମେରିକା ପାଇଁ ଚିନ୍ତାର ବିଷୟ ପାଲଟିପାରେ ।

### ତୃଣମୂଳରୁ ଶକ୍ତିଶାଳୀ...

ଶାଳୀନ ହୋଇ ଏକାଠି କାମ କରିବା ସହ ସାମ୍ପ୍ରତିକ ସମୟରେ ସାଧାରଣ ଲୋକ, ଯୁବ ଓ ଛାତ୍ରବର୍ଗ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅଗ୍ରାଧିକାର ଦେଇ ତାହାର ସମାଧାନ କରିବାକୁ ମଧ୍ୟ ନବୀନ ପରାମର୍ଶ ଦେଇଛନ୍ତି । ନବୀନଙ୍କ ଡ଼କରା ପାଇଁ ନବୀନ ନିବାସରେ ପହଞ୍ଚିଥିବା ଯୁବ ଓ ଛାତ୍ର ବିଜେଡିର ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନଙ୍କୁ ନବୀନ ଦୀର୍ଘ ସମୟ ପଢ଼ାଇଛନ୍ତି ରାଜନୀତି ପାଠ । ରାଜ୍ୟ ସାରା ଭ୍ରମଣ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାର ଛାତ୍ର ଏବଂ ଯୁବକମାନଙ୍କ ସହିତ ଯୋଗାଯୋଗ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି । ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତମାନଙ୍କୁ ନବୀନ କହିଛନ୍ତି ଯେ ଆପଣମାନଙ୍କ ଉପରେ ମୋର ବହୁତ ଆଶା ଅଛି । ଆପଣମାନେ ସବୁବେଳେ ବିନମ୍ର ଏବଂ ଶାଳୀନ ହୋଇ ରହିବା ସହ ଜନସେବାରେ ବ୍ରତୀ ହୁଅନ୍ତୁ । ନିରନ୍ତର ଭାବେ ଲୋକଙ୍କ ସହିତ ଯୋଡ଼ି ହୋଇ ରହିବା ସହ ରାଜ୍ୟବ୍ୟାପୀ ସେମାନଙ୍କ ସମସ୍ୟାର ସମାଧାନ କରନ୍ତୁ । ଏହା ସହ ସାମାଜିକ ଗଣମାଧ୍ୟମ ଉପରେ ଧ୍ୟାନ କେନ୍ଦ୍ରୀତ କରିବା ସହ ଦଳର ନୀତି, ଆଦର୍ଶ ଏବଂ ପ୍ରତିବଦ୍ଧତାକୁ ସକ୍ରିୟ ଭାବରେ ପ୍ରଚାର କରିବାକୁ ନବୀନ ଉପସ୍ଥିତ ଛାତ୍ର ଓ ଯୁବ ନେତାଙ୍କୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଇପ୍ସିତା ସାହୁ, ଉପଦେଷ୍ଟା ବ୍ୟୋମକେଶ ରାୟ, ଅମରେଶ ପତ୍ରୀ, ସଞ୍ଜିତ ମହାନ୍ତି, ରାଜେନ୍ଦ୍ର କୁମାର ସାହୁ, ଦେବେଶ ଆଚାର୍ଯ୍ୟ, ଦେବୀ ରଂଜନ ତ୍ରିପାଠୀ, ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

ନବୀନଙ୍କ ସହ ସାକ୍ଷାତ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଯୁବ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ(ସ୍ୱତନ୍ତ୍ର ଦାୟିତ୍ୱ) ବ୍ୟୋମକେଶ ରାୟ କହିଛନ୍ତି ଯେ ଦଳର ସଭାପତିଙ୍କ ପରାମର୍ଶକ୍ରମେ ଯୁବକ, ଛାତ୍ରମାନଙ୍କୁ ନେଇ ଏକ ଶକ୍ତିଶାଳୀ ସଂଗଠନ ତିଆରି ହେବ । ସରକାରଙ୍କ ଅପାରଗ ପଣିଆ ଏବଂ ମିଛ ପ୍ରତିଶ୍ରୁତି ଦେଇ ଯେଉଁ ବାହବା ନେଉଛନ୍ତି, ତାହା ଲୋକଲୋଚନକୁ ଅଣାଯିବ । ମହିଳାଙ୍କଠାରୁ ଆରମ୍ଭ କରି ଯୁବକ ଛାତ୍ର ବର୍ତ୍ତମାନ ହତାଶା ମଧ୍ୟରେ ଗତି କରୁଥିବା ବେଳେ ଯୁବକଙ୍କୁ ମିଳିଥିବା ପ୍ରତାରଣାରେ ପରିଣତ ହୋଇଛି । ଏହା ବିରୋଧରେ ଏକ ବଡ଼ ଜନ ଆନ୍ଦୋଳନ ହେବାକୁ ଯାଉଛି । ନୂଆକରି ତିଆରି ହୋଇଥିବା ବିଜୁ ଯୁବ ଜନତା ଓ ଛାତ୍ର ଜନତା ଦଳ ଆକ୍ରମଣାତ୍ମକ ଢଙ୍ଗରେ କାର୍ଯ୍ୟ କରିବ। ଆସନ୍ତା ୨୦୨୯ରେ ଆମେ ପୁଣିଥରେ କ୍ଷମତାକୁ ଫେରିବୁ। ସେଥିପାଇଁ ଏବେଠାରୁ ରୋଡମ୍ୟାପ ପ୍ରସ୍ତୁତ ହେଉଛି ବୋଲି ବ୍ୟୋମକେଶ କହିଛନ୍ତି। ଉଭୟ ଚିନ୍ମୟ ସାହୁ ଏବଂ ଇପ୍ସିତା ସାହୁଙ୍କର ପୂର୍ବରୁ ବହୁ ଅଭିଜ୍ଞତା ରହିଛି । ଯୁବ, ଛାତ୍ର ନେତ ଭାବେ ଯାହା ଦକ୍ଷତା ରହିବା କଥା, ତାହା ସେମାନଙ୍କ ମଧ୍ୟରେ ରହିଛି। ତାଙ୍କ ନେତୃତ୍ୱରେ ଏକ ଦୃଢ଼ ସଂଗଠନ ତିଆରି ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ‌

ସେହିପରି ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଓଡ଼ିଶାର କୋଣ ଅନୁକୋଣକୁ ଯାଇ ବିଜୁ ଯୁବ ଜନତା ଦଳକୁ ନୂଆ ରୂପରେ, ନୂଆ ଢଙ୍ଗରେ ଆହୁରି କ୍ରିୟାଶୀଳ, ସଶକ୍ତ କରିବାକୁ ଆମର ପ୍ରିୟ ନେତା ନବୀନ ପଟ୍ଟନାୟକ ଆମକୁ ପରାମର୍ଶ ଦେଇଛନ୍ତି । ଆମେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇବୁ, ପ୍ରସଙ୍ଗ ଉତ୍ଥାପନ କରିବୁ । ଯଦି ସରକାର ନଚେତିବେ, ତାହେଲେ ବିରୋଧ ଜୋରଦାର ହେବ । ବିଜୁ ଯୁବ ଜନତା ଦଳ ପ୍ରତ୍ୟେକ ଜିଲ୍ଲା ବୁଲି ପ୍ରତିଭା ଅନ୍ୱେଷଣ କରାଯିବ । ଯୁବ, ଛାତ୍ର ସଂଗଠନରେ ଯିଏ ସଫଳ ନେତୃତ୍ୱ ନେଇଥିବେ, ଯେଉଁମାନେ ଦକ୍ଷ ହୋଇଥିବେ ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଛାତ୍ର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ଆଜି ଆମେ ଆମର ଦଳର ସଭାପତିଙ୍କୁ ଭେଟିଲୁ । କଣ ପାଇଁ ଜଣେ ଝିଅକୁ ଛାତ୍ର ଜନତା ଦଳର ସଭାପତି କରାଗଲା ତାହା କହିଥିଲେ । ବର୍ତ୍ତମାନ ଓଡ଼ିଶାରେ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି । ସୌମ୍ୟାଶ୍ରୀ, ବଳଙ୍ଗୀ କିମ୍ବା ପଟ୍ଟାମୁଣ୍ଡାଇ ଘଟଣା ଏହାର ଗୋଟିଏ ଗୋଟିଏ ଉଦାହରଣ । କେଉଁଭଳି ଭାବେ ଛାତ୍ରୀମାନଙ୍କର ମନୋବଳ ବଢ଼ାଯିବ, କେଉଁଭଳି ଝିଅଟିଏ ନିଜ ସୁରକ୍ଷା ନିଜେ କରିବ; ସେମାନଙ୍କ ପାଇଁ ଲଢ଼େଇ କରିବାକୁ ଜଣେ ଝିଅକୁ ଛାତ୍ର ସଭାପତି ରୂପେ ଚୟନ କରାଯାଇଥିବା ସଭାପତି କହିଥିବା ସେ ସୂଚନା ଦେଇଛନ୍ତି ।

### ସମତାଭିତ୍ତିକ ସମାଜ...

ଆମର ଆଜି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ, ନିଶ୍ଚୟ ଭଲ ହେବ। ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପିଏମ ଜନମନ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷ ଯୋଜନାରେ ଆଦିବାସୀ ଗୋଷ୍ଠୀଙ୍କୁ କିପରି ଫୋକସ କରାଯାଉଛି ସେ ସମ୍ପର୍କରେ ମତ ରଖିଛନ୍ତି ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ଶିକ୍ଷା ନୀତିରେ ବଞ୍ଚିତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଛାତ୍ର ଛାତ୍ରୀ ଲାଭ ପାଇବେ, ସେଥିପ୍ରତି ସରକାର ଦାୟିତ୍ୱବାନ ଅଛନ୍ତି ବୋଲି କହିଛନ୍ତି । ବିଗତ କିଛି ବର୍ଷରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ୪୬ ରୁ ୬୬ ଲକ୍ଷ ପର୍ଯ୍ୟନ୍ତ ବଢିଛି । ସମାଜରେ ବଂଚିତ ବର୍ଗ ଉପରକୁ ଆସିଲେ ଦେଶ ଓ ରାଜ୍ୟର ଉନ୍ନତି ହେବ । ଏହି କର୍ମଶାଳାରୁ ସମସ୍ତଙ୍କ ପରାମର୍ଶରୁ ଯେଉଁ ନିଷ୍କର୍ଷ ବାହାରିବ ସେଥିରେ ସମାଜର କଲ୍ୟାଣ ହେବ ବୋଲି ସେ ମତ ଦେଇଛନ୍ତି । ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଓଡିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି କହିବା ସହ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ପାଇଁ ବିଗତ ୧୦ ବର୍ଷରେ ବଜେଟ ୪ ଗୁଣା ବଢିଛି ଏବଂ ଏଥିରେ ଆଦିବାସୀ ଅଧ୍ୟୁଷିତ ରାଜ୍ୟଗୁଡିକର ଉନ୍ନତି ହେବା ଫଳରେ ନକ୍ସଲବାଦ ଭଳି ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିଛି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ, ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ ।

### ଚମ୍ପାରେ ଭୂସ୍ଖଳନ...

ଅଛନ୍ତି । ଭୂସ୍ଖଳନ କାରଣରୁ ପାଖାପାଖି ୩୦ରୁ ୪୦ ପରିବାର ଆବର୍ଜନା ତଳେ ଦବି ଯାଇଛନ୍ତି। ଆହୁରି କେତୋଟି ଘର କ୍ଷତିଗ୍ରସ୍ତ ହୋଇଛି। ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ଡିଡିଆରଏଫ୍ ଓ ପୁଲିସର ଟିମ୍ ପ୍ରଭାବିତ ଜିଲ୍ଲାରେ ଉଦ୍ଧାର କାର୍ଯ୍ୟ ପାଇଁ ବାହରିଛନ୍ତି । ବାଗେଶ୍ୱର ଜିଲ୍ଲା ନିକଟସ୍ଥ ପୋସାରୀରେ ରାତି ସାରା ବର୍ଷା ଯୋଗୁ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ସେହିପରି ରୁଦ୍ରପ୍ରୟାଗର ଜଖୋଲିର କୋଠା ଭୁଶୁଡିବା କାରଣରୁ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି । ୪ ଜଣ ନେପାଳୀ ଓ ୪ ଜଣ ସ୍ଥାନୀୟ ଲୋକଙ୍କ ସହ ୮ ଜଣ ଶ୍ରମିକ ଆବର୍ଜନା ତଳେ ଦବି ରହିଛନ୍ତି । ରୁଦ୍ରପ୍ରୟାଗରେ ଆବର୍ଜନା ତଳେ ଫସି ରହିଥିବା ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି । ଅଲକାନନ୍ଦା ଓ ମନ୍ଦାକିନୀ ନଦୀରେ ଜଳସ୍ତର ବିପଜ୍ଜନକ ସ୍ଥିତିରେ ରହିଛି । ଜନବସତି ଅଞ୍ଚଳରେ ପାଣି ପସିଛି ଓ ବନ୍ୟାଭଳି ସ୍ଥିତି ସୃଷ୍ଟି ହୋଇଛି। ସେହିପରି ଚମୋଲିରେ କେତୋଟି ପରିବାର ଆବର୍ଜନା ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ସାରା ଦେଶରେ ମୌସୁମୀ ବର୍ଷା କାରଣରୁ ନାହି ନଥିବା ସ୍ଥିତି ସୃଷ୍ଟି ହୋଇଛି। ଜମ୍ମୁ ଓ ପଞ୍ଜାବରେ ବନ୍ୟା ଯୋଗୁ ଫସି ରହିଥିବା ଲୋକଙ୍କୁ ହେଲିକପ୍ଟର ଦ୍ୱାରା ଉଦ୍ଧାର କରାଯାଇଛି । ବର୍ଷା ଯୋଗୁ ଦିଲ୍ଲୀର ଏକାଧିକ ଅଞ୍ଚଳରେ ପାଣି ଭରି ରହିଛି। ଦିଲ୍ଲୀର ସଡକ ଗୁଡିକ ମଧ୍ୟ ଜଳମଗ୍ନ ହୋଇଛି। ପଞ୍ଜାବରେ ବନ୍ୟା ଯୋଗୁଁ ୬ ଜଣ ଲୋକ ମୃତ୍ୟୁ ବରଣ କରିଥିବା ବେଳେ ୩ ଜଣ ନିଖୋଜ ରହିଛନ୍ତି। ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ଡେରାଡୁନ୍ ଓ ବାଗେଶ୍ୱରରେ ରେଡ ଆଲର୍ଟ ଜାରି କରାଯାଇଛଇ। ଗତ ୨୧ ଦିନରେ କେବଳ ବାଦଲ ଫଟା ବର୍ଷା କାରଣରୁ ୩ଟି ରାଜ୍ୟରେ ୮୦ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ।

### ସାପ କାମୁଡ଼ାରେ...

ଜଣାଇବା ପରେ ଅଙ୍କିତାର ଚିକିତ୍ସା ପାଇଁ ତାକୁ ମାହାଙ୍ଗା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା । ହେଲେ ଚିକିତ୍ସିତ ଅବସ୍ଥାରେ ସେଠାରେ ଅଙ୍କିତାଙ୍କର ମୃତ୍ୟୁ ଘଟିଥିଲା । ଶବ ବ୍ୟବଚ୍ଛେଦ ପରେ ଅଙ୍କିତାଙ୍କ ଶବ ଗ୍ରାମକୁ ଫେରୁଥିବା ବେଳେ ନାତୁଣୀର ମୃତ୍ୟୁ ଖବର ପାଇ ଜେଜେ ବାବାଜୀ ପରମାଣିକ (୭୫)ଙ୍କର ହୃଦ୍‌ଘାତର ଶିକାର ହୋଇ ଅଚେତ ହୋଇପଡ଼ିଥିଲେ । ତାଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ପରେ ଉଭୟଙ୍କ ମରଶରୀର ନିଜ ବାସଭବନରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଖବର ପାଇ ଅଙ୍କିତା ପଢୁଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ଡାକୁଆ, ଶିକ୍ଷକ ଗଗନ ବିହାରୀ ନାୟକ, ପୂର୍ବତନ ସମିତି ସଭ୍ୟ ଦିଲ୍ଲୀପ କୁମାର ସାମଲ, ଯୋଗେଶ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ । ଗ୍ରାମ ଶ୍ମଶାନରେ ଉଭୟ ଜେଜେ ଆଉ ନାତୁଣୀଙ୍କର ଏକାଠି ସତ୍କାର କରାଯାଇଛି । ଏଭଳି ଏକ ଦୁଃଖଦ ଘଟଣାରେ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।


OFFICE OF THE PRINCIPAL

**PANCHAYAT SAMITI DEGREE COLLEGE,**

BANGOMUNDA, DIST. BALANGIR (ODISHA) PIN – 767040 (Estd.1999)

E-Mail : psdcbgm@gmail.com, Mob: 9078208298

**WALK-IN-INTERVIEW**

A walk-in-interview for appointment of lecturers on contractual basis is scheduled to be held in the Panchayat Samiti Degree College, Bangomunda on **Dt. 07.09.2025 (Sunday) at 10:30 A.M.** for the following Post.

| Sl No. | NAME OF THE POST | QUALIFICATION |
|---|---|---|
| 01 | Lect. in Sanskrit (No. of Post: 01) | Minimum 55% marks in P.G. Level |

Interested candidates are hereby informed to attend the interview on Dt. **07.09.2025 at 10:30 A.M.** with complete Bio-data, Original and Photocopies of all certificates and two passport size photographs. Salary is negotiable and no T.A/D.A will be given for attending the interview.

Sd/- Prinicpal



**SALE**

1 Number of Tractor–ESCORTS KUBOTA FT 45 POWER MAXX/ 2024, Registration No.- OD-01-AX –3697,Model-2024, ENGINE NO –E2667912, CHASSIS NO -T052674827AN, For Details, contact – 9437055763,9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658



**ସତ୍ୟପାଠ**

ମୁଁ, ସୁପ୍ରିୟା ବିଶ୍ୱାଳ, ବୟସ: ୪୨ ବର୍ଷ, ସ୍ୱାମୀ: ବିଭୁପ୍ରସାଦ ସ୍ୱାଇଁ, ସା: ଭଟଣା, ପୋ: ଅଙ୍ଗେଶ୍ୱରପଡା, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା, ପିନ୍-୭୫୪୧୧୩ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଭୁବନେଶ୍ୱରଙ୍କ ନିକଟରେ ଶପଥ ପାଠ କରି ଘୋଷଣା କରୁଛି କି, ମୋର ନାବାଳକ ପୁତ୍ର: ମନିତ କୁମାର ସ୍ୱାଇଁ (ପୁରୁଣା ନାମ)କୁ ନୂଆ ନାମ: ମନିତ ସ୍ୱାଇଁକୁ ପରିବର୍ତ୍ତନ କରୁଅଛି । ଏବେଠାରୁ ଭବିଷ୍ୟତରେ ସେ ମନିତ ସ୍ୱାଇଁ ନାମରେ ସମସ୍ତ କ୍ଷେତ୍ରରେ ପରିଚିତ ହେବ।



**କଟକ ମହାନଗର ନିଗମ**

ପବିତ୍ର ସାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

**କଟକ ସହରର ସଚେତନ ନାଗରିକ ମାନଙ୍କୁ ନିବେଦନ**

- କଟକ ମହାନଗର ନିଗମ କଟକ ସହରର ସଚେତନ ନାଗରାଜ ମାନଙ୍କର ସକ୍ରିୟ ସହଯୋଗ ନେଇ ସ୍ୱଚ୍ଛତା ଓ କାର୍ଯ୍ୟ ଦକ୍ଷତା ମାଧ୍ୟମରେ ଏକ ବିକାଶମୂଖୀ ବୃହତର କଟକ ନିର୍ମାଣ କରିବା ପାଇଁ ସଙ୍କଳ୍ପ ବଦ୍ଧ । ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ ।
- ନିଗମର ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ପରିସର ପରିଷ୍କାର ରଖିବା ସହ ରାସ୍ତା କଡ଼ରେ କିମ୍ବା ଖାଲି ଜାଗାରେ କୌଣସି ବର୍ଯ୍ୟବସ୍ତୁ ପକାନ୍ତୁ ନାହିଁ ଏବଂ ଏଥିପାଇଁ ପାଖରେ ଥିବା ଡ୍ରଷ୍ଟବିନ କିମ୍ବା ମଇଳା ପଡ଼ିବା ସ୍ଥାନ ବ୍ୟବହାର କରି ସ୍ୱାସ୍ଥ୍ୟ, ପରିମଳ ଓ ପରିବେଶ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରନ୍ତୁ ।
- ନିଗମ ଦ୍ୱାରା ସହର ମଧ୍ୟରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଥିବା ଦୃଷ୍ଟିରୁ, ଏହାର ବିକଳ୍ପକୁ ବ୍ୟବହାର କରିବା ପାଇଁ ବଦ୍ଧପରିକର ହୋଇ, ପଲିଥିନକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରନ୍ତୁ ।

DSPL-231 OIPR-13031/13/0214/2526

ସୁଶ୍ରୀ କିରନଦିପ୍ କୌର ସହୋତା, ଭା.ପ୍ର.ସେ. ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ, ଡେପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର



**AFFIDAVIT**

I, Manasa Kumar Jena, S/o- Late Laxmidhar Jena, resident of Plot No-20, Sector-1 Niladri Vihar, Sailashree Vihar, Bhubaneswar,Khorda, Odisha- 751021, declare by this affidavit No.248, Dated: 28.08.2025 that now onwards I shall be known as **Manas Kumar Jena** for all future purposes.



**କଟକ ମହାନଗର ନିଗମ**

ସାୟତ ଶାସନ ପାଳନ ଅବସରରେ
କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**କାର୍ଯ୍ୟସୂଚୀ**

**ତା. ୩୦.୦୮.୨୦୨୫ ରିଖ**

ପ୍ରାତଃ ୦୯.୦୦ ଘଟିକା : ରକ୍ତଦାନ ଶିବିର, ଟାଉନହଲ, କଟକ

**ତା. ୩୧.୦୮.୨୦୨୫ ରିଖ**

ପୂର୍ବାହ୍ନ -୧୦.୩୦ ଘଟିକା : ନିଗମ ଅଂଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ ।

ସନ୍ଧ୍ୟା -୦୪.୦୦ ଘଟିକା : ସହିଦ ଭବନ, କଟକ ଠାରେ ସାଧାରଣ ସଭା

ମୁଖ୍ୟ ଅତିଥି :
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା

ମୁଖ୍ୟବକ୍ତା :ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ (ଲୋକସଭା), କଟକ

ସତନ୍ତ୍ର ଅତିଥି :ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ

ସମ୍ମାନିତ ଅତିଥି ବୃନ୍ଦ
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ
ଇଂ. ସୋଫିଆ ଫିର୍‌ଦୋସ, ମାନ୍ୟବର ବିଧାୟିକା, ବାରବାଟୀ କଟକ
ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ
ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ସିନ୍ଦେ, (ଭା.ପ୍ର.ସେ) ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ଖିଲାରି ଋଷିକେଷ ଦ୍ୟାନଦେଓ, (ଭା.ପୁ.ସେ) ଡ଼ିସିପି, କମିଶନରେଟ ପୋଲିସ, କଟକ

୧. ନିଗମ ଅଂଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ।
୩. ନିଗମର କର୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ ।

ସୁଶ୍ରୀ କିରନ୍‌ଦିପ କୌର ସହୋତା, (ଭା.ପ୍ର.ସେ) ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ ଡେ଼ପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର

ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ

DSPL-230 OIPR-13031/13/0212/2526



**AFFIDAVIT**

By virtue of an affidavit No-4954 sworn before the Executive Magistrate, Champua, date-31/07/2025. I, **Sadiya Khatun,** W/o- Md. Kaisar, Address: At/Po/Ps-Jhumpura, Dist- Keonjhar, Odisha, PIN-758031 I have changed my name from **Sadia Bano** (old name) to **Sadiya Khatun** (new name). Henceforth, I shall be known as **Sadiya Khatun** for all future purposes.

**Sadiya Khatun**



**ହଜିଯାଇଥିବା ସୂଚନା**

ମୁଁ ଅରୁପମା ବର୍ଦ୍ଧନ ,ସ୍ୱାମୀ - ପୂର୍ଣ୍ଣ ଚନ୍ଦ୍ର ବର୍ଦ୍ଧନ , ଗାଁ/ପୋଷ୍ଟ - ନୂଆପାଟଣା , ଥାନା- ତିଗିରିଆ , ଜିଲ୍ଲା- କଟକ ବାସିନ୍ଦା ଅଟେ। ମୁଁ ୨୪.୦୧.୨୦୨୫ ରିଖ ୧୦.୩୦ ସମୟରେ ତିଗିରିଆ ତହସିଲ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଜମି କାଗଜପତ୍ରର ଖାତା ନମ୍ବର - ୪୨୯/୩୨୧ ଏବଂ ଡିଡ୍ ନମ୍ବର - ୪୩୫ ତାରିଖ-୧୮-୦୭- ୨୦୦୮ ହଜି ଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଦୟାକରି ମୋବାଇଲ୍ ନମ୍ବର - ୯୯୩୮୦୫୫୦୩୨ କିମ୍ବା ତିଗିରିଆ ପୁଲିସ ନିକଟରେ ସୂଚନା ଦେବା ପାଇଁ ଅନୁରୋଧ କରୁଛି । ଏଥିରେ ଯଦି କେହି ଅପବ୍ୟବହାର କରନ୍ତି ଆମେ ଦାୟୀ ରହିବୁ ନାହିଁ। SD /- ଅରୁପମା ବର୍ଦ୍ଧନ

### ଆଜି ମଣିନାଥପୁର ଡଙ୍ଗା ବୁଡ଼ି ଦିନ....

# ମନେପଡ଼େ ୨୩ ବର୍ଷ ତଳର ହୃଦୟ ବିଦାରକ ଘଟଣା

**ବାରିକପୁର, ୨୯ ।୮ (ସମିସ)**

ବାରିକପୁର ଅଞ୍ଚଳର ଲୋକେ ଆଜି ବି ଭୁଲି ନାହାନ୍ତି ୨୦୦୨ ମସିହା ଅଗଷ୍ଟ ୩୦ ତାରିଖ। ଏହି ଦିନଟି ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତବାସୀଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ ଦିନ ଥିଲା। ନଦୀ କୂଳ କାନ୍ଦ ବୋବାଳିରେ ଫାଟି ପଡ଼ିଥିବା ବେଳେ ଅଞ୍ଚଳରେ ଖେଳି ଯାଇଥିଲା ଶୋକାକୁଳ ପରିବେଶ। ସେଦିନ ବୈତରଣୀ ନଦୀକୂଳର ଦୃଶ୍ୟ ଥିଲା ଅତ୍ୟତ ହୃଦୟ ବିଦାରକ। ସକାଳ ସାଢେ ୯ରୁ ୧୦ଟା ହେବ। ସବୁଦିନ ଭଳି ସେହିଦିନ ବି ମଣିନାଥପୁର ଘାଟରୁ ଡଙ୍ଗା ଯାଉଥାଏ ଅପରପାର୍ଶ୍ୱ କାଳୀ ଘାଟକୁ। ଯାଜପୁର ସହରକୁ ବିଭିନ୍ନ କାର୍ଯ୍ୟ ପାଇଁ ଡଙ୍ଗାରେ ଯାଉଥାନ୍ତି ପ୍ରାୟ ଶହେ ଜଣ ଯାତ୍ରୀ। ହଠାତ୍ ଡଙ୍ଗାଟି ଭାରସାମ୍ୟ ହରାଇ ବାରୁଣୀ ପଡ଼ିଆ ସଂଯୁକ୍ତ ସପ୍ତମାତୃକା ମନ୍ଦିର ନିକଟସ୍ଥ ଏକ ମୁଣ୍ଡିଆରେ ଧକ୍କା ହୋଇଥିଲା। ଫଳରେ ଡଙ୍ଗାଟି ବୈତରଣୀ ଓ ଗେଙ୍ଗୁଟି ସଙ୍ଗମ ସ୍ଥଳରେ ଓଲଟି ପଡ଼ିଥିଲା। ଚାହୁଁ ଚାହୁଁ ଡଙ୍ଗାରେ ଥିବା ଲୋକେ ଭରା ନଦୀରେ ଭାସିଯାଇଥିଲେ। ଖବର ପବନ ବେଗରେ ବ୍ୟାପୀଯାଇଥିବା ବେଳେ ବୈତରଣୀ କୂଳରେ ରୁଣ୍ଡ ହୋଇଥିଲେ ହଜାର ହଜାର ଲୋକ। ମଣିନାଥପୁର ଡଙ୍ଗା ବୁଡି ଘଟଣା ଜାତୀୟ ଗଣମାଧ୍ୟମରେ ଶୀର୍ଷକ ପାଲଟି ଯାଇଥିଲା। ସାରା ରାଜ୍ୟବାସୀ ସ୍ତବ୍ଧ ହୋଇଥିଲେ। ଏହି ଦୁର୍ଘଟଣାରେ ଷୋଳମପୁର ଓ ମଣୀନାଥପୁ ଗ୍ରାମର ସର୍ବାଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ମୋଟ ୨୬ ଜଣ ଡଙ୍ଗା ବୁଡିରେ ମୃତ୍ୟୁ ବରଣ କରିଥିବା କୁହାଯାଇଥିଲା। ଖବର ପାଇ ୨୪ ଘଣ୍ଟା ମଧ୍ୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଣିନାଥପୁରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାଛଡା ଶୋକାକୁଳ ପରିବାର ବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହିତ ମୃତକଙ୍କ ପରିବାର ବର୍ଗଙ୍କୁ ଯଥାଶୀଘ୍ର ୧ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ନଦୀରେ ତୁରନ୍ତ ଏକ ସେତୁ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ମଧ୍ୟ ଭଦ୍ରକ ଓ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଆଜି ବଲ୍ଲଭୀଘାଟ ସେତୁଭାବେ ଦଣ୍ଡାୟମାନ ହୋଇଛି। ପୋଲ ମୁଣ୍ଡରେ ଥିବା ମୃତକଙ୍କ ନାମ ଫଳକ ମାଟିରେ ମିଶି ଯାଇଥିବାବେଳେ ଆଜି ବି ଉକ୍ତ ଅଭିଶପ୍ତ ଦିବସର ହୃଦୟ ବିଦାରକ ଘଟଣାକୁ ଭୁଲିପାରି ନ ଥିବା କହିଛନ୍ତି ଷୋଳମପୁରବାସୀ ଅରବିନ୍ଦ ନାୟକ।


ଫାଇଲ୍ ଫଟୋ

### ସେମାନେ ଯାହା କୁହନ୍ତି...


ସେତେବେଳେ କେନ୍ଦ୍ର ଜଳସମ୍ପଦ ବିଭାଗ ମନ୍ତ୍ରୀ ଅର୍ଜ୍ଜୁନ ଚରଣ ସେଠୀଙ୍କୁ ସାଥିରେ ଧରି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯାଇଥିଲୁ। ମୁଖ୍ୟମନ୍ତ୍ରୀ ତତ୍କାଳ ଘଟଣାସ୍ଥଳରେ ପହଞ୍ଚି ଭବିଷ୍ୟତରେ ଏଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ତୁରନ୍ତ ବୈତରଣୀ ଉପରେ ସେତୁ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।

**ପରମାନନ୍ଦ ନାୟକ, ସରପଞ୍ଚ, ଷୋଳମପୁର**


ଆମେ ୧୦ଟା ଭିତରେ ଖବର ପାଇଥିଲୁ ଯେ ବାରୁଣୀ ପଡ଼ିଆ ନିକଟରେ ଡଙ୍ଗା ବୁଡି ଯାଇଛି। ତୁରନ୍ତ ନଦୀ କୂଳରେ ପହଞ୍ଚି ଯାହା ଦେଖିଲୁ ତାହା ଅତ୍ୟନ୍ତ ଦୁଃଖଦାୟକ ଥିଲା। ଆମ ପଞ୍ଚାୟତବାସୀ ସ୍ତବ୍ଧ ହୋଇଥିଲେ।

**ମୁକୁନ୍ଦ ଚରଣ ମଲ୍ଲିକ, ତତ୍କାଳୀନ ସରପଞ୍ଚ**


ମୃତକଙ୍କ ମଧ୍ୟରେ ୧୮ ଜଣ ପହଁରା ଜାଣିଥିବା ବେଳେ ଜୀବନ ବଞ୍ଚାଇବାକୁ ଯାଇ ପରସ୍ପରକୁ ଧରାଧରି ହୋଇ ବୈତରଣୀ ସୁଅରେ ଭାସି ଯାଇଥିଲେ। ପ୍ରାୟ ତିନି ଚାରି ଦିନ ପରେ ସମସ୍ତ ମୃତ ଶରୀର ଉଦ୍ଧାର ହୋଇଥିଲା। ଦୁର୍ଘଟଣାକୁ ନେଇ ମଣୀନାଥପୁରଠାରେ ଏକ ସ୍ମାରକୀ ସ୍ତମ୍ଭ ନିର୍ମାଣ ହେଲେ ଭଲ ହୁଅନ୍ତା।

**ବ୍ରଜକିଶୋର ମଲ୍ଲିକ, ବରିଷ୍ଠ ସମାଜସେବୀ**


ଆମେ ସେତେବେଳେ ଛୋଟ ଥିଲୁ। ଆମ ନଈ ଘାଟରେ ଡଙ୍ଗା ବୁଡିବା ଖବର ଶୁଣି ଗାଁ ଲୋକଙ୍କ ସହିତ ନଦୀ କୂଳକୁ ଦୌଡିଥିଲୁ। କାନ୍ଦବୋବାଳିରେ ନଈ କୂଳ ଫାଟି ପଡ଼ିଥିଲା। ଏବେ ଆମ ଯୁବକ ସଂଘ ପକ୍ଷରୁ ଏକ ସ୍ମୃତି ସ୍ତମ୍ଭ ନିର୍ମାଣ ପାଇଁ ମନସ୍ଥ କରିଛୁ।

**ସୁରଥ ଦାସ, ସ୍ୱେଚ୍ଛାସେବୀ**


## ମା' ଭଦ୍ରକାଳୀଙ୍କ ଆଶୀର୍ବାଦ ଲୋଡ଼ିଲେ ପୂର୍ବାଞ୍ଚଳ ଡିଆଇଜି

**ଭଦ୍ରକ, ୨୯ ।୮ (ସମିସ):** ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମାଆ ଭଦ୍ରକାଳୀଙ୍କୁ ଆଜି ଦର୍ଶନ କରିଛନ୍ତି ନୂତନ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର। ପୁରୀ ଏସପିରୁ ପଦୋନ୍ନତି ପାଇ ପୂର୍ବାଞ୍ଚଳ ଡିଆଇଜି ଭାବେ ବାଲେଶ୍ୱରରେ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଭଦ୍ରକ ଜିଲ୍ଲା ଗସ୍ତ କରିଥିଲେ। ଏହି ଅବସରରେ ମାଆ ଭଦ୍ରକାଳୀଙ୍କ ପୀଠରେ ପହଞ୍ଚି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଆଶିଷ ଲାଭ କରିଛନ୍ତି। ଏହି ଅବସରରେ ଭଦ୍ରକ ଏସପି ମନୋଜ କୁମାର ରାଉତ ମଧ୍ୟ ଉପସ୍ଥିତ ଥିଲେ।



## ଦୋଳଦାହି-ଗୁଆମାଳ ରାସ୍ତାରେ ହାଇମାଷ୍ଟ ଲାଇଟ୍ ଅଚଳ





**ଦୋଳସାହି, ୨୯ ।୮ (ସମିସ):** ବିପଦସଂକୁଳ ବିଦ୍ୟୁତ ଟ୍ରାନ୍ସର୍ମର, ଅଚଳ ହାଇମାଷ୍ଟ ଲାଇଟ୍‌କୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରକାଶ ଥାଉକି, ତିହିଡି ଥାନା ଅନ୍ତର୍ଗତ ଦୋଳଦାହି-ଗୁଆମାଳ ରାସ୍ତାର ଏକ ହାଇମାଷ୍ଟ ଲାଇଟ୍ ସ୍ଥାପନ କରାଯାଇଥିଲା। କିଛି ଦିନ ଏହି ଲାଇଟ୍ ଜଳିବା ପରେ ବିଲ୍ ପୈଠ ନ କରିବା ନେଇ ବିଦ୍ୟୁତ ବିଭାଗ ପକ୍ଷରୁ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ସେହିପରି ରାସ୍ତାରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧକାର ରହୁଛି। ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ନେଇ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଆଲୋଚନା ହେଉଛି। ଏହି ସମସ୍ୟା ର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## କ୍ଷେତରେ ଷଣ୍ଢ; ଚିନ୍ତାରେ ଚାଷୀ

**ବନ୍ତ/ଆଗରପଡ଼ା, ୨୯।୮ (ସମିସ):** ଷଣ୍ଢ ମାନଙ୍କୁ ନେଇ ଚାଷୀମାନେ ତ୍ରାହି ତ୍ରାହି ଡାକିଲେଣି। ଧାନ କ୍ଷେତରେ ପଶି ସଂଖ୍ୟାଧିକ ଷଣ୍ଢ କ୍ଷେତକୁ ନଷ୍ଟ କରିବାରେ ଲାଗିଛନ୍ତି। ସ୍ଥାନୀୟ ଅଞ୍ଚଳର ପ୍ରାୟ ୮୦ ପ୍ରତିଶତ ଲୋକ କେବଳ ଖରିଫ ଧାନଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଧାର କରଜ କରି ଚାଷୀମାନେ ଚାଷ କରିଥାନ୍ତି ଓ ଅମଳ ହେବା ପରେ ଋଣ ପରିଶୋଧ କରିଥାନ୍ତି। ଦୈବୀ ଦୁର୍ବିପାକକୁ ସହ୍ୟ କରିବା ସହ ବର୍ତ୍ତମାନ ଷଣ୍ଢ ମାନଙ୍କ ଦାଉରୁ ଧାନ ଚାଷକୁ ବଞ୍ଚାଇବା ପାଇଁ ଯେତେ ପ୍ରକାର କୌଶଳ କଲେ ମଧ୍ୟ ସବୁ ବ୍ୟର୍ଥ ଯାଉଛି। ଚାଷୀମାନେ ପାଳି କରି ଦିନରାତି ଜଗୁଥିଲେ ସୁଦ୍ଧା କିଛି ସୁଫଳ ମିଳିପାରୁ ନାହିଁ। ଏଥିରେ ଚାଷୀମାନେ ଅତିଷ୍ଠ ହୋଇ ପଡ଼ିଲେଣି। କାଞ୍ଜିଆହୁଦା କିମ୍ବା ଗୋଶାଳା ନ ଥିବାରୁ ଚାଷୀମାନେ ଷଣ୍ଢ ମାନଙ୍କୁ ଧରି ରଖିବେ କେଉଁଠି? ତେଣୁ କେବଳ ଷଣ୍ଢ ମାନଙ୍କୁ ଘଉଡ଼ାଇବା ବ୍ୟତୀତ ଅନ୍ୟ କିଛି ବାଟ ନାହିଁ। ସଂଖ୍ୟାଧିକ ଷଣ୍ଢ ସ୍ଥାନୀୟ ଅଞ୍ଚଳରେ ଥିବାରୁ ସେମାନଙ୍କୁ ଘଉଡ଼ାଇବା ମଧ୍ୟ ଚାଷୀମାନଙ୍କ ପାଇଁ କାଠିକର ହୋଇପଡୁଛି। ତେଣୁ ଏଠାରେ କାଞ୍ଜିଆହୁଦା କିମ୍ବା ଗୋଶାଳା ପ୍ରତିଷ୍ଠା ପାଇଁ ଯୁବଚାଷୀ ଦୁଖନ ଘଡ଼େଇ, ପ୍ରତାପ କବି, ଉଦ୍ଦୀପ୍ତ ରାୟ ପ୍ରମୁଖ ଦାବି କରିଛନ୍ତି।



## ଜାତୀୟ କ୍ରୀଡ଼ା ଦିବସରେ ୧୪ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ



**ଭଦ୍ରକ, ୨୯ ।୮ (ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜାତୀୟ କ୍ରୀଡା ଦିବସ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ କ୍ରୀଡା ଉତ୍ସବରେ ଶପଥ ପାଠ କରି ଜିଲ୍ଲାର ୧୪ ଜଣ ଜାତୀୟ ସ୍ତରର ମନୋନୀନ ହୋଇଥିବା କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କ୍ରୀଡ଼ା, ଉତ୍ସାହ ଏବଂ ଏକତାର ଦେଶ ବ୍ୟାପୀ ଉତ୍ସବ ଆଜି ପାଳନ କରାଯାଉଛି ତଥା ଏ ବର୍ଷର 'ଥିମ୍' 'ଖେଳ ପଡ଼ିଆରେ ଗୋଟିଏ ଘଣ୍ଟା' ବୋଲି ଉଲ୍ଲେଖ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଉପଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ଅଧିକାରୀ ଶ୍ୟାମଳ ରାୟ, ଓଏସ୍‌ଡି ରମେଶ ମହାନ୍ତି, ଜିଲ୍ଲା ଆଥଲେଟିକ ଆସୋସିଏସନ ର ଯୁଗ୍ମ ସମ୍ପାଦକ ଅତିଶ କୁମାର ବେହେରା ପ୍ରମୁଖ ଯୋଗ ଦେଇ କ୍ରୀଡାର ଭିତ୍ତ ଭୂମି ବିକାଶ ହେବା, ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ କ୍ରୀଡା ପ୍ରତି ନିଷ୍ଠା ଆଦର୍ଶକୁ ମନେପକାଇ ଅନ୍ତର୍ନିହୀତ କ୍ରୀଡା ପ୍ରତିଭାକୁ ଜାଗ୍ରତ କରିବା, କ୍ରୀଡା ବିତ୍ ଓ ପ୍ରତିଭାମାନଙ୍କୁ ରାଜ୍ୟ ଏବଂ ଜାତୀୟ ଅନ୍ତର୍ଜାତୀୟ ଶୀର୍ଷରେ ପହଞ୍ଚାଇବା ପାଇଁ ସମସ୍ତେ ଉଦ୍ୟମ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିରେ ଶତାଧିକ କ୍ରୀଡାବିତ୍ ଯୋଗ ଦେଇଥିଲେ।

## ରଞ୍ଜନ ସେଠୀ ଧାମନଗର ନୂଆ ଥାନା ଅଧିକାରୀ

**ଧାମନଗର, ୨୯ ।୮ (ସମିସ):** ଧାମନଗର ଥାନାର ନୂଆ ଅଧିକାରୀ ଭାବେ ରଞ୍ଜନ କୁମାର ସେଠୀ ଶୁକ୍ରବାର ଥାନାରେ ଯୋଗଦେଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଥାନାରେ ପହଞ୍ଚିବା ପରେ ତାଙ୍କୁ ଏସଆଇ ରସ୍ମିତା ମଲ୍ଲିକ, ରାଜେଶ କୁମାର ସେଠୀ, ପ୍ରଦୀପ ନାୟକ, କୈଳାସ ପରିଡ଼ା, ଏଏସଆଇ ସୁଜିତ ରାଉତ, ଖୁଜୁର ସାର, ପ୍ରତାପ ରାଉତ, ହାବିଲଦାରଙ୍କ ସମେତ ଅନ୍ୟ କର୍ମଚାରୀ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଧାମନଗର ବରିଷ୍ଠ ନାଗରିକ ପରିଷଦ, ସାମ୍ବାଦିକ ବନ୍ଧୁ, ବିଭିନ୍ନ ସଂଗଠନ ଏବଂ ଜନ ସାଧାରଣ, ବୁଦ୍ଧିଜୀବୀ ସମସ୍ତଙ୍କର ସହଯୋଗ ମିଳିଲେ ନିଶ୍ଚିତ ଭାବେ ଆଇନ ଶୃଙ୍ଖଳା ଠିକ ବାଟରେ ଚାଲିବ ବୋଲି ନୂତନ ଆଇଆଇସି ଶ୍ରୀ ସେଠୀ କହିଥିଲେ।



## ବନ୍ୟାଞ୍ଚଳ ଓ ଏସ୍‌କେପ୍ ବୁଲିଲେ ପୂର୍ବତନ ବିଧାୟକ

**ଧାମନଗର/ଦୋବଲ, ୨୯ ।୮ (ସମିସ):** ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଗୁରୁବାର ଅପରାହ୍ନରେ ଧାମନଗର ବନ୍ୟା ପ୍ରଭାବିତ ଅଞ୍ଚଳ ଓ ଏସକେପ ପରିଦର୍ଶନ କରିଛନ୍ତି। ଚଳିତ ବର୍ଷ ଲଗାଣ ଲଘୁଚାପ ବର୍ଷା ଯୋଗୁଁ ବୈତରଣୀ, କୋଚିଲା, ଗେଙ୍ଗୁଟି ନଦୀରେ ତୃତୀୟ ଥର ଆସିଥିବା ବନ୍ୟାରେ ବ୍ଲକର ବିଭିନ୍ନ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ଲୋକମାନେ ପାଣି ଘେରରେ ଥିବାବେଳେ ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସକେପଗୁଡିକୁ ପରିଦର୍ଶନ କରି ଅନୁଧ୍ୟାନ କରିବା ସହ ବିପନ୍ନଙ୍କୁ ଭେଟି ସୁଖଦୁଃଖ ପଚାରି ବୁଝିବା ସହିତ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ସହିତ ଫୋନ ମାଧ୍ୟମରେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସହିତ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରାକାର ତରେଇ, କରଦା ସରପଞ୍ଚ ସୁପ୍ରଭା ଆଚାର୍ଯ୍ୟ, ଯୁବ ସମାଜସେବୀ ଅଶ୍ୱିନୀ ସାମଲ, ଦଶରଥ ଜେନା, ବିଜେଡି ନେତା ସେକ ଜାଫର ଅଲ୍ଲୀ, ସୁବାଷ ଚନ୍ଦ୍ର ସାମଲ, ଭାଗିରଥି ସାମଲ, ରମେଶ ଚନ୍ଦ୍ର ସୂତାର ପ୍ରମୁଖ ଉପସ୍ଥିତ ଥିଲେ।



## ରାଜପଥରେ ଜଳିଗଲା ସିଏନଜି କାର୍

**ଭଣ୍ଡାରିପୋଖରୀ, ୨୯।୮ (ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଆଖୁଆପଦା ବୈତରଣୀ ସେତୁ ନିକଟରେ ଏକ ଚଳନ୍ତା ସି.ଏନ.ଜି. କାର ଶୁକ୍ରବାର ଅପରାହ୍ନ ୫ଟା ବେଳେ ଜଳିଯାଇଛି। କଟକ ଆଡକୁ ଯାଉଥିବା କାର ପଛ ହଠାତ ଜଳି ଉଠିଥିଲା। କାରରେ ଥିବା ଆରୋହୀମାନେ ଦମ୍ପତ୍ତି ଓ ଶିଶୁ ସୁରକ୍ଷିତ ଭାବେ ତୁରନ୍ତ କାରରୁ ବାହାରକୁ ଆସି ଦମକଳକେନ୍ଦ୍ରକୁ ସୂଚନା ଦେଇଥିଲେ। ଭଣ୍ଡାରିପୋଖରୀ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ମାତ୍ର କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।



## ଛତାବର ବଜାରରୁ ଚୋରି

**ଭଣ୍ଡାରିପୋଖରୀ, ୨୯।୮ (ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଛତାବର ବଜାରର ୩ଟି ପାନ ଦୋକାନରୁ ଗତ ଗୁରୁବାର ରାତିରେ ଚୋରି ହୋଇଛି। ଛତାବର ଛକର ମଞ୍ଜୁରୀରୋଡ ପାର୍ଶ୍ୱରେ ଥିବା ବିଶ୍ୱନାଥ ସାହୁ, ସୁକାନ୍ତ ସ୍ୱାଇଁ ଓ ପ୍ରଦୀପ ରାଉତଙ୍କ କେବିନ କବାଟ ଭାଙ୍ଗି ଦୁର୍ବୃର୍ତ୍ତମାନେ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି କରିନେଇଥିବା ଜଣାଯାଇଛି। ମାତ୍ର ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇନାହିଁ।

## ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ



**ଭଦ୍ରକ, ୨୯ ।୮ (ସମିସ):** ଆଜି ଭଦ୍ରକ ସ୍ୱୟଂଶାସିତ କଲେଜ ପରିସରରେ ଭଦ୍ରକ ସ୍ପୋର୍ଟସ ଏକାଡେମୀ ତରଫରୁ କ୍ରୀଡା ଶିକ୍ଷକ ଓ କୋଚ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଛି। ଭଦ୍ରକ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ କୁମାର ମହାନ୍ତି ଯୋଗ ଦେଇ ସମସ୍ତ ଖେଳାଳିଙ୍କୁ ମେଜର୍ ଧ୍ୟାନଚାନ୍ଦ ବିଷୟରେ ଅବଗତ କରାଇବା ସହିତ ସେମାନେ କିପରି ନିଷ୍ଠାର ସହ ଅଭ୍ୟାସ ରଖିବେ ସମ୍ୟକ ଆଲୋଚନା କରିଥିଲେ। ପ୍ରାୟ ୧୦୦ରୁ ଅଧିକ ବିଭିନ୍ନ କ୍ରୀଡାବିତ୍ ଯୋଗଦେଇଥିଲେ। ଏଥିସହିତ ଭଦ୍ରକ କଲେଜର କ୍ରୀଡା ଶିକ୍ଷୟିତ୍ରୀ ସଂଧ୍ୟାରାଣୀ ମଲିକ, କ୍ରିକେଟ୍ କୋଚ ଅସୀତ ଦାସ, ଟେନିକ ଏଟ୍ କୋଚ ସୁବାସ ଚନ୍ଦ୍ର ଦୀକ୍ଷୀତ୍ ଓ ରାଜେଶ ନାୟକ, କୋଚ ଜନ୍ମେଜୟ ବାରିକ ଓ ବରିଷ୍ଠ ଖେଳାଳି ଶ୍ରୀକାନ୍ତ ଜେନା, ହରିଶଙ୍କର ପାଣିଗ୍ରାହୀ, ସ୍ୱୟଂଭୁ ପ୍ରସାଦ ଦାସ, ନମ୍ରତା ସ୍ୱାଇଁ, ସନ୍ତୋଷିନୀ ତ୍ରିପାଠୀ, ଭାଗ୍ୟଶ୍ରୀ ରାଉତ୍ ପ୍ରମୁଖ ଉପସ୍ଥିତ ରହି ଜାତୀୟ କ୍ରିଡା ଦିବସକୁ ପରିଚାଳନାର ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଲେବଲ ଭି (ଏ) ଶିକ୍ଷକ ସଂଘ ଗଠିତ

**ଭଦ୍ରକ, ୨୯ ।୮ (ସମିସ)**




ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନତିମୂଳକ ପଦକ୍ଷପ ଗ୍ରହଣ କରୁଛନ୍ତି; କିନ୍ତୁ ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ସରକାର ପ୍ରାଥମିକ ଶିକ୍ଷାକୁ ସର୍ବାଗ୍ରେ ଧ୍ୟାନ ଦେଉଛନ୍ତି; କିନ୍ତୁ ପ୍ରାଥମିକ ଶିକ୍ଷକଙ୍କ ମୂଳ ବେତନର ସଂଶୋଧନ ପ୍ରତ ବୈମାତୃକ ମନୋଭାବ କୁଠାରଘାତ କରିଛି। ଏହାକୁ ବିରୋଧ କରି ବାଇପାସ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରକୋଷ୍ଠରେ ବରିଷ୍ଠ ଶିକ୍ଷକ କୃତିବାସ ରାଉତଙ୍କ ଆବାହକ ଓ ସୁଭେନ୍ଦୁ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଜିଲ୍ଲା ଲେଭଲ ଭି (ଏ) ଶିକ୍ଷକ ସଙ୍ଘ ଗଠିତ ହୋଇଛି। ଏଥିରେ ୩ଟି ବ୍ଲକରୁ ପ୍ରାୟ ୨୦୦ଜଣ ଲେବଲ ଭି (ଏ) ଶିକ୍ଷକଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ସର୍ବସମ୍ମତିକ୍ରମେ ଜ୍ୟୋତିର୍ମୟ ଅଗସ୍ତିଙ୍କୁ ସଭାପତି ଭାବରେ ଚୟନ କରାଯାଇଥିଲା। ସେହିପରି ସୁଧିର କୁମାର ବାରିକ ସମ୍ପାଦକ, ବ୍ୟୋମକେଶ ପରିଡ଼ା ମହାସଚିବ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ବାରିକ, ଉପସଭାପତି ଭାବରେ ବିପନ ବିହାରୀ ଜେନା, ତପନ କୁମାର ସାହୁ, ଆନନ୍ଦ ମହାଳିକ, ସଞ୍ଜିବ ମହାନ୍ତି, ମାନିନୀ ପରିଡ଼ା, ପୀତାମ୍ବର ମିଶ୍ର, ଦେବାଶିଷ ମୁଦୁଲ, ଶ୍ରୀଧର ପଣ୍ଡା, ସଞ୍ଜୟ ବିନ୍ଧାଣୀ ଓ ଓମ୍ ପ୍ରକାଶ ନାୟକଙ୍କୁ ଚୟନ କରାଯାଇଛି। ସେହିପରି ସହ ସମ୍ପାଦକ ରୂପେ ପ୍ରଦୀପ କୁମାର ପଲାଇ, ଚନ୍ଦ୍ରଶେଖର ମୁଦୁଲ, ସ୍ୱର୍ଣ୍ଣପ୍ରଭା ନାୟକ, ଅର୍ଜୁନ ଦାସ, ରମକୃଷ୍ଣ ବାରିକ, ସନ୍ତୋଷ ମଲ୍ଲିକ, ଦିଲ୍ଲୀପ ସାହୁ, ଦେବାଶିଷ ନାଥ, ଦେବେନ୍ଦ୍ର କବି, ଅର୍ଗାନାଇଜିଂ ସମ୍ପାଦିକ ଭାବରେ ସାଫଲ୍ୟ ମହାଳିକ ବିନାନ ଦାସ, ସୁବ୍ରତ ଧଳ, ଗିରିଜା ଶଙ୍କର ଲେଙ୍କା, ଶୁସାନ୍ତ ପଣ୍ଡା, ଗଣମାଧ୍ୟମ ପ୍ରମୁଖ ହିସାବରେ ପରମେଶ୍ୱର ପୃଷ୍ଟି, ଜୟଦେବ ସେନାପତି, ମାନସ ରଞ୍ଜନ ନାୟକ, ଜୟନ୍ତ ଜେନା, ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ଭାବରେ ବରିଷ୍ଠ ଶିକ୍ଷକ ଶୁଭେନ୍ଦୁ ବିଶ୍ୱାଳ, ପ୍ରଦୀପ ସେଠୀ, କୃତିବାସ ରାଉତ, ପ୍ରଭାସ ପଣ୍ଡା, ଅଶୋକ କୁମାର ଦାସଙ୍କୁ ରଖାଯାଇଥିଲା। ଅଜିତ୍ ମହାରଣା ଓ ପ୍ରକାଶ ନାରାୟଣ ଜେନାଙ୍କୁ ରାଜ୍ୟ କୋର କମିଟି ସଦସ୍ୟ ରୂପେ ନିଆଯାଇଛି। ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ସରକାର ପ୍ରାଥମିକ ଶିକ୍ଷକଙ୍କ ୪୨୮୦ ଗ୍ରେଡ ପେ ୬ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରିରେ ଗଣନା କରିବା ସହିତ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ନଦେଲେ ଆନ୍ଦୋଳନରେ ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଶେଷରେ ଅଜିତ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।

## ବୈତରଣୀରେ ବନ୍ୟା ପରେ..

# ସରକାରୀ ସହାୟତା ଅପେକ୍ଷାରେ ବନ୍ୟାବିପନ୍ନ ଓ ଚାଷୀ

■ ଧୋଇଯାଇଛି ୨୦ ନମ୍ବର ଜାତୀୟ ରାଜପଥ ■ ବିପଦରେ ଆଖଣ୍ଡଳମଣି-କୁଆଖିଆ ମୁଖ୍ୟରାସ୍ତା ■ ଉଜୁଡ଼ିଯାଇଛି ହଜାର ହଜାର ହେକ୍ଟର ଧାନତଳି ■ ୪ଟି ପଞ୍ଚାୟତର ୨୦ ଗାଁର ଲୋକ ପ୍ରଭାବିତ







ଭଦ୍ରକ/ଆରଡି, ୨୯।୮(ସମିସ): ବୈତରଣୀ ନଦୀରେ ଦେଖା ଦେଇଥିବା ବନ୍ୟା ଦୀର୍ଘ ୭ଦିନ ପରେ ଛାଡ଼ି ଯାଇଛି। ହେଲେ ଭଦ୍ରକ ଜିଲ୍ଲାର ସୀମାନ୍ତବର୍ତ୍ତୀ ଚାନ୍ଦବାଲି ବ୍ଲକର ୪ଟି ପଞ୍ଚାୟତରେ ଘଟାଇଛି ବ୍ୟାପକ କ୍ଷୟକ୍ଷତି। ବିଶେଷ ଭାବେ ପ୍ରଭାବିତ ହୋଇଛି ଚାଷ। ବ୍ଲକର ଆରଡି, ଓଲଗ, ନାନ୍ଦପୁର, ସୁନ୍ଦରପୁର ୪ଟି ପଞ୍ଚାୟତର ୨୦ ଗାଁ ପ୍ରଭାବିତ ହୋଇଛି। ସେହିପରି ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର ବୋଡକ ନିକଟରେ ୧କିମି ରାସ୍ତା ଧୋଇଯିବା ସହ ନଦୀକୁ ସୁରକ୍ଷା ପାଚେରି ଢଳି ରହିଥିବାରୁ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ବିପଦପୂର୍ଣ୍ଣ ଭାବେ ଯାଆଆସ କରୁଛନ୍ତି ପଥଚାରୀ ଓ ଛୋଟବଡ଼ ଯାନବାହନ।ଅନେକଗାଁରାସ୍ତାଓମୁଖ୍ୟରାସ୍ତାଧୋଇ ଯାଇଥିବାରୁ ଯାତାୟତରେ ନାନା ଅସୁବିଧା ଦେଖାଦେଇଛି। ବନ୍ୟାପାଣି ଉଜାଡି ଦେଇଛି ଚାଷଜମିର ସାରଦ ଧାନତଳି। ଏବେବି ବହୁ ଚାଷଜମି ଜଳମଗ୍ନ ହୋଇ ରହିଛି। ସେହିପରି ବହୁ କଚାଘର ଧୋଇ ଯାଇଥିବାରୁ ଉଜୁଡ଼ା ଘରକୁ ସଜାଡିବାରେ ଲାଗିପଡ଼ିଛନ୍ତି ବିପନ୍ନ। ସେହିପରି ହଜାରହଜାର ଗୃହପାଳିତ ପଶୁ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏବେ ସରକାରୀ ସହାୟତାକୁ ଅପେକ୍ଷାରେ ଚାହିଁ ରହିଛନ୍ତି ବିପନ୍ନ ଓ ଚାଷୀ।

## ଥମୁନି ଚୋରା ମଦ କାରବାର

ଅସୁରାଳି, ୨୯।୮(ସମିସ): ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଏବେ ଚୋରା ମଦ କାରବାର ସୀମା ଉଲ୍ଲଙ୍ଘନ କରିଛି। ଏଦିଗରେ ଅବକାରୀ ବିଭାଗ କିମ୍ବା ପୁଲିସ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଅଞ୍ଚଳରେ ବେପାରୀମାନେ ଖୁଲମଖୋଲା ମଦ କାରବାର କରୁଛନ୍ତି। ଏଥିରେ ବେଶି ପ୍ରଭାବିତ ହୋଇ ଯୁବ ପିଢ଼ିମାନେ ନିଶାରେ କବଳରେ କବଳିତ ହେଉଛନ୍ତି। ସେମାନେ ମଦ ପାନ କରି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଦେଖିବାକୁ ମିଳୁଛି। ଫଳରେ ଧାମନଗର ଏବେ ଅସାମାଜିକ ତତ୍ତ୍ୱଙ୍କର ଚରାଭୂଇଁ ପାଲଟିଛି। ବିନା ଲାଇସେନ୍ସରେ ବେତାଳୀଗାଁ, ଧୂଷୁରୀ, ନଦୀଗାଁ ଅଞ୍ଚଳରେ ଏକାଧିକ ଚୋରା ମଦ ଦୋକାନ ଖୋଲିଛି। ବିଶେଷ କରି ଧୂଷୁରୀଭଦ୍ରକ ଆରଡି ରାଜ୍ୟ ରାଜପଥର ପଦ୍ମାସାହି ଛକରୁ ଅଷ୍ଟକ୍ ପ୍ରଧାନମନ୍ତ୍ରୀ ସଡ଼କର ପଦ୍ମା ସାହି ଛକର ଅନତି ଦୂରରେ ସନ୍ଧ୍ୟା ସମୟରେ ଚୋରା ମଦ ଓ ନିଶା ଦ୍ରବ୍ୟର ଆସର ଜମୁଛି। ଏହି ସମୟରେ ଜନସାଧାରଣ ତଥା ଝିଅ ବୋହୂ ଯିବାଆସିବା କରିବାରେ ଅସୁରକ୍ଷିତ ମନେ କରୁଛନ୍ତି। ଶିକ୍ଷିତ ଯୁବକ, ଦିନମଜୁରିଆ, ଏମିତିକି ବହୁ ନାବାଳକ ମଧ୍ୟ ଏହାର ଶିକାର ହେଉଛନ୍ତି। ଦୋକାନଠାରୁ ଆରମ୍ଭକରି ମନ୍ଦିର ଯାଏ ସେମାନେ ଚୋରି କରିବା ନିତିଦିନିଆ ଘଟଣା ପାଲଟିଛି। ମନ୍ଦିରରୁ କଂସା, ପିତଳ ପୂଜା ସାମଗ୍ରୀ, ଠାକୁରଙ୍କ ଗହଣା, ହୁଣ୍ଡିରୁ ପଇସା ଚୋରି ଓ ହାଟ ବଜାର ଭିଡ ସ୍ଥାନରୁ ମୋବାଇଲ୍, ମନି ପର୍ସ ଆଦି ମଧ୍ୟ ପକେଟ ମାର୍ ହେଉଛି। ଏହି ନିଶା ପାଇଁ ପରିବାରରେ ଅଶାନ୍ତି ଲାଗି ରହୁଛି। ଅବକାରୀ ବିଭାଗ କିମ୍ବା ପୁଲିସ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ପରି ମନେ ହେଉଛି। ମଝିରେ ମଝିରେ ଅବକାରୀ ବିଭାଗ ଚଢ଼ଉ କରି ହାତଗୋଡ଼ ବାନ୍ଧି ବସୁଥିବା ଅଭିଯୋଗ ହୋଇଛି। କେତେକାଂଶରେ ନିଶାଡିଧରି ଥାନାରେ କିଛି ସମୟ ଅଟକାଇ ପୁଣି ଛାଡ଼ି ଦିଆ ଯାଉଛି। ଫଳରେ ସେମାନେ ପୁଣି ନିଶା ସେବନ କରିବା ଓ ନିଶା କାରବାରରେ ଲିପ୍ତ ରହୁଛନ୍ତି। ନିର୍ଜନତାର ସୁଯୋଗ ନେଇ ନିଶା ଦ୍ରବ୍ୟ ପଡୋଶୀ ଯାଜପୁର ଜିଲ୍ଲାକୁ ମଧ୍ୟ ଚାଲାଣ ହେଉଥିବାର ସନ୍ଦେହ କରାଯାଉଛି। କେଉଁ ଉଦ୍ଦେଶ୍ୟ ରଖି ଅବକାରୀ ବିଭାଗ ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ଦିଗରେ ସ୍ଥାନୀୟ ପ୍ରଶାସନ, ପୁଲିସ ଓ ଅବକାରୀ ବିଭାଗ ବିଶେଷ ଦୃଷ୍ଟି ଦେବା ସହ ଏହି ରାସ୍ତାରେ ଷ୍ଟ୍ରିଟ ଲାଇଟ୍ ଲଗାଇବାକୁ ଜନସାଧାରଣ ଦାବି କରିଛନ୍ତି।

### ମା'ମାନଙ୍କୁ 'ମମତା' ନାଁରେ ଠକେଇ

## ଆକାଉଣ୍ଟ ଖାଲି କରିଦେଲେ ଦୁର୍ବୃତ୍ତ

ଦୋବଲ, ୨୯।୮(ସମିସ): ଦୋବଲ ଜୋନ୍ ମୁସ୍ତଫାପୁର ପଞ୍ଚାୟତର ୭ ଜଣ ମହିଳାଙ୍କୁ ସାଇବର ଠକ ଚୁନା ଲଗାଇଛନ୍ତି। ଭିଡିଓ କଲ୍ କରି ସେମାନଙ୍କ ଆକାଉଣ୍ଟରୁ ଟଙ୍କା କାଟି ନେଇଛନ୍ତି। ୬ ଜଣ ମହିଳାଙ୍କ ଆକାଉଣ୍ଟରୁ ୨୦୦୦ ଟଙ୍କା ଓ ଜଣକ ଆକାଉଣ୍ଟରୁ ୧୦୦୦ ଟଙ୍କା ନେଇଯାଇଛନ୍ତି। ଠକେଇର ଶିକାର ହୋଇଥିବା ମହିଳାଙ୍କ ମଧ୍ୟରୁ ଜଣେ ଦି' ଜଣ ଆଜି ଧାମନଗର ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏତଲାକୁ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି। ଏହା ସାଇବର ଠକେଇ ଭଳି ଘଟଣା ହୋଇଥିବାରୁ ସମୟ ମାଗିଛି ପୁଲିସ।

ଅଭିଯୋଗ ଅନୁସାରେ, ମୁସ୍ତଫାପୁରର ନିୟାମତ୍ ହୁସେନଙ୍କ ପତ୍ନୀ ସକିରା ବିବିଙ୍କ ମୋବାଇଲକୁ କଲ୍ ଆସିଥିଲା। ଫୋନ୍ କରିଥିବା ଲୋକଟି ସକିରାଙ୍କୁ ତାଙ୍କ ନାଁ, ସ୍ୱାମୀଙ୍କ ନାଁ କହିଲା। ନିଜକୁ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ବୋଲି ପରିଚୟ ଦେଲା। ଏହାସହ କହିଲା ଯେ ତୁମର ବର୍ଷେ ତଳେ ଝିଅ ହୋଇଥିଲା। ରାଜ୍ୟ ସରକାରଙ୍କ ମମତା ଯୋଜନାରେ ତୁମକୁ ୯୦୦୦ ଟଙ୍କା ମିଳିସାରିଛି। ହେଲେ ତୁମର ୬୦୦୦ ଟଙ୍କା ଆମ ପାଖରେ ପଡ଼ି ରହିଛି। ମାତ୍ର କେଇ ସେକେଣ୍ଡ ପରେ ଭିଡିଓ କଲ୍ କଲା। ସକିରା ମଧ୍ୟ ତାହା ରିସିଭ କରିଦେଲେ। ଏହାପରେ ଭିଡିଓ କଲରେ କହିଲା ଯେ ଆପଣଙ୍କ ଆଧାର କାର୍ଡର ବାୟୋମେଟ୍ରିକ ସମସ୍ୟା ଯୋଗୁଁ ସେ ଟଙ୍କା ଯାଇ ପାରୁନି। ଏଣୁ ତୁମେ ମୋବାଇଲକୁ ଭଲକି ଅନାଅ ବୋଲି କହିଲେ। ସକିରା ମଧ୍ୟ ଫୋନକୁ ଦେଖିଲେ। ତା ପରେ ଭିଡିଓ କଲ୍ ସରିଗଲା। କଲ୍ ସରୁ ସରୁ ତାଙ୍କ ମୋବାଇଲକୁ ମେସେଜ୍ ଆସିଲା ଯେ ତୁମ ଆକାଉଣ୍ଟରୁ ୨୦୦୦ ଟଙ୍କା ଡେବିଟ୍ ହୋଇଛି। ସକିରା ଉତ୍କଣ୍ଠାର ସହ ମୋବାଇଲ୍ ନେଇ ଘର ଲୋକଙ୍କୁ ଦେଖାଇଲେ। କହିଲେ, ଦେଖିଲ ଟଙ୍କା ଆସିଲା କି? ହେଲେ ଘର ଲୋକ କହିଲେ ଯେ ଆ।କାଉଣ୍ଟରୁ ୨୦୦୦ ଟଙ୍କା କଟିଯାଇଛି। ଘର ଭିତରେ ଆଲୋଚନା ଚାଲିଲା। ଶୁକ୍ରବାର ସକାଳୁ ଜଣାପଡ଼ିଲା ଯେ ତାଙ୍କରି ପଞ୍ଚାୟତର ହୟାତୁନ ନିଶା, ରିହାନା ପରୱିନ, କୋବ୍ରା ବିବି, ଇମ୍ରାନ କାଦ୍ରିଙ୍କ ପତ୍ନୀ ଓ ଅନ୍ୟ ଜଣଙ୍କ ଆକାଉଣ୍ଟରୁ ୨୦୦୦ ଟଙ୍କା ଲେଖାଏ ସମାନ ଭିଡିଓ କଲ ଯୋଗୁଁ କଟିଯାଇଛି। ସମସ୍ତଙ୍କୁ ନିଜ ନିଜର 'ମମତା' ଯୋଜନାରେ ଥିବା ବକେୟା ଟଙ୍କା ସଂପର୍କରେ ସଠିକ କଥା କହିଥିବାରୁ ବିଶ୍ୱାସ ହୋଇଥିଲା। ଏଣୁ ସମସ୍ତେ ଭିଡିଓ କଲ୍ ରିସିଭ୍ କରିଥିବାରୁ ଟଙ୍କା କଟିଛି। ଜନସେବା କେନ୍ଦ୍ରର କର୍ମଚାରୀଙ୍କ କହିବା ଅନୁସାରେ, ମମତା ଯୋଜନା ହିତାଧିକାରୀମାନେ ସମସ୍ତେ ଏଭିପିଏସରେ ଯୋଡ଼ି ହୋଇଛନ୍ତି। ଆଧାର ଭେରିଫାଏଡ୍ ଆକାଉଣ୍ଟ ହୋଇଥିବାରୁ ଭିଡିଓ କଲରେ ସମସ୍ତଙ୍କ ଆଇରିସ୍ ସ୍କାନ କରି ସେମାନଙ୍କ ଆକାଉଣ୍ଟରୁ ଟଙ୍କା କାଟି ନେଇଥାଇପାରନ୍ତି। ତେବେ ମମତା ଯୋଜନା ହିତାଧିକାରୀ ହୋଇଥିବାରୁ ସେମାନଙ୍କ ଆକାଉଣ୍ଟସରେ କମ୍ ଟଙ୍କା ଥିବ ଅନୁମାନ କରି ଗୋଟିଏ ଥର ଆଇରିସ୍ ସ୍କାନ କରି ୨୦୦୦ ଭଳି ଛୋଟ ଆମାଉଣ୍ଟ କାଟି ନେଇଛନ୍ତି। ଅନ୍ୟ ଆକାଉଣ୍ଟ ହୋଇଥିଲେ ଅଧିକ ଟଙ୍କା ଯାଇଥାନ୍ତା। ସାଇବର ଠକମାନେ ଗାଁ ଗହଳିର ସଚେତନ ନଥିବା ଲୋକଙ୍କୁ ଏବେ ଟାର୍ଗେଟ କରୁଥିବା ଦେଖିବାକୁ ମିଳିଛି। ଏନେଇ ପୁଲିସ ଓ ବ୍ୟାଙ୍କ ପକ୍ଷରୁ ଅଧିକରୁ ଅଧିକ ସଚେତନତା ଶିବିର କରାଗଲେ, ମହିଳାମାନେ ଉପକୃତ ହୋଇପାରନ୍ତେ।

## ପୁଅ ମୃତ୍ୟୁକୁ ୭ ବର୍ଷ; ପ୍ରତିଶ୍ରୁତିରେ ଅଟକିଛି ସହାୟତା

ଅସୁରାଳି, ୨୯।୮(ସମିସ): ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିବା ବେଳେ ସମୁଦ୍ରରେ ଗାଧୋଇବା ସମୟରେ ପୁଅର ଜୀବନ ଚାଲିଗଲା। ପୁଅର ମୃତ୍ୟୁ ପ୍ରମାଣପତ୍ର ଆଣି ସ୍ଥାନୀୟ ପ୍ରଶାସନକୁ ଦେଲେ। ଏହାମଧ୍ୟରେ ୭ବର୍ଷ ବିତିଯାଇଥିଲେ ମଧ୍ୟ ସହାୟତା ରାଶି ଏଯାଏ ମିଳିପାରିଲାନି ବୋଲି କୋହଭରା କଣ୍ଠରେ କହିଛନ୍ତି ଧାମନଗର ବ୍ଲକ ଗୋବିନ୍ଦପୁର ଗାଁର ପର୍ଶୁରାମ ନାଥ (୬୭)।



ପର୍ଶୁରାମଙ୍କ କହିବା ଅନୁଯାୟୀ, ତାଙ୍କ ସାନପୁଅ ଶିବସୁନ୍ଦର (୨୧) ୭ବର୍ଷ ତଳେ କାମ କରିବାକୁ ଗୁଜରାଟ ଯାଇଥିଲେ। ସେଠାରେ ସମୁଦ୍ରବେଳାଭୂମିରେ ସାଙ୍ଗମାନଙ୍କ ସହ ସେ ଗାଧୋଉଥିବା ବେଳେ ଭାସି ଯାଇ ପ୍ରାଣ ହରାଇଥିଲେ। ରୋଜଗାରିଆ ପୁଅକୁ ହରାଇଥିବା ବେଳେ ବାର୍ଦ୍ଧକ୍ୟ ଯୋଗୁଁ ସେ କାମଧନ୍ଦା କରିପାରୁ ନାହାନ୍ତି। ତଥାପି ଗୁଜୁରାଣ ମେଣ୍ଟାଇବାକୁ ଟ୍ରଲି ଟାଣୁଛନ୍ତି। ନିଜେ ଗୁଜରାଟ ଯାଇ ପୁଅର ମୃତ୍ୟୁ ପ୍ରମାଣପତ୍ର ଆଣି ବ୍ଲକ ପ୍ରସାଶନିକ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସହାୟତା ମିଳିବାରଆଶା କ୍ଷୀଣ ହୋଇଥିଲେ ବି ସେ ଆଶା ହରାଇ ନାହାନ୍ତି। ସଂସାର ହାଟରେ ହାତ ଧରି ଚାଲୁ ଚାଲୁ ସ୍ତ୍ରୀ ମଧ୍ୟ ବାଟ କାଟି ଦେଇଛନ୍ତି। ବଡ଼ ପୁଅ ବୋହୂ ଥିଲେ ବି ନିଜ ସଂସାର ସେମାନଙ୍କୁ ବ୍ୟସ୍ତ କରିଦେଇଛି। ଏବେ ବୃଦ୍ଧ ପର୍ଶୁରାମ ପୁଅ ମୃତ୍ୟୁ ସହାୟତା ରାଶିକୁ ଶେଷ ସମ୍ବଳ ବୋଲି ମନେକରି ଚାହିଁ ବସିଛନ୍ତି। ସହାୟତା ରାଶି ମିଳିଲେ ପୁଅର ପ୍ରତିମୂର୍ତ୍ତିଟିଏ ସ୍ଥାପନ କରି ଶେଷ ନିଃଶ୍ୱାସ ତ୍ୟାଗ କରିବେ ବୋଲି ଲୁହ ଛଳଛଳ ହୋଇ କହିଛନ୍ତି ପର୍ଶୁରାମ। ଜିଲ୍ଲାପାଳ ତାଙ୍କ ସ୍ୱପ୍ନ ଓ ମିଳିଥିବା ପ୍ରତିଶ୍ରୁତିକୁ ସାକାର କରିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ଦିଲୀପ ରାଉତରାଏ କହିଛନ୍ତି, ଖୁବ୍‌ଶୀଘ୍ର ମୃତ ଶିବସୁନ୍ଦରଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ।

## ବନ୍ୟାବିପନ୍ନଙ୍କୁ ସହାୟତା ସାମଗ୍ରୀ ବଣ୍ଟନ

ଅସୁରାଳି, ୨୯।୮(ସମିସ): କିଛିଦିନ ତଳେ ବୈତରଣୀ ନଦୀର ଅତିରିକ୍ତ ପାଣି ଯୋଗୁଁ ଆସିଥିବା ବନ୍ୟା ଧାମନଗର ବ୍ଲକର ଅନେକ ତଳି ଅଞ୍ଚଳକୁ ଜଳମଗ୍ନ କରିଦେଇଥିଲା। ଏହି ବିପଦର ଅତିକ୍ରମ ହୋଇଥିବା ଗ୍ରାମମାନଙ୍କ ମଧ୍ୟରୁ ଅସ୍ତକ ଗ୍ରାମ ଥିଲା ଏକ ପ୍ରମୁଖ ନାମ। ଏଠାରେ ଦୁଇ ଓଳି ଖାଇବା ଲୋକମାନେ ମଧ୍ୟ ଖାଦ୍ୟ ଅଭାବରେ ତିବ୍ର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜଳବନ୍ଦ ଘର, ବିନା ଅନ୍ନ ଏବଂ ଔଷଧରେ ଦିନ କାଟିଥିବା ଜନସାଧାରଣଙ୍କ ଦୁଃଖ ଅନୁଭବ କରି କିଛି ବେସରକାରୀ ସଂସ୍ଥା ଆଗେଇ ଆସିଛନ୍ତି। ଏହି ସଂସ୍ଥାମାନେ ଦେବଦୂତ ଭାବେ ଅନେକ ଗ୍ରାମକୁ ପହଞ୍ଚି ବିପନ୍ନ ଲୋକଙ୍କୁ ଖାଦ୍ୟ, ପାନୀୟ ଓ ଆବଶ୍ୟକ ଉପକରଣ ଯୋଗାଇ ଦେଇଛନ୍ତି। ତାଙ୍କର ଏହି ଉଦ୍ୟମ ଦ୍ୱାରା ଅନେକ ମୁଖରେ ଖୁସି ଫୁଟିଛି। ଗ୍ରାମବାସୀ ଆଶାର ଆଲୋକ ଦେଖିପାରିଛନ୍ତି। ଶ୍ରୀ ଶ୍ରୀ ଯଜ୍ଞେଶ୍ୱର ମନ୍ଦିର କମିଟି ଏକ ଉଦ୍ୟମୀ ସଂସ୍ଥା ଭାବେ ଆଗେଇ ଆସି ଗ୍ରାମବାସୀଙ୍କୁ ମାନବିକ ସହଯୋଗ ଦେଇଛନ୍ତି। ବନ୍ୟାରେ ପ୍ରଭାବିତ ଗରିବ ଶାଢ଼ି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିପନ୍ନ ଜନତାଙ୍କ ମୁଖରେ ଖୁସି ଓ ଆଶା ଫୁଟାଇଛି। ଏହି ପରିପ୍ରେକ୍ଷୀରେ ଆବାହକ ସୁଶାନ୍ତ ପୁହାଣ, ସଭାପତି କାଳନ୍ଦୀଚରଣ କୁଅଁର, ସମ୍ପାଦକ ଶଶିଭୂଷଣ ବେହେରା, କୋଷାଧ୍ୟକ୍ଷ ରାମନାରାୟଣ ପତି, ସରପଞ୍ଚ ଅଜୟ ମଲ୍ଲିକ, ଆଇନଜୀବୀ ଦେବାଶିଷ ସାମଲ, ଗୁରୁଚରଣ କୁଅଁର, ପ୍ରତାପ ପୁହାଣ, ଯୁବ ସମାଜସେବୀ ସତ୍ୟନାରାୟଣ ପୁହାଣ, ପ୍ରଫୁଲ୍ଲ ପୁହାଣ, ଧୀରେନ୍ଦ୍ର ବେହେରା, ହରେଶ କୁଅଁର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅନୁଷ୍ଠାନ ମାଧ୍ୟମରେ ତଳି ଗ୍ରାମର ଉନ୍ନତି ଓ ଏକତାର ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଗ୍ରାମବାସୀ ମନ୍ଦିର କମିଟିଙ୍କ ଉଦ୍ୟମକୁ ସ୍ୱାଗତ ଜଣାଇଛନ୍ତି। ଏହି ଉଦାହରଣ ଅନ୍ୟ ଅଞ୍ଚଳ ପାଇଁ ମଧ୍ୟ ପ୍ରେରଣା ହେଉଛି।




## ମଧ୍ୟାହ୍ନ ଭୋଜନ ଶିକ୍ଷକଙ୍କୁ ଅଡୁଆ; ଛାତ୍ର ଉପସ୍ଥାନରେ ଜାଲିଆତି



ବନ୍ତ/ଆଗରପଡ଼ା, ୨୯।୮(ସମିସ): ଛାତ୍ର ଉପସ୍ଥାନ ବୃଦ୍ଧି, ଅଧାରୁ ପାଠପଢ଼ା ଛାଡୁଥିବା ବିଦ୍ୟାର୍ଥୀଙ୍କୁ ରୋକିବା ତଥା ଅପୁଷ୍ଟି ଦୂର ପାଇଁ ସରକାର ମଧ୍ୟାହ୍ନ ଭୋଜନ ଯୋଜନା ଲାଗୁ କରିଥିଲେ। ହେଲେ ଏହି ଯୋଜନା ଏବେ ଦିଗହରା ହେବାକୁ ବସିଲାଣି। ଏହାକୁ ନେଇ ଶିକ୍ଷକମାନେ ଦିନକୁ ଦିନ ସମସ୍ୟା ଜାଲରେ ଛନ୍ଦି ହେଉଛନ୍ତି। ଦିନ ପ୍ରାୟ ୧୧ଟା ସୁଦ୍ଧା କେତେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଛନ୍ତି ସେମାନଙ୍କ ତାଲିକା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷାବିଭାଗକୁ ଅବଗତ କରିବାର ବିଧି ରହିଛି। କିଛି ବିଦ୍ୟାଳୟରେ ଏହି ନିୟମକୁ ଉଲ୍ଲଙ୍ଘନ କରାଯାଉଛି। ନେଟୱର୍କ ସମସ୍ୟା ଆଳ କରି କିଛି ଶିକ୍ଷକ ଖସିଯିବା ପାଇଁ ଚିନ୍ତା କରୁଥିବା ବେଳେ କିଛି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଷ୍ଠାପର ସହ ଦାୟିତ୍ୱ ପାଳନ କରି ୧୧ଟା ପୂର୍ବରୁ ମଧ୍ୟ ମେସେଜ ଦେଉଛନ୍ତି। ଏସବୁ ଭିତରେ ଯେଉଁଠି ଅଳ୍ପ ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲ ଚାଲୁଛି ସେଠାରେ ପ୍ରଧାନଶିକ୍ଷକ ନିଜ ପକେଟରୁ ପ୍ରତିମାସରେ କିଛି ଅର୍ଥ ହାତରୁ ଗଣିବା ପାଇଁ ବାଧ୍ୟ ମଧ୍ୟ ହେଉଛନ୍ତି। ବଜାର ଦର ଅନୁଯାୟୀ ମଧ୍ୟାହ୍ନ ଭୋଜନ ବାବଦ ଅର୍ଥ ବିଦ୍ୟାଳୟକୁ ସରକାର ଦେଉନାହାନ୍ତି। ଆଉ କିଛି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମ ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ରହିଛି। ସେମାନଙ୍କ ଉପସ୍ଥାନ ଦର୍ଶାଇ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସୁଛନ୍ତି ବୋଲି ଦର୍ଶାଯାଇ କିଛି ଶିକ୍ଷକ ବେନିୟମ କାର୍ଯ୍ୟ କରୁଥିବା ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ଆସୁଛି। ଯେଉଁଠି ଶିକ୍ଷକ ଅଭାବ ସେଠି ଜଣେ ଶିକ୍ଷକ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇ ଚଳାଇବା ଦ୍ୱାରା ପାଠପଢ଼ା ମଧ୍ୟ ବ୍ୟାହତ ହେଉଛି। ଅନ୍ୟ କେତେକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ରୋଷେଇ ଦାୟିତ୍ୱ ନେଇଥିବା ମହିଳା ଗୋଷ୍ଠୀ ମଧ୍ୟରେ ସମୟ ଅଭାବରୁ ବିଦ୍ୟାଳୟରେ ସମସ୍ୟା ଦେଖାଗଲାଣି। ଠିକ ସମୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ନକଲେ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ପାଖରୁ ଆରମ୍ଭ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସୋମବାର ଓ ଗୁରୁବାର ଭାତ ଓ ଡାଲମା, ମଙ୍ଗଳବାର ଓ ଶୁକ୍ରବାର ସୋୟାବଡ଼ି, ବୁଧବାର ଓ ଶନିବାର ଅଣ୍ଡା ତରକାରୀ ହେବା ନେଇ ଶିକ୍ଷା ବିଭାଗର ନିର୍ଦ୍ଦେଶ ରହିଛି। ଚାଉଳକୁ ବାଦ ଦେଇ ଚଳିତ ବର୍ଷରୁ ଏଥିପାଇଁ ପ୍ରାଇମେରୀ ଛାତ୍ରଛାତ୍ରୀଙ୍କ ପାଇଁ ଉପସ୍ଥାନ ପ୍ରତି ୧୧.୧୫ ଟଙ୍କା ଓ ଅପରପ୍ରାଇମେରୀ ଛାତ୍ରଛାତ୍ରୀଙ୍କ ପାଇଁ ଉପସ୍ଥାନ ପ୍ରତି ୧୪.୭୪ ଟଙ୍କା ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ତେବେ ଶିକ୍ଷା ବିଭାଗର ଅଧିକାରୀମାନେ ମଧ୍ୟାହ୍ନ ଭୋଜନ ଭଳି ଏକ ବ୍ୟବସ୍ଥାକୁ ଅଲଗା କରିବା ପାଇଁ ଅର୍ଥାତ ଶିକ୍ଷକମାନଙ୍କୁ ଏଥିରୁ ଦାୟିତ୍ୱମୁକ୍ତ କରିବା ପାଇଁ ବାରମ୍ବାର ଶିକ୍ଷକ ସଂଘ ଦାବି କରି ଆସିଛି। ଏସବୁ ବ୍ୟବସ୍ଥା ଭିତରେ କିଛି ସଚ୍ଚୋଟ, ଦାୟିତ୍ୱବାନ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପାଇଁ ନାକେଦମ ହେଲେଣି। ଦରଦାମ ବୃଦ୍ଧିରେ ଖାଉଟି ତ୍ରାହି ତ୍ରାହି ଡାକୁଥିବା ବେଳେ ବିଦ୍ୟାଳୟର ଶିକ୍ଷକମାନେ ଏହି ଜାଲରେ ଛନ୍ଦି ହୋଇ ଛଟପଟ ହେଉଛନ୍ତି। ବଡ଼କଥା ହେଉଛି, ଯଦି କିଛି ଶିକ୍ଷକ ୧୧ଟା ଭିତରେ ଛାତ୍ର ଉପସ୍ଥାନ ସମ୍ପର୍କରେ ଶିକ୍ଷା ବିଭାଗକୁ ମେସେଜ ଦେଇପାରୁଛନ୍ତି, ଅନ୍ୟ ଶିକ୍ଷକମାନେ କାହିଁକି ଦେଇ ପାରୁନାହାଁନ୍ତି ତାହା ତଦନ୍ତ ସାପେକ୍ଷ। ପ୍ରକୃତରେ ନେଟୱାର୍କ ସମସ୍ୟା ନାଁ ଆଉ କିଛି ଅଛି? ଯେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ସେହି ବିଦ୍ୟାଳୟର ଛାତ୍ରଛାତ୍ରୀ ଘରୋଇ ଶିକ୍ଷାନୁଷ୍ଠାନରେ କେମିତି ପାଠ ପଢୁଛନ୍ତି। ଏହା ତଦନ୍ତ ପରିସରଭୁକ୍ତ ହେବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଥିବା ବେଳେ ବିଭିନ୍ନ ଦୃଷ୍ଟିକୋଣରୁ ଦିଗହରା ହେବାକୁ ବସିଥିବା ମଧ୍ୟାହ୍ନ ଭୋଜନ ଯୋଜନା ଫଳରେ ବିଦ୍ୟାଳୟରେ ପାଠପଢା ଦିନକୁ ଦିନ ଚୁଲିକୁ ଯିବାକୁ ବସିଥିବା ମଧ୍ୟ ଚିନ୍ତାର କାରଣ ପାଲଟିଛି।

## ଜାତୀୟ ରାଜପଥ ନା ଚାଷଜମି

# ଦୀର୍ଘ ୯ ବର୍ଷ ହେଲା ସରୁନି ସମ୍ପ୍ରସାରଣ

କବାଟବନ୍ଧ,୨୯।୮(ସମିସ)

ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବାସ୍ତବ ଚିତ୍ର ସାଧାରଣ ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରିଛି। ଜାତୀୟ ରାଜପଥ ନୁହେଁ; ସତେ ଯେମିତି ଚାଷ ଜମି। ଜାତୀୟ ରାଜପଥର ଅବସ୍ଥା ଏବଂ ଚିତ୍ର ଯେ ଏମିତି ହୋଇପାରେ ତାହା କେହି ନ ଦେଖିଲେ ବିଶ୍ୱାସ କରି ହେବନାହିଁ।

ଓଡ଼ିଶା ମାନଚିତ୍ରରେ ତଥା ଜାତୀୟ ରାଜପଥକୁ ଦେଖିଲେ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଏକ ଦୁର୍ଘଟଣା ପ୍ରବଣ ରାଜପଥ ଭାବରେ ପରିଚିତ। ଏହି ଜାତୀୟ ରାଜପଥ ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ସମ୍ପ୍ରସାରଣ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇ ପାରୁନାହିଁ। ଚଣ୍ଡିଖୋଲ ଠାରୁ ଡୁବୁରୀ ପର୍ଯ୍ୟନ୍ତ ମାତ୍ର ୩୯ କିଲୋମିଟର



ରାସ୍ତା ପାଇଁ ସମ୍ପ୍ରସାରଣ କାର୍ଯ୍ୟ ୯ ବର୍ଷ ମଧ୍ୟରେ ସମାପ୍ତ ନ ହେବା ଦୁର୍ଭାଗ୍ୟଜନକ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କର ଠିକାଦାର ପ୍ରୀତି ପାଇଁ ଏହି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ନିର୍ଦ୍ଦିଷ୍ଟ ଠିକାସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ପାଇଁ ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବ ହେଉଥିବା ଜଣାପଡିଛି।

ଏକ ସମୟରେ ଆରମ୍ଭ ହୋଇଥିବା ଚଣ୍ଡିଖୋଲଠାରୁ ତାଳଚେର ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ତାଳଚେର ଠାରୁ ଡୁବୁରୀ ପର୍ଯ୍ୟନ୍ତ ଶେଷ ହୋଇ ସାରିଛି। ମାତ୍ର ୩୯ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ପାଇଁ ୯ ବର୍ଷ ଲାଗିବା ଅତ୍ୟନ୍ତ ଦୁଃଖର ବିଷୟ। ଠିକ୍ ସମୟରେ ଅବଧି ମଧ୍ୟରେ କାର୍ଯ୍ୟ ଶେଷ ନ କଲେ ଠିକାସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କିମ୍ବା ଆବଶ୍ୟକ ସ୍ଥଳେ କଣ୍ଟ୍ରାକ୍ଟର ପରିବର୍ତ୍ତନ କରିବାର ପ୍ରାବଧାନ ରହିଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତାହା କରି ପାରୁନାହାଁନ୍ତି। ମାତ୍ର ରାସ୍ତା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଭୂଲ ତଥ୍ୟ ଦେଇ ଲୋକମାନଙ୍କୁ ଭ୍ରମିତ କରୁଛନ୍ତି। ସମ୍ପ୍ରସାରଣ କାର୍ଯ୍ୟ ସରିବା ପାଇଁ ଆହୁରି କେତେ ବର୍ଷ ଲାଗିବ ତାହା ମଧ୍ୟ କହିବା ମୁସ୍କିଲ। ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ଏହି ରାସ୍ତାରେ ମୋଟର ସାଇକଲ ଚାଳକ ଯିବା ଆସିବା କରିବା ଅସମ୍ଭବ ହୋଇପଡିଛି। ରାସ୍ତାରେ ଖାଲ ହୋଇ ପାଣି ଜମିରହିଛି। କେଉଁ ସ୍ଥାନରେ କେତେ ବଡ଼ ଖାଲ ବା ଗର୍ତ୍ତ ହୋଇଛି ତାହା ଜାଣି ନ ପାରି ବାଇକ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏକପାଖିଆ ଅଣଓସାରିଆ ରାସ୍ତା ସହିତ ସାମ୍ନା ପଟରୁ ଆସୁଥିବା ଗାଡ଼ିର ଲାଇଟ ପାଇଁ ଅନେକ ଦୁର୍ଘଟଣା ଘଟୁଛି। ପ୍ରତ୍ୟେକ ମୁହୂର୍ତ୍ତରେ ବିପଦ ରହିଛି। ଏମିତି ଏକ ସମ୍ବେଦନଶୀଳ ରାସ୍ତାକୁ ନେଇ ଜିଲ୍ଲା ପ୍ରଶାସନ ଆଦୌ ସଚେତନ ହେଉନାହିଁ। ଅନ୍ୟ ପକ୍ଷରେ ବାରମ୍ବାର ଏନେଇ ହେଉଥିବା ବୈଠକରେ କି ପ୍ରକାର ଆଲୋଚନା ହେଉଛି ତାହା ଏବେ ସନ୍ଦେହ ସୃଷ୍ଟି କଲାଣି। ଏନେଇ ବହୁବାର ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପରିବର୍ତ୍ତନ ହେଉନାହିଁ।

**ଏନ୍‌ଏସ୍‌ଜି-୪ ମାନ୍ୟତାପ୍ରାପ୍ତ ଜଳେଶ୍ୱର ରେଳଷ୍ଟେସନ**

# ମୌଳିକ ସୁବିଧାରୁ ବଞ୍ଚିତ ଯାତ୍ରୀ

ଜଳେଶ୍ୱର,୨୯।୮ (ସମିସ)




**ମୁକ୍ତ ଶୌଚାଳୟ ନଥିବାରୁ ଅସୁବିଧା ଭୋଗୁଛନ୍ତି ଯାତ୍ରୀ**

ରାଜ୍ୟ ଉତ୍ତର ସୀମାନ୍ତରେ ଥିବା ଜଳେଶ୍ୱର ରେଳଷ୍ଟେସନ ଭୌଗଳିକ କାରଣରୁ ଯାତ୍ରୀମାନଙ୍କ ପାଇଁ ବହୁ ଗୁରୁତ୍ୱ ବହନ କରିଥାଏ। ଦକ୍ଷିଣ ପୂର୍ବ ରେଳପଥର ଖଡଗପୁର ରେଳ ଡିଭିଜନ୍ ଅଧୀନରେ ଥିବା ଓଡ଼ିଶାର କେତେକ ରେଳଷ୍ଟେସନ ପ୍ରତି କର୍ତ୍ତୃପକ୍ଷ ଉଦାସୀନ ପ୍ରଦର୍ଶନ କରୁଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଅମୃତ ଭାରତ ଯୋଜନାରେ ଚାଲିଥିବା ବିକାଶ କାର୍ଯ୍ୟଗୁଡିକ ନିମ୍ନମାନର ଓ ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହେଉଛି। ଜଳେଶ୍ୱର ରେଳ ଷ୍ଟେସନରୁ ପଶ୍ଚିମବଙ୍ଗର ମେଦିନୀପୁର, ମୟୂରଭଞ୍ଜର ରାସଗୋବିନ୍ଦପୁର ଓ ଉତ୍ତର ବାଲେଶ୍ୱରର ୪ଟି ବ୍ଲକ ଯଥା, ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ଅଞ୍ଚଳରୁ ଯାତ୍ରୀମାନେ ଯାତାୟାତ କରିଆସୁଛନ୍ତି। ପ୍ରତ୍ୟହ ୬ ହଜାର ପାଖାପାଖି ଯାତ୍ରୀ ଯାତାୟାତ କରୁଥିବା ବେଳେ ଟିକେଟ ବାବଦରେ ୩ ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ ହେଉଛି। କିନ୍ତୁ ଯାତ୍ରୀମାନଙ୍କ ଲାଗି ମୁକ୍ତ ସ୍ନାନ କିମ୍ବା ଶୌଚାଳୟ ନ ଥିବାରୁ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପ୍ଲାଟଫର୍ମ ନଂ୨, ୩, ୪ରେ ଆଦୌ ଶୌଚାଳୟ ନ ଥିବା ବେଳେ ମାଗଣା ୟୁରିନାଲ ଆବଶ୍ୟକ ରହିଛି। ପାନୀୟଜଳ ଯୋଗାଣ, ଉଦ୍ୟାନ ଉନ୍ନତୀକରଣ, ଷ୍ଟେସନ ସମ୍ମୁଖରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଆର୍‌ପିଏଫ ଥାନା ସ୍ଥାପନ, ଜିଆର୍‌ପି ଫାଣ୍ଡିର ଉନ୍ନତିକରଣର ଆବଶ୍ୟକତା ରହିଛି। ଜଳେଶ୍ୱର ରେଳଷ୍ଟେସନରୁ ଅଧିକ ରାଜସ୍ୱ ଆଦାୟ ହେଉଥିବାରୁ ୨୦୨୪ରେ ଏନ୍‌ଏସ୍‌ଜି ୫ରୁ ଏନ୍‌ଏସ୍‌ଜି-୪ ମାନ୍ୟତା ପାଇଛି। ଫଳରେ ୫୦ଟି ଟ୍ରେନ୍‌ର ରହଣି ହେବା ସହ ଏନ୍‌ଜିଟି ପକ୍ଷରୁ ବାଲେଶ୍ୱର, ଜଳେଶ୍ୱର ଓ ହିଜିଳିଠାରେ ମୁକ୍ତ ପାଇଖାନା ଓ ସ୍ନାନାଗାର ନିର୍ମାଣ ହେବା ସିଦ୍ଧାନ୍ତ ହୋଇଥିଲା। ମାତ୍ର ଏବେ ସୁଦ୍ଧା ମୁକ୍ତ ଶୌଚାଳୟ ଓ ପ୍ଲାଟ ଫର୍ମରେ ମୌଳିକ ସୁବିଧା ଉପଲବ୍ଧ ହୋଇପାରିଲା ନାହିଁ ବୋଲି ଅଭିଯୋଗ ହେଉଛି। ଷ୍ଟେସନରେ ଥିବା ଲିଫ୍ଟ ପରିଚାଳନା ଲାଗି କର୍ମଚାରୀ ନଥିବାରୁ ଯାତ୍ରୀମାନେ ଯାତାୟାତରେ ଅସୁବିଧା ଭୋଗିବା ସହିତ ପରିବେଶ ପରିଚ୍ଛନ୍ନ ରହୁନାହିଁ ବୋଲି ଅଭିଯୋଗ ବି ହେଉଛି। ବିଶେଷ କରି ପ୍ଲାଟଫର୍ମ ୪ରେ ସେକେଣ୍ଡ ଏଣ୍ଟ୍ରି ଷ୍ଟେସନ ନିର୍ମାଣ ଅପରିହାର୍ଯ୍ୟ ହୋଇପଡିଛି। ଜଳେଶ୍ୱର ଷ୍ଟେସନ, ନେସନାଲ ଷ୍ଟେସନ୍ ଗ୍ରେଡେସନ (ଏନ୍‌ଏସଜି) ପାଇଥିବା ବେଳେ ଭିତ୍ତିଭୂମିର ବିକାଶ ଆବଶ୍ୟକ ରହିଛି। ଏଠାରେ ଡାଉନ୍ ଟ୍ରେନ ଭାବେ, ପୁରୀ-ଦିଘା ଏକ୍ସପ୍ରେସ, ବିଶାଖାପାଟଣା-ଦିଘା, ସିକନ୍ଦରାବାଦ- ସାଲିମାର ଟ୍ରେନ ରହିଣ ଥିବା ବେଳେ, ଆପ୍ ଟ୍ରେନ ଭାବେ ପାଟନା-ଏର୍ଣ୍ଣାକୁଲମ୍ ରହିଣ ବ୍ୟବସ୍ଥା ହେଉଛି। ସୂଚନାଯୋଗ୍ୟ କୋଭିଡ-୧୯ଠାରୁ ଏହି ସମସ୍ତ ଟ୍ରେନ୍ ଜଳେଶ୍ୱରରେ ରହୁ ନଥିବା ବେଳେ ସେଗୁଡିକ ରହଣି ହେବ ବୋଲି ଜଣାପଡିଛି।

**● ବସ୍ତା ଡାକ୍ତରଖାନା, ଛୁଟିଦିନରେ ଲୋକଙ୍କୁ ମିଳୁନି ସେବା**

# ତିନିଦିନ ହେଲା ବନ୍ଦ ରହିଛି ଏକ୍ସରେ




ରାଜଘାଟ,୨୯।୮ (ସମିସ): ବସ୍ତା ଡାକ୍ତରଖାନାରେ ବିବାଦ ଓ ମନମୁଖୀ କାର୍ଯ୍ୟ ଏବେ ଚରମ ସୀମାରେ ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କିଛି ଅଧିକାରୀଙ୍କ ଅନିୟମିତତା ପରେ ଏବେ ଅନ୍ୟ କର୍ମଚାରୀଙ୍କ ମନମାନି ଦେଖିବାକୁ ମିଳିଛି। ଯାହାଫଳରେ ରୋଗୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏଠାରେ ଥିବା ଏକ୍ସରେ ବିଭାଗ ଗତ ତିନିଦିନ ହେଲା ବନ୍ଦ ରହିବା ଯୋଗୁଁ ଲୋକମାନେ ବହୁତ ହଇରାଣ ହେବା ସହିତ ବାହାରକୁ ଯାଇ ଖର୍ଚ୍ଚାନ୍ତ ମଧ୍ୟ ହୋଇଛନ୍ତି। ଦୂରଦୂରାନ୍ତରୁ ଆସି କିଛି ଗରିବ ଲୋକ ଫେରିଯିବାକୁ ମଧ୍ୟ ବାଧ୍ୟ ହୋଇଛନ୍ତି। ଛୁଟି ଦିନମାନଙ୍କରେ ଏହି ବିଭାଗ ବନ୍ଦ ରହିବାର କୌଣସି ନିୟମ ନଥିବା ବେଳେ ପ୍ରତି ଛୁଟିରେ ଏଠାରେ ଏହି ବିଭାଗ ନିୟମିତ ଭାବେ ବନ୍ଦ ରହୁଛି। ଯେଉଁଦିନ ଖୋଲା ରହୁଛି ତାହାବି ନିର୍ଦ୍ଦିଷ୍ଟ ସମୟରେ ଖୋଲା ଯାଉନାହିଁ। କେତେବେଳେ ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି ତ କେତେବେଳେ ଫେରିଯିବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ତେବେ ଘଟଣା ସମ୍ପର୍କରେ ଏହି ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ପଚାରିବାରୁ ଛୁଟିଦିନ ପାଇଁ ବନ୍ଦ ଥିବା ସେ କହିଛନ୍ତି। ତେବେ ଏହି ଘଟଣାର ତଦନ୍ତ ପାଇଁ ବସ୍ତାବସୀ ଦାବି କରିଛନ୍ତି। ପ୍ରକାଶ ଥାଉକି ବସ୍ତା ଡାକ୍ତରଖାନା ଏକ ରେଫରାଲ ହସ୍ପିଟାଲ ହୋଇଥିବାରୁ ଏହା ଉତ୍ତର ବାଲେଶ୍ୱରର ଲାଇଫ ଲାଇନ୍ ଅଟେ। ବସ୍ତା ସହିତ ସଦର, ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକ ସହିତ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର କେତେକ ଅଞ୍ଚଳର ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ମାତ୍ର ଏହି ଡାକ୍ତରଖାନାର ଡାକ୍ତର ଓ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ପ୍ରତି ଲୋକମାନେ ଦୂରଦୁରାନ୍ତରୁ ଆସି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି।

# ଗଣେଶ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର; ୮୦ ୟୁନିଟ୍ ସଂଗୃହିତ



ଜଳେଶ୍ୱର,୨୯।୮ (ସମିସ): ଗଣେଶ ଚତୁର୍ଥୀ ଅବସରରେ ଜଳେଶ୍ୱର ବଡ଼ବଜାର ସ୍ଥିତ ଗଣେଶ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସ୍ଥାପନର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ପୂର୍ବାହ୍ନରେ ସତ୍ୟନାରାୟଣ ମନ୍ଦିର ପରିସରରେ ଆୟୋଜିତ ଶିବିରକୁ ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ଗଣେଶ କ୍ଲବର ଭୂତପୂର୍ବ ସଭ୍ୟ ସନ୍ତୋଷ ଗୁପ୍ତା ଓ ଗିରିଧାରୀ ଗୁପ୍ତାଙ୍କ ସ୍ମୃତିରେ ଉକ୍ତ ଶିବିର ଆୟୋଜିତ ହୋଇଥିଲା। ଗଣେଶ ଭଗବାନଙ୍କ ଆରାଧନା ସହିତ ସାମାଜିକ ସେବାର କ୍ଲବର ସଦସ୍ୟମାନେ ସାମିଲ୍ ହୋଇଥିଲେ। ଶିବିରରୁ ମୋଟ ୮୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଡାକ୍ତର ବିନୋଦ ପ୍ରାଧାନ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଟେକନିସିୟାନ୍ ଦେବାଶିଷ ଦତ୍ତ, କ୍ଷୀରୋଦ ଚନ୍ଦ୍ର ବେହେରା ରକ୍ତ ସଂଗ୍ରହ କରିଥିଲେ। ଅତିଥି ରାଜେଶ ଖଟୁଆ, ମଧୁସୂଦନ ଦତ୍ତ, ଇଂ ଭାସ୍କର ସ୍ୱାଇଁ, ସୁବ୍ରତ ରଣା ଓ ଆନନ୍ଦ କର ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ସଭାପତି ନନ୍ଦୀ ଗୋପାଳ ବେହେରା, ସମ୍ପାଦକ ଅମିତ୍ କୁମାର ରଣା, ରାସ ବିହାରୀ ଡଗର, ସୁଜୟ ଜେନା, ଗଣେଶ ଭଞ୍ଜ, ରିଙ୍କୁ ପାଲ୍, ଅନୁପମ ମାଇତି, ଅଭିଷେକ ମାଇତି, ସୁମିତ ରାଠୀ, ସୂରଜ ଗୁପ୍ତା ଓ ସନ୍ୟାସୀ ପରିଡ଼ା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଭିନ୍ନ ଢଙ୍ଗରେ ଗଣେଶ ପୂଜା ସହିତ ନୂଆଖାଇ ଭେଟ୍‌ଘାଟ୍



ଜଳେଶ୍ୱର ବ୍ଲକ୍,୨୯।୮ (ସମିସ): ବର୍ଷକରେ ଛ' ଋତୁରେ ପ୍ରକୃତିର ବିବିଧ ପରିବର୍ତ୍ତନକୁ ମାନବଜାତି ବିଭିନ୍ନ ପର୍ଯ୍ୟାୟରେ ସ୍ୱାଗତ କରିଥାଏ। ଋତୁଚକ୍ରକୁ ନେଇ ଜୀବନଚକ୍ର ପରିଚାଳନା କରିବା ହିଁ ଭାରତୀୟ ସଂସ୍କୃତିର ଆଧାର। ବହୁ ଶତାବ୍ଦୀ ଧରି ପାଳିତ ହୋଇ ଆସୁଥିବା ଏହି ପର୍ବ ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ନୁହେଁ ସମଗ୍ର ରାଜ୍ୟ ପାଇଁ ପାଲଟିଛି ଏକ ପରିଚୟ। ପରମ୍ପରା, ଖାଦ୍ୟ, ପାରିବାରିକ ସମାବେଶ ଓ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ଆଦି କେବଳ ଉତ୍ସବର ଗୋଟିଏ ଦିଗ ନୁହେଁ ଭାଇଚାରା ସଂସ୍କୃତିର ଅନନ୍ୟ ପ୍ରତିଫଳନ। ନୂଆଁଖାଇ ପର୍ବ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇବା ସହ ଲୋକଙ୍କ ମଧ୍ୟରେ ମାନବିକତା ଓ ଭାତୃତ୍ୱ ଭାବନା ସୃଷ୍ଟି କରିଥାଏ। ଏହି ଉପଲକ୍ଷେ ଜଳେଶ୍ୱର ନୃତ୍ୟଶିଖା ଫାଉଣ୍ଡେସନ୍ ପକ୍ଷରୁ ଏନ୍‌ଏଚ୍ ୬୦ ପାଶ୍ୱର୍ରେ ଥିବା ଖୁସି ହୋଟେଲ ପରିସରରେ ଭିନ୍ନ ଢଙ୍ଗରେ ଗଣେଶ ପୂଜା ସହିତ ନୂଆଖାଇ ଭେଟଘାଟ ପାଳିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ନୃତ୍ୟ ଗୁରୁ ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପୌରପରିଷଦର ଅଧକ୍ଷ ପ୍ରଦୀପ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ରାଜ ଇଲେକ୍ଟ୍ରୋନିକ୍ସର ପ୍ରତିଷ୍ଠାତା ଗିରିଜା ଶଙ୍କର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନୃତ୍ୟଶିଖା ଫାଉଣ୍ଡେସନର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। କାଉନସିଲର ଚନ୍ଦନ କୁମାର ଦାସ ଓ ସୁରଜ ଚୌରାଶିଆ, 'ମେ' ଆଇ ହେଲ୍ପ ୟୁ'ର ପ୍ରତିଷ୍ଠାତା ଜଗନ୍ନାଥ ପରିଡ଼ା, ସାମ୍ବାଦିକ ମନୋଜ କୁମାର ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବରେ ପ୍ରାୟ ୮୦ ଜଣ ଓଡ଼ିଶୀ ଓ ଅନ୍ୟାନ୍ୟ ନୃତ୍ୟଶିଳ୍ପୀ ଯଥା ଓଡ଼ିଶୀ, ସମ୍ବଲପୁରୀ, ଦେଶାତ୍ମବୋଧକ, ଭଜନ, ସେମି କ୍ଲାସିକାଲ, ଆଧୁନିକ ନୃତ୍ୟ ପରିବେଶଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମଟି ନୃତ୍ୟଶିଖା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସୁଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅୟୋଜିତ ହୋଇଥିବା ବେଳେ ଅନୁଷ୍ଠାନର ଅବିଭାବକମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ପରିଚାଳନା ହୋଇଥିଲା। ଶେଷରେ ଅତିଥିମାନଙ୍କ ଦ୍ୱାରା ନୃତ୍ୟ ଶିଳ୍ପୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ



ସୋର,୨୯।୮ (ସମିସ): ରେଓଦା ପୂଜ୍ୟପୂଜା ସଂସଦ ପରିବାରର ଜଣେ ବରିଷ୍ଠ ସଭ୍ୟ ତଥା ଉପେନ୍ଦ୍ର ନାଥ ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ତଥା ପୁରାତନ ଛାତ୍ର ହରିହର ରଥଙ୍କର ଆଜି ଦେହାନ୍ତ ହୋଇଯାଇଛି। ମରଶରୀର ନିକଟରେ ତାଙ୍କର ପୁତ୍ର ଡ.ଜୟନ୍ତ କୁମାର ରଥଙ୍କ ସମେତ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, କବି, ପରୋପକାରୀ ଓ ସମାଜସେବୀ ଥିଲେ। ତାଙ୍କ ମରଶରୀରକୁ ପୂଜ୍ୟପୂଜା ସଂସଦ କାର୍ଯ୍ୟାଳୟ, ଲକ୍ଷ୍ମୀପୂଜା ମଣ୍ଡପ, ରେଓଦା ହାଇସ୍କୁଲ, ଅନନ୍ତପୁର ହାଇସ୍କୁଲକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ପୁରାତନ ଛାତ୍ରଛାତ୍ରୀ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପୁଷ୍ପଗୁଚ୍ଛ ପ୍ରଦାନ କରି ଶୋକବ୍ୟକ୍ତ କରିଥିଲେ। ଉପେନ୍ଦ୍ର ନାଥ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ସମ୍ପାଦକ ନିତ୍ୟାନନ୍ଦ କର, ବିରଞ୍ଚି ନାରାୟଣ ପଣ୍ଡା, ଉଦ୍ଧବ ଚରଣ ବିଶ୍ୱାଳ, ଗଣେଶ ପ୍ରସାଦ ସାହୁ, ଚିତ୍ତରଞ୍ଜନ ଦାଶ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ପୂର୍ଣ୍ଣଚନ୍ଦ୍ର ବାରିକ, ରଜନୀକାନ୍ତ ପାଣିଗ୍ରାହୀ, ବସନ୍ତ କୁମାର କର, ବର୍ତ୍ତମାନ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ପାଖର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପାତ୍ର, ସାରସ୍ୱତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ହରିହର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା ପ୍ରମୁଖ ଶୋକବ୍ୟକ୍ତ କରିଥିଲେ। ତାଙ୍କର ଶବ ସତ୍କାର ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଛି।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ନୂତନ ଗୃହ ଉଦ୍‌ଘାଟିତ

ଭୋଗରାଇ,୨୯।୮ (ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ସହିତ ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଯୋଗଦେଇ ଫିତାକାଟି ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପକ୍ଷରୁ ମାତୃ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ସଭାପତି ସୁଶାନ୍ତ ମହାନ୍ତିଙ୍କ ପୌରହିତ୍ୟରେ ମଞ୍ଚ ପରିଚାଳନା କରିଥିଲେ ବ୍ୟଙ୍ଗ କବି ଡ଼ଃ ଶ୍ରୀକୁମାର ଘୋଷ। ମୁଖ୍ୟ ଅତିଥି ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ଶିକ୍ଷା ହେଉଛି ଜ୍ଞାନ ଅନ୍ତରର କଥା ଓ ବ୍ୟଥାକୁ ବୃଦ୍ଧାଶ୍ରମରେ ଆଖିର ଲୁହ ରାତି ଦିନ ଗଣିବାକୁ ପଡିବ ନାହିଁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସରପଞ୍ଚ ମମତା ସାହୁ, ସୋହରିଆ ସରପଞ୍ଚ ଜଗନ୍ନାଥ ସେଠୀ, ସମିତି ସଦସ୍ୟ ଲକ୍ଷ୍ମୀନାରାଣ ସାହୁ, ଶିକ୍ଷକ ଭରତ ଭୂଷଣ ଦାଶ, ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ଶେଖର ଦାସ, ପଞ୍ଚାନନ ବେହେରା, ସିଆରସିସି ଗୌତମତ କୁମାର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଗୋପିନାଥ ଦତ୍ତ, ଗୁରୁମା ମମିତା ବେହେରା, ସଂନ୍ଧ୍ୟାରାଣୀ




ଗନ୍ତାଘରର ଚାବିକାଠି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ନାରାୟଣ ଦାଶ ମାତା ପିତା ଝିଅ ପୁଅମାନଙ୍କୁ ସଂସ୍କାରୀ କଲେ ବୃଦ୍ଧା ମାତାପିତାଙ୍କ ପରିଡା, ମମତା ମଣ୍ଡଳ, ଭବାନୀ ପରାମାଣିକ, ବନ୍ଦନା ପ୍ରଧାନ, ରଶ୍ମିତା ପାତ୍ର ପରିଚାଳନା କରିଥିବା ବେଳେ ଶେଷରେ ଶିକ୍ଷାନୁଷ୍ଠାନର ସମ୍ପାଦକ ଜୟନ୍ତ କୁମାର ତୋଲା ଧନ୍ୟବାଦ ଦେଇଥିଲେ।




ଜାତୀୟ କ୍ରୀଡ଼ା ଦିବସ ଅବସରରେ ବାଲୁକା ଶିଳ୍ପୀ ଅଜୟ ଘୋଷଙ୍କ ଦ୍ୱାରା ହକିର ପ୍ରବାଦ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତି ନିର୍ମାଣ

# ଦମ୍ପତିଙ୍କ ପାଖରୁ ୨ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗ

**ସିସିଟିଭି ଆଧାରରେ ପୁଲିସର ତନାଘନା**

ଖଇରା,୨୯।୮ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବଇଅଁଖୁଣ୍ଟା ଗ୍ରାମର ବରେନ୍ଦ୍ର ପରିଡା ଓ ତାଙ୍କ ପତ୍ନୀ ଖଇରା ବଜାରସ୍ଥିତ ୟୁକୋ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଇ ଘରକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଲୁଟି ନେଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଖଇରା ପୁଲିସ ୟୁକୋ ବ୍ୟାଙ୍କ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରସ୍ତୁତି ଚଳାଇଛି। ବରେନ୍ଦ୍ର ଓ ତାଙ୍କ ପତ୍ନୀ ଶୁକ୍ରବାର ପୂର୍ବାହ୍ନ ସମୟରେ ଟଙ୍କା ଉଠାଇ ବଜାର ସୌଦା ସାରି ଘରକୁ ଫେରୁଥିଲେ। ସେତିକି ବେଳେ କଡମିଆଁ ଛକ ହନୁମାନ ମନ୍ଦିର ନିକଟରେ ୨ଜଣ ଯୁବକ ବାଇକରେ ଆସି ଟଙ୍କାଥିବା ବ୍ୟାଗଟିକୁ ଛଡାଇ ନେଇଥିଲେ।

# କମ୍ୟୁନିଷ୍ଟ ପାର୍ଟି ଜଳେଶ୍ୱର ଆଞ୍ଚଳିକ କମିଟିର ଶିକ୍ଷା ଶିବିର



ଜଳେଶ୍ୱର ବ୍ଲକ୍,୨୯।୮ (ସମିସ): ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ)ର ଜଳେଶ୍ୱର ଆଞ୍ଚଳିକ କମିଟି ଦ୍ୱାରା ପାର୍ଟି କାର୍ଯ୍ୟାଳୟରେ ଶିକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଦଳର ୨୪ତମ ସର୍ବଭାରତୀୟ ସମ୍ମିଳନୀ (ପାର୍ଟି କଂଗ୍ରେସ)ରେ ଗୃହୀତ ରାଜନୈତିକ ଧାରା, ସାଂଗଠନିକ ରିପୋର୍ଟ ଏହି ଶିକ୍ଷା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ସିପିଏମର ବାଲେଶ୍ୱର ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରି ପାର୍ଟି କଂଗ୍ରେସରେ ଗୃହୀତ ରାଜନୈତିକ ଧାରା ଉପରେ ଆଲୋଚନା କରିଥିଲେ। ସମସ୍ତ ଜନ ବିରୋଧୀ ନୀତି ବିରୋଧରେ ଗଣ ଆନ୍ଦୋଳନ ହେଉଛି ଏକମାତ୍ର ରାସ୍ତା ବୋଲି ଶ୍ରୀ ଗିରି କହିଛନ୍ତି। ଜନ ଆନ୍ଦୋଳନ ଗଢି ତୋଳିବାକୁ ହେଲେ ସଂଗଠନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ଜିଲ୍ଲାର ସମ୍ପାଦକ ମଣ୍ଡଳୀ ସଦସ୍ୟ ଦିପ୍ତିମାନ ଆଚାର୍ଯ୍ୟ। ଏଥିସହିତ ପାର୍ଟିର ଶୃଙ୍ଖଳା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଦଳର ଜିଲ୍ଲା କମିଟି ସଦସ୍ୟା ତଥା ନାରୀ ନେତ୍ରୀ ମମି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା ଶିବରକୁ ସର୍ବଶ୍ରୀ ରବିନ୍ଦ୍ର ବାରିକ, ପଲ୍ଟୁ ଦାସ, ଜୀବନ ପରିଡ଼ା, ରାଜୀବ ପଣ୍ଡା, ଦିଲ୍ଲୀପ ପରିଡ଼ା, ରତନ ଦାସ, ଆରତୀ ପଲାଇ, ଧୀରେନ୍ଦ୍ର ଦେ, ଲକ୍ଷ୍ମୀଧର ପଲାଇ, ଗଣେଶ ଭୂୟାଁ, ଧନଞ୍ଜୟ ପଲାଇ, ବଙ୍କିମ ବିଶ୍ୱାଳ, ସବିତା ଭୂୟାଁ, ଅଶ୍ୱିନୀ ପ୍ରଧାନ, ସଞ୍ଜୟ ଶାସମଲ, ଗଣେଶ ଜେନା, ଭାଗବତ ପ୍ରଧାନ ପରିଚାଳନା କରିଥିଲେ।

# ଧାନ ଅନ୍‌ଲାଇନକୁ କେନ୍ଦ୍ରକରି ସମବାୟ ସମିତି ସମ୍ପାଦକଙ୍କୁ ମାଡ଼

**ଥାନାରେ ମାମଲା**

ଖଇରା,୨୯।୮ (ସମିସ): ଧାନ ଅନଲାଇନକୁ କେନ୍ଦ୍ରକରି ଖଇରା ସେବା ସମବାୟ ସମିତି ସମ୍ପାଦକ ଶ୍ରୀକାନ୍ତ ପଲେଇ ଓ ତାଙ୍କର ଅନ୍ୟତମ ସହଯୋଗୀ ଉଦୟ ରାଉତ ଆକ୍ରମଣର ଶିକାର ହୋଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଖଇରା ପୁଲିସ ଆକ୍ରମଣକାରୀ ଉକ୍ତ ଯୁବକଙ୍କ ନାମରେ ଏକ ମାମଲା(୨୬୫/୨୫) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଧାନ ପଞ୍ଜୀକରଣ ପାଇଁ ଅଗଷ୍ଟ ୨୫ ଶେଷ ଧାର୍ଯ୍ୟ ଦିବସ ଥିଲା। ୨୪ତାରିଖ ଦିନ ବଇଅଁଖୁଣ୍ଟା ଗ୍ରାମର ନରେନ୍ଦ୍ର ପରିଡା ଅନ୍ୟ ୨ଜଣ ଚାଷୀଙ୍କର ଫାଇଲ ଆଣି ପଞ୍ଜୀକରଣ ପାଇଁ ଦେଇଥିଲେ। ଏହା ପୂର୍ବରୁ ସମ୍ପାଦକ ଶ୍ରୀକାନ୍ତ ପଲେଇ ପାଖରେ ଅନଲାଇନ ପାଇଁ ୭୦ରୁ ଫାଇଲ ରହିଥିଲା। ୨୫ତାରିଖ ୧୨ଟା ପରେ ଅନଲାଇନ କରାଯାଉଥିବା ସାଇଟ୍ ବନ୍ଦ ହୋଇଯିବା ପରେ ବହୁ ଚାଷୀଙ୍କ ଫାଇଲ ସହିତ ନରେନ୍ଦ୍ର ଦେଇଥିବା ଚାଷଜମି ପଞ୍ଜୀକରଣ ହୋଇ ପାରି ନଥିଲା। ୨୬ତାରିଖ ଅପରାହ୍ଣ ୪ଟା ବେଳେ ନରେନ୍ଦ୍ର ସମିତିକୁ ଆସି ସମ୍ପାଦକ ପଲେଇ ଓ ସହଯୋଗୀ ଉଦୟ ରାଉତଙ୍କୁ ମାଡମାରି ଆହତ କରିଥିଲେ। ଯାହାର ସିସିଟିଭି ଫୁଟେଜ ସମ୍ପାଦକ ପଲେଇ ପୁଲିସକୁ ହସ୍ତାନ୍ତର କରିଛନ୍ତି।

**ଗୁରୁଙ୍କ ପରିଭାଷା ଅପରିବର୍ତ୍ତିତ ରଖିଛନ୍ତି ଗଣେଶ ସାର୍**

# 'ଶେଷ ନିଃଶ୍ୱାସ ଯାଏ ଶିକ୍ଷାର ଆଲୋକ ବାଣ୍ଟିବି'

ଜଳେଶ୍ୱର ବ୍ଲକ୍,୨୯।୮ (ସମିସ)




ବାପା, ମା'ଙ୍କ ପରେ ଏକମାତ୍ର ଗୁରୁ ହିଁ ପିଲାମାନଙ୍କର ମାର୍ଗଦର୍ଶକ ସାଜିଥାନ୍ତି। ଶିକ୍ଷାଦାନ ସହିତ ପିଲାମାନଙ୍କୁ ମାର୍ଜିତ ବି କରିଥାନ୍ତି। କେବଳ ପାଠପଢ଼ା କ୍ଷେତ୍ରରେ ନୁହେଁ ବରଂ ସଙ୍ଗୀତ, ନୃତ୍ୟ, ଚିତ୍ରକଳା ଠାରୁ ଆରମ୍ଭ କରି ଖେଳକୁଦ ଇତ୍ୟାଦି ସମସ୍ତ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଗୁରୁ ହିଁ ପ୍ରେରଣା ଦେଇଥାନ୍ତି। ତେବେ ଆଜିର ସମାଜରେ ଗୁରୁ ଶିଷ୍ୟ ସମ୍ପର୍କର ପରିଭାଷା ବଦଳି ଯାଇଛି। ଏପରି ଜଣେ ଶିକ୍ଷକ ଏହି ପରିଭାଷାକୁ ଅପରିବର୍ତ୍ତିତ ରଖିଛନ୍ତି ସେ ସ୍କୁଲରେ ଶିକ୍ଷାଦାନ କରି ସାରିବା ପରେ ପ୍ରତ୍ୟେକ ଦିନ ଗାଁ ଗାଁ ବୁଲି ଗରିବ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ ପଢ଼ାନ୍ତି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅଧୀନ କୁଲଡିହା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗଣେଶ ସାର୍‌ଙ୍କ ବର୍ଣ୍ଣବୋଧ ପାଠଶାଳାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। କୁଲଡିହା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହେଉଛନ୍ତି ଗଣେଶ ଜେନା। ସ୍କୁଲରେ ପିଲାଙ୍କୁ ଶିକ୍ଷାଦାନ କରିବା ପରେ ସେ ଗରିବ ପିଲାଙ୍କୁ ଶିକ୍ଷା ଦେବାକୁ ବାହାରି ପଡ଼ନ୍ତି ଓ ତାଙ୍କ ଗାଡ଼ି ଶବ୍ଦ ଶୁଣିବା ମାତ୍ରେ ପିଲାମାନେ ବହିବସ୍ତାନି ଧରି ତାଙ୍କ ପାଖକୁ ଶ୍ରଦ୍ଧାରେ ଧାଇଁ ଆସନ୍ତି। ଦୀର୍ଘ ବର୍ଷ ହେବ ନୂଆଣିଆ ଚାଳ ଛପର ଘରେ ଗଣେଶ ସାର୍‌ଙ୍କ ବର୍ଣ୍ଣବୋଧ ପାଠଶାଳା ଚାଲିଆସୁଛି। ବିଦ୍ୟାଳୟରେ ପିଲାମାନଙ୍କୁ ନାଚଗୀତ ଓ ଗପ ମାଧ୍ୟମରେ ବେଶ୍ ସୁନ୍ଦର ଭାବରେ ପାଠ ପଢ଼ାନ୍ତି ଗଣେଶ ସାର୍। ପିଲାମାନଙ୍କୁ ନିଜ ବାପା ମା' ଭଳି ସ୍ନେହ କରିବା ସହ ପିଲାମାନେ ଭୁଲ୍ କଲେ ମଧ୍ୟ କେବେ କାହାରି ଉପରେ ବିରକ୍ତି ହୁଅନ୍ତିନି। ଅନେକ ଗାଁରେ ବର୍ଣ୍ଣବୋଧ ପାଠଶାଳା କରି ପିଲାଙ୍କୁ ମାଗଣାରେ ବହି ବଣ୍ଟନ କରିବା ସହ ଶିକ୍ଷାଦାନ କରି ଆସୁଛନ୍ତି। ପିଲାମାନଙ୍କ ସହ ପିଲା ହୋଇ ଖେଳକୁଦ କରି ବେଶ୍ ସୁନ୍ଦର ଭାବରେ ପାଠପଢ଼ାନ୍ତି। ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଏମିତିବିଶେଷ କରି ଉପାନ୍ତ ଅଞ୍ଚଳରେ ଯେଉଁ ପିଲାମାନେ ବିଦ୍ୟାଳୟକୁ ଆସିବାକୁ ଆଦୌ ଇଚ୍ଛା ପ୍ରକାଶ କରୁ ନଥିଲେ ଗଣେଶ ସାରଙ୍କ ବର୍ଣ୍ଣବୋଧ ପାଠଶାଳାରେ ପଢ଼ିବା ପରେ ସେମାନେ ବି ଏବେ ସ୍କୁଲ ମୁହାଁ ହେଉଛନ୍ତି। ନୂଆଣିଆ ଚାଳ ଘରେ ମାଟି ଉପରେ ମଶିଣା ପକାଇ ପିଲାମାନଙ୍କୁ ବର୍ଣ୍ଣବୋଧ ପଢ଼ାଇବା ସହ ଓଡ଼ିଆ ଗୀତ ଏବଂ ଗୀତର ତାଳେ ତାଳେ ଗଣିତ ବି ବୁଝାଇ ଦିଅନ୍ତି। ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ଅନେକ ଉପାନ୍ତ ଆଦିବାସୀ ଗାଁକୁ ସେ ନିଜର କର୍ମକ୍ଷେତ୍ର ଭାବେ ବାଛି ନେଇଛନ୍ତି। ବିଶେଷ କରି ଗରିବ ଆଦିବାସୀ ଛାତ୍ରଛାତ୍ରୀଙ୍କ ଜୀବନରେ ଶିକ୍ଷାର ଆଲୋକ ବାଣ୍ଟିବା ତାଙ୍କର ମୂଳ ଲକ୍ଷ୍ୟ। ଏଥିପାଇଁ ସେ ଅନେକ ଅନୁଷ୍ଠାନରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। ପିଲାମାନଙ୍କୁ ଶିକ୍ଷାଦାନ ସାଙ୍ଗକୁ ଚରିତ୍ର ଗଠନ ହେଉ କିମ୍ବା ତାଙ୍କୁ ଭଲ ମଣିଷ ରୂପେ ଗଢି ତୋଳିବା ପାଇଁ ଗଣେଶ ସାରଙ୍କ ଏହି ଉଦ୍ୟମ ଆଜିର ସମାଜ ପାଇଁ ଏକ ଉଦାହରଣ। ଶିକ୍ଷାର ଆଲୋକ ବାଣ୍ଟିବେ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୫୬୯-ମୋଗଲ ସମ୍ରାଟ୍ ଜାହାଙ୍ଗୀରଙ୍କ ଜନ୍ମ।
- ୧୮୩୫- ଅଷ୍ଟ୍ରେଲିଆର ମେଲବର୍ଣ୍ଣ ସହରର ସ୍ଥାପନା।
- ୧୯୪୭- ଭାରତୀୟ ସମ୍ବିଧାନର ସ୍ୱରୂପ ତିଆରି କରିବା ପାଇଁ ଡା.ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ଏକ ସମିତି ଗଠନ କରାଗଲା।
- ୧୯୮୪- ମହାକାଶ ଯାନ 'ଡିସ୍‌କଭରି'ର ପ୍ରଥମ ଉଡ଼ାଣ।
- ୨୦୦୩- ମୁଲାୟମ ସିଂହ ଯାଦବ ତୃତୀୟ ଥର ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ।
- ୨୦୧୪- ମହାନ୍ ଐତିହାସିକ ବିପିନ୍ ଚନ୍ଦ୍ରଙ୍କ ପରଲୋକ।

# 'ଆଲ୍‌ଫା'ରେ ହ୍ରିତିକ୍‌ଙ୍କ ଏଣ୍ଟ୍ରି



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଆଲ୍‌ଫା'ର ସୁଟିଂରେ ଏବେ ବ୍ୟସ୍ତ ଅଛନ୍ତି। ପ୍ରଥମ ଥର ପାଇଁ ଆଲିଆ ଏକ ସ୍ପାଇ ଥ୍ରିଲର୍ ଫିଲ୍ମରେ କାମ କରୁଛନ୍ତି। 'ୱାର୍ ୨' ଫିଲ୍ମର ଶେଷରେ 'ଆଲ୍‌ଫା'ର ପ୍ରଥମ ଝଲକ୍ ଦେଖିବାକୁ ମିଳିଥିଲା। ଏଥିରେ ବବି ଦେଓଲ ନଜର ଆସିଥିଲେ । ଏବେ 'ଆଲ୍‌ଫା'ରେ ଆଉ ଜଣେ ବଲିଉଡ୍ ସୁପରଷ୍ଟାର୍‌ଙ୍କ ଏଣ୍ଟ୍ରି ହୋଇଛି। ହ୍ରିତିକ୍ ରୋଶନ ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ ବୋଲି ଜଣାପଡ଼ିଛି। 'ଏକ୍ ଥା ଟାଇଗର', 'ପଠାନ୍', 'ୱାର୍' ଫିଲ୍ମର ନିର୍ମାତା ଆଦିତ୍ୟ ଚୋପ୍ରା ମହିଳା କୈନ୍ଦ୍ରିକ ଗୁଇନ୍ଦା ଫିଲ୍ମ 'ଆଲ୍‌ଫା'ର ନିର୍ମାଣ କରୁଛନ୍ତି। ତେବେ ଏହି ଫିଲ୍ମ ଯଶରାଜ ବ୍ୟାନର୍‌ର ସ୍ପାଏ ୟୁନିଭର୍ସର ଅଂଶ ହୋଇଥିବାରୁ ଏଥିରେ ଏହାର ଅନ୍ୟ ଫିଲ୍ମର ହିରୋମାନେ ଅତିଥି କଳାକାର ଭାବେ ଦେଖାଯାଇ ପାରନ୍ତି ବୋଲି ଆଶା କରାଯାଉଥିଲା। ହ୍ରିତିକ୍‌ଙ୍କ ସହ ଅନ୍ୟ ଜଣେ ବଲିଉଡ୍ ଅଭିନେତାଙ୍କର ଏଣ୍ଟ୍ରି ହେବା କଥା ଶୁଣାଯାଉଥିଲେ ବି ତାଙ୍କ ନାମ ସାମ୍ନାକୁ ଆସି ନାହିଁ। ହ୍ରିତିକ୍ 'ଆଲ୍‌ଫା'ରେ ତାଙ୍କ ଅଂଶର ସୁଟିଂ ମଧ୍ୟ ସାରି ଦେଇଛନ୍ତି। ସେହିଭଳି ଫିଲ୍ମର ଦୁଇ ନାୟିକା ଆଲିଆ ଓ ଶରବରି ୱାଗ୍ ଏକ ଡ୍ୟାନ୍ସ ନମ୍ବରର ସୁଟିଂ କରିଛନ୍ତି। ଏହା ଆସନ୍ତା ୨୫ ଡିସେମ୍ବରରେ ରିଲିଜ୍ ହେବ।

# ଅଳସୁଆଙ୍କ ଉତ୍ସବ

କଲମ୍ବିଆର ଇଟାଗୁଇ ସହରରେ ପ୍ରତିବର୍ଷ ଅଗଷ୍ଟ ମାସରେ ବିଶ୍ୱ ଆଳସ୍ୟ ଦିବସ ପାଳନ କରାଯାଏ। ଏହି ଉତ୍ସବ ଲୋକଙ୍କୁ ଆରାମ କରିବା ଦିଗରେ ପ୍ରୋତ୍ସାହିତ କରିବା ସହ କଳା, ସଙ୍ଗୀତ ଓ ସୃଜନଶୀଳତା ମାଧ୍ୟମରେ ଜୀବନକୁ ପୂର୍ଣ୍ଣ ଭାବେ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥାଏ। ଏହାର ଆରମ୍ଭ ୧୯୮୦ ମସିହାରେ ହୋଇଥିଲା। ସେସମୟରେ ସହରର ଲୋକଙ୍କ ପାଇଁ ସାଂସ୍କୃତିକ ଏବଂ ମନୋରଞ୍ଜନର ଅବସର ବହୁତ କମ୍ ଥିଲା। ତେଣୁ ୧୯୮୫ ମସିହାରେ ସ୍ଥାନୀୟ ନେତା କାର୍ଲୋସ୍ ମାରିଓ ମୋଣ୍ଟୋୟା ଏବଂ ଲିବାର୍ଡୋ ରେଷ୍ଟ୍ରେପୋ ଏଭଳି ଏକ ଦିବସର ପରିକଳ୍ପନା କରିଥିଲେ। ଧୀରେ ଧୀରେ ଏହି ଉତ୍ସବ ସହରର ସାଂସ୍କୃତିକ ପରିଚୟ ପାଲଟିଗଲା। ଲୋକେ ଏହିଦିନ ତକିଆ, ଝୁଲି, ଖଟ ଓ ପାଇଜାମା ଆଦି ନେଇ ରାଜରାସ୍ତାକୁ ଓହ୍ଲାଇଥାନ୍ତି। ପୂରା ସହର ଏକ ବଡ଼ ମଞ୍ଚରେ ପରିଣତ ହୋଇଥାଏ। ଏହାସହ ସହରର ପ୍ରତିଟି ସ୍ଥାନରେ ସଙ୍ଗୀତ, ନୃତ୍ୟଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥାଏ। ଲୋକେ ରାସ୍ତା ଉପରେ ଖଟ ଓ ବିଛଣା ପକାଇ ଶୋଇଥାନ୍ତି। କେହି କେହି ରାସ୍ତା ଉପରେ ତମ୍ବୁ ପକାଇ ତାକୁ ଘର ଭଳି ସଜାଇ ଶୋଇଥିବାର ମଧ୍ୟ ଦେଖାଯାଏ। ସକାଳ ୯ଟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ଉତ୍ସବ ଚାଲେ। ଏହି ଉତ୍ସବରେ ଲାଇଭ୍ କନସର୍ଟ, କଳା ପ୍ରଦର୍ଶନୀ, ବିୟର୍ ଫେଷ୍ଟିଭାଲ, କ୍ଲାସିକ୍ କାର୍ ପରେଡ୍ ଏବଂ ଲେଜିନେସ୍ ବା ଅଳସୁଆ ପ୍ୟାରେଡ୍ ମଧ୍ୟ ହୋଇଥାଏ। ପ୍ରାୟ ଦୁଇ କିଲୋମିଟର ଲମ୍ବା ରାସ୍ତାରେ ହଜାର ହଜାର ଲୋକ ସାମିଲ ହୋଇଥାନ୍ତି । ସମୟ ସହିତ ଏହି ଆୟୋଜନ କେବଳ ଆଉ ଏକ ଉତ୍ସବ ହୋଇ ରହି ନାହିଁ, ଏହା ଏକ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟରେ ପରିଣତ ହୋଇଛି। ଏହି ଉତ୍ସବ ପ୍ରତିବର୍ଷ ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଏ। ୨୦୧୨ ମସିହାରେ ଏହାକୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ମିଳିଥିଲା।




# ରେଷ୍ଟୋରାଁର ନିଆରା ଅଫର୍
# ୫୦ ପଇସାରେ ମଧ୍ୟାହ୍ନ ଭୋଜନ




ସାଧାରଣତଃ ରେଷ୍ଟୋରାଁରେ ବିଭିନ୍ନ ଖାଦ୍ୟପଦାର୍ଥର ଦାମ୍ ଖୁବ୍ ମହଙ୍ଗା ହୋଇଥାଏ। ଏହି କ୍ରମରେ ମୁମ୍ବାଇର ଗୋରେଗାଓଁରେ ଥିବା ଉଡିପି ବିହାର ରେଷ୍ଟୋରାଁ ଏକ ନିଆରା ଅଫର୍ ଲାଗି ଚର୍ଚ୍ଚା ସାଉଁଟୁଛି। ଲୋକଙ୍କୁ ବହୁତ କମ୍ ଦାମ୍‌ରେ ମିଲ୍ ଯୋଗାଇ ଏହା ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ରେଷ୍ଟୋରାଁଟି ଭଙ୍ଗା ହେବା ପୂର୍ବରୁ ସେ ଲୋକଙ୍କୁ ୧୯୬୨ ମସିହାରେ ଖାଦ୍ୟର ଦାମ୍ ଯାହା ଥିଲା, ସେହି ମୂଲ୍ୟରେ ପରଷିଛି। ଏହି ଅଫର୍ ଦିନକ (ଅଗଷ୍ଟ ୧୮) ପାଇଁ ଉଦ୍ଦିଷ୍ଟ ଥିଲା। ଏହାର ଲାଭ ଉଠାଇବା ପାଇଁ ରେଷ୍ଟୋରାଁ ବାହାରେ ପ୍ରବଳ ଭିଡ଼ ଜମିଥିଲା। ତେବେ ଏକ ନୂଆ ବିଲ୍ଡିଂ ଲାଗି ଏହି ରେଷ୍ଟୋରାଁକୁ ଭଙ୍ଗା ଯାଉଛି। ରେଷ୍ଟୋରାଁଟି ଶେଷ ଦିନରେ ଗ୍ରାହକଙ୍କୁ ଏହି ଉପାୟରେ ଖାଦ୍ୟର ସ୍ୱାଦ ଚଖାଇବାକୁ ଚାହିଁଛି । ବିଦାୟକାଳୀନ ସ୍ମୃତିରେ ଉକ୍ତ ରେଷ୍ଟୋରାଁ ତା'ର ସମସ୍ତ ସ୍ୱାଦିଷ୍ଟ ତଥା ଲୋକପ୍ରିୟ ଖାଦ୍ୟକୁ ୧୯୬୨ ମସିହାରେ ବିକ୍ରି ହେଉଥିବା ଖାଦ୍ୟ ମୂଲ୍ୟରେ ପରଷିଥିଲା। ପଚାଶ ପଇସାରେ ଲୋକେ ପେଟ ପୂରା ମଧ୍ୟାହ୍ନ ଭୋଜନ କରିଛନ୍ତି। କେବଳ ସେତିକି ନୁହେଁ, ଜିଲାପି, ବରା, ଇଡ୍‌ଲି ୧୨ ପଇସାରେ ଗ୍ରାହକଙ୍କୁ ପରଷା ଯାଇଥିଲା। ସେହିଭଳି ରେଷ୍ଟୋରାଁର ଶେଷଦିନରେ ଗ୍ରାହକମାନେ ଏହି ଅଫର୍‌ର ସୁଯୋଗ ନେବା ପାଇଁ ବେଶ୍ ଉତ୍ସାହିତ ଥିବାର ଦେଖାଯାଇଥିଲା। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।

# ଗୁରୁ



ପ୍ରଣାମ ଘେନ ହେ ଗୁରୁବର
ତୁମ ବିନା ନାହିଁ ମୁକତି ମୋର।
ଜୀବନ ଆକାଶେ ଧ୍ରୁବ ତାରା ତୁମେ
ଆଲୋକ ଶିଖାଟେ ଅନ୍ଧାରର।
କୋଟିଏ ସୂରୁଯ ତୁମ ପାଶେ
ମଥା ଅବନତ କରି ବସେ
ତୁମଠୁ ଓଜନ କିଏ ହେବ ଆଉ
ମୋର ଭାବନାରେ ନ ଆସେ।
ତୁମର ଆଶିଷ ମୋର କାମ୍ୟ
ତୁଣ୍ଡେ ମୋର ଥାଉ ତୁମ ନାମ
ଚଲାପଥେ ମୋର ଆସ ବାରମ୍ବାର
ତୁମ ଚରଣରେ ଚାରିଧାମ।■



ପ୍ରଶାନ୍ତ କୁମାର ସାହୁ
ଚନ୍ଦନ ମଣ୍ଡପ ସାହି, ଇନ୍ଦିପୁର, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

# ଗୁରୁ ତୁମେ ଚିର ବନ୍ଦନୀୟ



ନଳିନୀ ଦାଶ

ଜୟ ଗୁରୁଦେବ ତୁମେ ନିତ୍ୟ ପୂଜନୀୟ
ଜ୍ଞାନରସାଗର କ୍ଷମାଶୀଳ ତ୍ୟାଗମୟ
ନରରୂପୀ ନାରାୟଣ ଚିର ବନ୍ଦନୀୟ
ମହୀମଣ୍ଡଳରେ ଗୁରୁ ଚିର ମହନୀୟ ।
ଶିଷ୍ୟଙ୍କ ପାଇଁ ତୁମେତ ଅଗତିର ଗତି
ସ୍ନେହ ଶ୍ରଦ୍ଧା ଭରି ଜ୍ଞାନ ବାଣ୍ଟି ଦିଅ ଶାନ୍ତି
ଉନ୍ନତି ପଥରେ ସାଜିଥାଅ ମହାଶକ୍ତି
ଆକାଶ ଛୁଅନ୍ତି ଶିଷ୍ୟ କରି ପାଦେ ଭକ୍ତି ।
ଗୁରୁ ବାକ୍ୟ ଶିଷ୍ୟ ପାଇଁ ହୁଏ ବେଦଗାର
ଜ୍ୟୋତିଦେଇ ସେ ହଟାନ୍ତି ଅଜ୍ଞାନ ତିମିର
ଶୁଭଚିନ୍ତକ ଶିକ୍ଷା ଦୀକ୍ଷାର କର୍ଣ୍ଣଧାର
ଗୁରୁ ସର୍ବଶ୍ରେଷ୍ଠ ପୂଜ୍ୟ ଜୀବନ୍ତ ଠାକୁର ।
ଗୁରୁଭକ୍ତି ବଳେ କେତେ ବିଶ୍ୱରେ ସନ୍ତାନ
ଶିକ୍ଷାଲାଭ କରି ହୋଇଛନ୍ତି ମହୀୟାନ
ଯୁଗେଯୁଗେ ଗୁରୁ ହେ ତୁମେ ଚିର ବନ୍ଦନ
ଜିତେ ଶିଷ୍ୟ ପାଦଧୂଳି କରିଲେ ଚନ୍ଦନ ।
ଅକୁଣ୍ଠରେ ଦାନ କର ଜ୍ଞାନର ଭଣ୍ଡାର
ତୁମେତ ମଙ୍ଗଳମୟ କ୍ଷମାର ସାଗର
ତୁମେ ତୀର୍ଥ ପୂଣ୍ୟ ବ୍ରତ ହେ ପରମେଶ୍ୱର
ବିଶ୍ୱରେ ପୂଜିତ ହେ ଗୁରୁ ଚିରଅମର ।■



ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ- ୯୨୩୮୯୯୬୬୪୯

## ସକାଳ ଶିଶୁ କୁଇଜ୍-୧୭୪

(୧) ଦଣ୍ଡ ନୃତ୍ୟ ପାଇଁ ଓଡ଼ିଶାର କେଉଁ ଜିଲ୍ଲା ପ୍ରସିଦ୍ଧ?
ଉତ୍ତର : ______

(୨) 'ବୃହତ୍ ସଂହିତା' ପୁସ୍ତକର ରଚୟିତାଙ୍କ ନାମ କ'ଣ?
ଉତ୍ତର : ______

(୩) କାଞ୍ଚନଜଙ୍ଘା ଜାତୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର : ______

(୪) ରାଜ୍ୟସଭାରେ କିଏ ଅଧ୍ୟକ୍ଷତା କରନ୍ତି?
ଉତ୍ତର : ______

(୫) କମ୍ପ୍ୟୁଟରରେ ଡାଟା ପ୍ରୋସେସ୍ କଲାବେଳେ କେଉଁ ଭାଷା ବ୍ୟବହାର କରାଯାଏ?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ରେୟାଂଶୀ କାନୁନ୍‌ଗୋ, ଭୁବନେଶ୍ୱର
- ଦୀପୁ ନାୟକ, ଟାଙ୍ଗି, ଖୋର୍ଦ୍ଧା
- ସୁଜିତ୍ କୁମାର ରାଉତ, ସୋର, ବାଲେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

# ସୁମନ

## ଚୁପ୍ ! ସେଇଠି ରହ






ଶିବ ପ୍ରସାଦ ରାଉତ

ଥରେ ଦଳେ ବିଲୁଆ ତୁଳସୀ ବଣ ଜଙ୍ଗଲରୁ କେଉଁ ଏକ ନିରାପଦ ଜଙ୍ଗଲକୁ ଚାଲିଯିବାର ଯୋଜନା କରୁଥାନ୍ତି । କାରଣ ତୁଳସୀ ବଣ ଜଙ୍ଗଲରେ କୋଦାଳକ ନାମକ ଏକ ଭୟଙ୍କର ସିଂହ ଥିଲା। କୋଦାଳକ ଅତ୍ୟନ୍ତ ରାଗୀ ଓ ଜିଦ୍‌ଖୋର ଥିଲା। ଦିନରାତି ଜଙ୍ଗଲ ସାରା ବୁଲିବୁଲି ଅନେକ ଜୀବଜନ୍ତୁକୁ ମାରି ଖାଉଥିଲା। ସେ ଜଙ୍ଗଲରେ ଦୁଇଶହ ବିଲୁଆ ଥିଲେ । ଏହି ଆଠଟାଙ୍କୁ ଛାଡ଼ି ଆଉ ସମସ୍ତଙ୍କୁ କୋଦାଳକ ମାରି ଖାଇ ସାରିଥିଲା। ତେଣୁ ଏଠାରୁ ଚାଲିଗଲେ ବିଲୁଆମାନେ ବଞ୍ଚି ରହିପାରିବେ ବୋଲି ଭାବୁଥାନ୍ତି। ଏକଦା ବିଲୁଆମାନେ ତୁଳସୀ ବଣର ଦକ୍ଷିଣକୁ ଥିବା ସୁଉଚ୍ଚ ପାହାଡ଼ଟା ଡେଇଁ ଅନ୍ୟପଟକୁ ପାରି ହୋଇ ଯିବାକୁ ବସିଥିବାବେଳେ ହଠାତ୍ କୋଦାଳକ ନଜରକୁ ଆସିଗଲେ । ବିଲୁଆମାନେ ଭାବିଲେ ଆଜି ସମସ୍ତଙ୍କର କାଳ ପୂରିଗଲା ସେହି ଆଠ ଜଣିଆ ବିଲୁଆ ଦଳର ଦଳପତି ଚିରାଳ ସମସ୍ତଙ୍କୁ ଚୁପ୍ ଚୁପ୍ କହିଲା -"ଭାଇମାନେ କୋଦାଳକ ତ ଆସୁଛି । ଆମର ଆଉ ବଞ୍ଚିବାର ଉପାୟ ନାହିଁ । ତଥାପି ମୁଁ ଯାହା କହୁଛି, ତୁମେ ତାହା କର । ବର୍ତ୍ତମାନ ସମସ୍ତେ ଧାଡ଼ିରେ ଛିଡ଼ା ହୋଇଯାଅ ଓ ପ୍ରଥମେ ମରିବାକୁ ସମସ୍ତେ ମିଥ୍ୟାରେ କଳି କର।" ସିଂହ କୋଦାଳକ ଭୟଙ୍କର ଗର୍ଜନ କରି ତାଙ୍କ ଆଗକୁ ଦୌଡ଼ି ଆସି ବାଟ ଓଗାଳି ଛିଡ଼ା ହେଲା । ହେଲେ ସିଂହ ଆଶ୍ଚର୍ଯ୍ୟ ହେଲା ଯେ ତା'ର ଗର୍ଜନ ଶୁଣି, ତାକୁ ଦେଖି ବିଲୁଆମାନେ ପଳେଇ ଯାଉନାହାନ୍ତି କି ଡରୁନାହାନ୍ତି । ଓଲଟି ପରସ୍ପର ମଧ୍ୟରେ କଳି କରୁଛନ୍ତି। କୋଦାଳକ ତାଙ୍କୁ ମାରିବା ପରିବର୍ତ୍ତେ ଘଟଣା କ'ଣ ଜାଣିବାକୁ ଚେଷ୍ଟାକଲା । ବିଲୁଆଙ୍କ ଦଳପତି ଚିରାଳ କହିଲା, "ମହାରାଜ ମୁଁ ଏମାନଙ୍କର ଦଳପତି। ଏମାନେ ମୋ କଥା ମାନୁ ନାହାନ୍ତି । ଏଇ କିଛି ସମୟ ପର୍ବରୁ ଆକାଶବାଣୀ ହେଲା ଯେ, ଯିଏ ଏହି ତୁଳସୀ ବଣରେ ପ୍ରଥମେ ମରିବ ସେ ସଙ୍ଗେସଙ୍ଗେ ମଣିଷ ଜନ୍ମ ହୋଇ ବିରାଟ ଦେଶର ରାଜା ହେବ। ଏଣୁ ମୁଁ ଏମାନଙ୍କର ଦଳପତି ଭାବରେ ପ୍ରଥମେ ମରିବାକୁ ଚାହିଁଲି ଯେ ଏମାନେ ମୋତେ ପ୍ରଥମେ ମରିବାକୁ ନ ଦେଇ ନିଜେ ମରିବାକୁ ଚାହୁଁଛନ୍ତି । ଆପଣ ତ ଆମ ପଶୁରାଜ କୁହନ୍ତୁ ତ ମୁଁ ମଣିଷ ହୋଇ ଏ ବିରାଟ ଦେଶର ରାଜା ହେବାର ସୌଭାଗ୍ୟ ପ୍ରାପ୍ତହେବା ଉଚିତ୍ କି ନୁହେଁ !" ଚିରାଳ ପୁଣି କହିଲା, "ମହାରାଜ, ମୁଁ ଏମାନଙ୍କୁ ବୁଝାଇଲା ପରେ ବି ସେମାନେ କହୁଛନ୍ତି, ଆମେ ସମସ୍ତେ ଧାଡ଼ିରେ ଛିଡ଼ା ହେବୁ ଏବଂ ଏକସଙ୍ଗରେ ଦୌଡ଼ ଆରମ୍ଭ କରିବୁ । ଆମ ଆଗରେ ଏ ପାହାଡ଼ରୁ ଯେଉଁ ଝରଣା ବହିଯାଉଛି, ତା'ର ଠିକ୍ ତଳେ ଗୋଟିଏ ଭୟଙ୍କର ପ୍ରପାତ ଅଛି । ଯିଏ ଦୌଡ଼ରେ ଆଗୁଆ ହେବ ସେ ସେହି ପ୍ରପାତକୁ ଡେଇଁ ମଣିଷ ରାଜା ହୋଇ ଦେଶ ପାଳନ କରିବ ।" ଚିରାଳ ପୁଣି କୋଦାଳକକୁ ଅନୁରୋଧ କଲା ଯେ, "ହେ ! ମହାରାଜ ଆପଣ ମୋତେ ପ୍ରଥମେ ଏଇଠି ମାରିଦିଅନ୍ତୁ , ମୁଁ ଟିକେ ଶୂନ୍ୟବାଣୀ ଅନୁଯାୟୀ ରାଜା ହେବି ।" ଚିରାଳ ମୁହଁରୁ କଥା ଛଡ଼ାଇ କୋଦାଳକ କହିଲା, 'ଚୁପ୍ ! ତୋର ତ ଭାରି ସାହାସ । ତୁ ହେବୁ ମଣିଷ ରାଜା । ଆଉ ମୁଁ ସବୁବେଳେ ଏଇ ପଶୁରାଜ ହେଇ ରହିଥିବି । ତେଣୁ ତୁମେମାନେ ସେଇଠି ସେମିତି ଧାଡ଼ିରେ ଛିଡ଼ା ହୁଅ । ମୁଁ ପ୍ରପାତକୁ ଡେଇଁ ଏ ଦେଶର ରାଜା ହେଉଛି । ବାସ୍ । ଅପରିଣାମଦର୍ଶୀ କୋଦାଳକ, ଚିରାଳର ଚତୁରତା ଠଉରେଇ ପାରିଲା ନାହିଁ। ତା'ର ମୃତ୍ୟୁରେ ତୁଳସୀବଣ ଅରଣ୍ୟ ଶାନ୍ତିରେ ନିଃଶ୍ୱାସ ମାରିଲା ।■



ବଛଦା, ବାସୁଦେବପୁର, ଭଦ୍ରକ
ମୋ- ୯୪୩୭୭୯୬୬୨୧


## ଆମ ଚିତ୍ର ଗ୍ୟାଲେରୀ





**ସନ୍ଦୀପ୍ତା ଦିବ୍ୟାରାଣୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର




**ସାଇ ସମୀକ୍ଷା ସ୍ୱାଇଁ**
ସପ୍ତମ ଶ୍ରେଣୀ
ନାରାୟଣ ସ୍କୁଲ
କଟକ




**ଅଂଶୁମାନ ସାହୁ**
ଅଷ୍ଟମ ଶ୍ରେଣୀ
ଓଡିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ




**ଅନ୍ୱେଷା ବଳ**
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର




**ସ୍ୱୟଂଶ୍ରୀ ମହାନ୍ତି**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

ଦୁଲୀପ୍ ଟ୍ରଫିରେ ଦାରଙ୍କ ହ୍ୟାଟ୍ରିକ୍

# ଉତ୍ତରାଞ୍ଚଳ ଇନିଂସ ଅଗ୍ରଣୀ



ବେଙ୍ଗାଲୁରୁ,୨୯।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ମିଡିୟମ୍ ପେସ୍ ବୋଲର ଆକ୍ୱିବ ନମି ଦାରଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ଏଠାରେ ପୂର୍ବାଞ୍ଚଳ ସହ ଚାଲିଥିବା ଦୁଲୀପ୍ ଟ୍ରଫି କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ୱିକେଟରକ୍ଷକ କହ୍ନେୟା ୱାଧାୱାନ୍‌ଙ୍କ ୭୬ ଓ ଆୟୁଷ ବଦୋନିଙ୍କ ୬୩ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୪୦୫ ରନ୍ କରିଥିଲା। ପୂର୍ବାଞ୍ଚଳ ପକ୍ଷରୁ ଖେଳୁଥିବା ଝାଡଖଣ୍ଡ ବାମହାତୀ ସ୍ପିନର ମନିଷ ସର୍ବାଧିକ ୬ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ନବିଙ୍କ ଘାତକ ବୋଲିଂ ବଳରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ପୂର୍ବାଞ୍ଚଳ ମାତ୍ର ୨୩୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିରାଟ ସିଂ ସର୍ବାଧିକ ୬୯, କାମଚଳା ଅଧିନାୟକ ରିୟାନ ପରାଗ ୩୯, ଉତ୍କର୍ଷ ସିଂ ୩୮ ଓ ୱିକେଟରକ୍ଷକ କୁମାର କୁଶାଗ୍ର ୨୯ ରନ୍ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଦାର ମାତ୍ର ୧୦.୧ ଓଭର ବୋଲିଂ କରି ୨୮ ରନ୍‌ରେ ସର୍ବାଧିକ ୫ଟି ୱିକେଟ ପାଇଥିଲେ। ହର୍ଷିତ ରାଣା ୨ଟି, ଅର୍ଶଦୀପ ସିଂହ, ମୟଙ୍କ ଡାଗର ଓ ନିଶାନ୍ତ ସିନ୍ଧୁ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

## ■ ଡାନିସ ମାଲେୱରଙ୍କ ଦ୍ୱିଶତକ

ଏଠାରେ ଚାଲିଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳର ଡାନିସ ମାଲେୱର ଦ୍ୱିଶତକ ହାସଲ କରିଛନ୍ତି। ସେ ୨୦୩, ଅଧିନାୟକ ରଜତ ପାଟିଦାର ୧୨୫ ଓ ୟଶ୍ ରାଠୋଡଙ୍କ ଅପରାଜିତ ୮୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦ୍ରାଞ୍ଚଳ ୪ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଉତ୍ତର-ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୧୬୮ ରନ୍ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଙ୍କୁର ମଲିକ ୩୧ ଓ ପାଲଜୋର ତାମଙ୍ଗ ୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଓପନର କାମାଜିତ୍ ୟୁମନାମ ସର୍ବାଧିକ ୪୮, ଆଶିଷ ଥାପ୍ପା ୩୫ ରନ୍‌ର ଉଲ୍ଲେଖନୀୟ ସ୍କୋର କରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଆଦିତ୍ୟ ଠାକ୍‌ରେ ୩ଟି ଓ ହର୍ଷ ଦୁବେ ୨ଟି ୱିକେଟ ଅକ୍ତିଆର କରିଥିଲେ।

# ୧୩ରେ ରୋହିତଙ୍କ ଫିଟ୍‌ନେସ୍ ପରୀକ୍ଷା

ମୁମ୍ବାଇ,୨୯।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ରୋହିତ ଶର୍ମାଙ୍କର ଫିଟନେସ୍ ଟେଷ୍ଟ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ସେପ୍ଟେମ୍ବର ୧୩ରେ ହେବ। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପୂର୍ବରୁ ସେ ଓ ବିରାଟ କୋହଲି ଦଳକୁ ଫେରିବେ ବୋଲି ଆଶା କରାଯାଉଛି। ଏଣୁ ୧୩ରେ ତାଙ୍କର ନିୟମିତ ହେଉଥିବା ୟୋ ୟୋ ଏବଂ ଏବେ ବ୍ରୋଙ୍କୋ ଟେଷ୍ଟ ଦେବେ ବୋଲି ଜଣାଯାଇଛି। ଉଭୟ ଖେଳାଳି ଅଷ୍ଟ୍ରେଲିଆ-ଏ' ସହ କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ୫ରେ ଖେଳାଯିବାକୁ ଥିବା ଦିନିକିଆ ମ୍ୟାଚ୍‌ରେ ଖେଳିବେ। ଏହା ପରେ ଅଷ୍ଟ୍ରେଲିଆ ସିନିୟର ଦଳ ସହ ଭାରତ ସୀମିତ ଓଭର ସିରିଜ୍ ଖେଳିବାକୁ ଯିବ। ଏହା ପୂର୍ବରୁ ଦୁଇ ବରିଷ୍ଠ ଖେଳାଳିଙ୍କୁ ଫିଟ୍ କରାଇବା ଏବଂ ଅଭ୍ୟାସ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଦେବାକୁ ଏଭଳି ନିଷ୍ପତ୍ତି ହୋଇଛି। ଅକ୍ଟୋବରରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ଶୁକ୍ଲା ବିସିସିଆଇର କାମଚଳା ସଭାପତି

ମୁମ୍ବାଇ,୨୯।୮ (ଏଜେନ୍ସି): ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ବିସିସିଆଇର କାମଚଳା ସଭାପତି ଭାବେ ନିଯୁକ୍ତ କରାଯାଇଛି। ବର୍ତ୍ତମାନର କ୍ରୀଡ଼ା ନିୟମ ଅନୁଯାୟୀ ସଭାପତି ଥିବା ରୋଜର ବିନ୍ନିଙ୍କୁ ୭୦ ବର୍ଷ ପୁରିଯିବାରୁ ସଭାପତି ପଦ ଛାଡ଼ିବାକୁ ବାଧ ହୋଇଛନ୍ତି। ଶୁକ୍ଲା ଏହି ପଦରେ ବିସିସିଆଇର ପରବର୍ତ୍ତୀ ନିର୍ବାଚନ ଯାଏ ବା ଆସନ୍ତା ସେପ୍ଟେମ୍ବର ମାସଯାଏ ରହିପାରିବେ। ଏବେ ସରକାର ଆଣିଥିବା କ୍ରୀଡ଼ାନୀତି ଅନୁଯାୟୀ ବିନ୍ନିଙ୍କୁ ୭୦ ବର୍ଷ ପୁରିଯାଇଥିଲେ ମଧ୍ୟ ସଭାପତି ହୋଇପାରିବେ। କିନ୍ତୁ ନିର୍ବାଚନ ବେଳକୁ ନୂଆ କ୍ରୀଡ଼ାନୀତି ପ୍ରଣୟନ ହୋଇଥିବା ଆବଶ୍ୟକ।

ଏସିଆ କପ୍ ପୁରୁଷ ହକି

# ଚୀନ୍‌କୁ ହରାଇ ଭାରତ ବିଜୟୀ

ରାଜଗିର,୨୯।୮ (ଏଜେନ୍ସି)

ଅଧିନାୟକ ତଥା ଡ୍ରାଗ୍ ଫ୍ଲିକର ହରମନପ୍ରୀତ୍ ସିଂହଙ୍କ ହ୍ୟାଟ୍ରିକ ଗୋଲ ବଳରେ ଜାତୀୟ କ୍ରୀଡ଼ା ଦିବସରେ ଆରମ୍ଭ ହୋଇଥିବା ଏସିଆ କପ୍ ହକିରେ ଚୀନ୍‌କୁ ୪-୩ ଗୋଲରେ ପରାସ୍ତ କରି ଭାରତ ବିଜୟ ଅଭିଯାନ ଆରମ୍ଭ କରିଛି। ବିହାର ସ୍ପୋର୍ଟ୍ସ ୟୁନିଭର୍ସିଟି ହକି ଷ୍ଟାଡିୟମ୍‌ରେ ଗୁରୁବାର ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ହରମନପ୍ରୀତ୍ ୩ଟି ଗୋଲ ଦେଇଥିଲେ। ଅନ୍ୟ ଗୋଲଟି ଜୁଗରାଜ ସିଂହଙ୍କ ଷ୍ଟିକ୍‌ରୁ ଆସିଥିଲା। ଚୀନ୍ ପକ୍ଷରୁ ଶେଷ ମୁହୂର୍ତ୍ତରେ ଲଢୁଆ ପ୍ରତ୍ୟାବର୍ତ୍ତନ ହୋଇଥିଲେ ମଧ୍ୟ ଭାରତର ରକ୍ଷଣଭାଗ ଶେଷ ପର୍ଯ୍ୟନ୍ତ ଆଉ ଗୋଲ ହେବାକୁ ଦେଇ ନ ଥିଲେ। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଅପରାହ୍ଣରେ ଜାପାନ ସହ ଖେଳିବ। ଗୁରୁବାର ଖେଳାଯାଇଥିବା ଅନ୍ୟ ୩ଟି ମ୍ୟାଚ୍‌ରେ ଜାପାନ ୭-୦ ଗୋଲରେ କାଜାଖସ୍ଥାନକୁ, ମାଲେସିଆ ୪-୧ ଗୋଲରେ ବାଂଲାଦେଶକୁ ଓ ଦକ୍ଷିଣ କୋରିଆ ୭-୦ ଗୋଲରେ ଚାଇନିଜ୍ ତାଇପେଇକୁ ପରାସ୍ତ କରି ପୂରା ପଏଣ୍ଟ ହାସଲ କରିଛି। ଦକ୍ଷିଣ କୋରିଆର ସନ ଡା-ଇନ୍ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି।

ଅନ୍ତର୍ଜାତୀୟସ୍ତରରେ ପ୍ରଭାବ ବିସ୍ତାର କରି ନ ଥିଲେ ମଧ୍ୟ ଭାରତ ବିପକ୍ଷରେ ସର୍ବଦା ଲଢୁଆ ଖେଳିଛି ଚୀନ୍। ତାହାର ଏକ ଉଦାହରଣ ଏଠାରେ ଆଜି ଆରମ୍ଭ ହୋଇଥିବା ଏସିଆ କପ୍‌ରେ ଦେଖିବାକୁ ମିଳିଛି। ଭାରତର ରକ୍ଷଣଭାଗ ଦୁର୍ବଳତାର ସୁଯୋଗ ନେଇ ଚୀନ୍‌ର ଅଗ୍ରଭାଗ ଖେଳାଳିମାନେ ବାରମ୍ବାର ଆକ୍ରମଣ କରି ଘରୋଇ ଦଳକୁ



ଅସ୍ତବ୍ୟସ୍ତ କରିପକାଇଥିଲେ। ଯାହା ଫଳରେ ଖେଳର ୧୨ତମ ମିନିଟ୍‌ରେ ଡୁ ସିଆଓ ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ଏହି ଗୋଲ ଖାଇବା ପରେ ଭାରତୀୟ ଶିବିରରେ ଛନକା ପସିଥିଲା ଓ ୧୮ତମ ମିନିଟ୍‌ରେ ଭାରତ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଗୋଲ ଦେଇ ଖେଳକୁ ୧-୧ରେ ସମାନ ସ୍ଥିତିକୁ ନେଇଯାଇଥିଲେ। ଏହା ପରେ ଦୁଇଟି ପେନାଲଟି କର୍ଣ୍ଣରରୁ ହରମନପ୍ରୀତ୍ ସିଂହ ଦୁଇଟି ଗୋଲ ଦେବା ପରେ ଭାରତ ୩-୧ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷବେଳକୁ ଚୀନ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଚେନ୍ ବି ଗୋଲ ଦେଇ ଗୋଲ ବ୍ୟବଧାନକୁ ୩-୨କୁ କମାଇ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଚୀନ୍ ଦଳ ଅଧିକ ଆକ୍ରମଣାତ୍ମକ ହୋଇ ଖେଳିଥିଲା। ଯାହା ଫଳରେ ପୁଣି ଏକ ପେନାଲ୍ଟି କର୍ଣ୍ଣରରୁ ଗାଓ ଜିଶେଙ୍ଗ ଗୋଲ ଦେଇ ଖେଳକୁ ୩-୩ରେ ସମାନ ସ୍ତରକୁ ନେଇଆସିଥିଲେ। ଏହି ସମୟରେ ଭାରତ ମଧ୍ୟ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ତୃତୀୟ କ୍ୱାର୍ଟରରେ ସମର୍ଥ ହୋଇ ନ ଥିଲା। ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଚୀନ୍ ରକ୍ଷଣଭାଗର ଏକ ଫାଉଲକୁ ଭାରତକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର। ଅଧିନାୟକ ହରମନପ୍ରୀତ୍ ଏହାକୁ ଗୋଲରେ ପରିଣତ କରି ଭାରତକୁ ୪-୩ରେ ଆଗୁଆ କରିଥିଲେ। ଚୀନ୍‌ର ପ୍ରବଳ ଆକ୍ରମଣ ଓ ପେନାଲ୍ଟି କର୍ଣ୍ଣରକୁ ପ୍ରତିହତ କରିଥିଲେ ଭାରତୀୟ ଖେଳାଳି। ଏହି ସମୟରେ ବିପଜ୍ଜନକ ଖେଳ ଲାଗି ଜରମନପ୍ରୀତ୍ ସିଂହଙ୍କୁ ହଳଦିଆ କାର୍ଡ ମିଳିଥିଲା। ଏସବୁକୁ ମୁକାବିଲା କରି ଭାରତ ଏହି ମ୍ୟାଚ୍‌କୁ ୪-୩ ଗୋଲରେ ଜିତିନେଇଥିଲା। ଏହି ମ୍ୟାଚ୍‌ରେ ସମସ୍ତ ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର ହୋଇଥିଲା। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ ଜାପାନ ୭-୦ ଗୋଲରେ ସହଜରେ ହରାଇଥିଲା।

### ସନ୍‌ଙ୍କ ହ୍ୟାଟ୍ରିକ, କୋରିଆର ଜିତ୍

ସକାଳେ ଖେଳାଯାଇଥିବା ଗ୍ରୁପ୍-ବି'ର ପ୍ରଥମ ମ୍ୟାଚ୍‌ରେ ମାଲେସିଆ ୪-୧ ଗୋଲରେ କାଜାଖସ୍ତାନକୁ ପରାସ୍ତ କରିଥିଲା। ମାଲେସିଆ ଆଗରେ ପ୍ରତିଦ୍ୱନ୍ଦ୍ୱୀ ଦଳ ତିଷ୍ଠି ପାରି ନ ଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ଙ୍କ ହ୍ୟାଟ୍ରିକ ଯୋଗୁ ଦକ୍ଷିଣ କୋରିଆ ୭-୦ ଗୋଲରେ ଚାଇନିଜ୍ ତାଇପେକୁ ହରାଇଥିଲା। ଦଳ ପକ୍ଷରୁ ୟାଙ୍ଗ୍ ମଧ୍ୟ ୨ଟି ଗୋଲ ସ୍କୋର କରିଥିଲେ।

ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

# ହୃଦାନନ୍ଦଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର,୨୯।୮ (ସମିସ): ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଭାଗନେଇଥିବା ଏକମାତ୍ର ପୁରୁଷ ଓଡ଼ିଆ ପ୍ରତିଯୋଗୀ ହୃଦାନନ୍ଦ ଦାସ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ କନିଷ୍ଠ ୮୮ କେଜି କାଟାଗୋରୀର ସ୍ନାଚ୍‌ରେ ୧୩୯, କ୍ଲିନ୍ ଆଣ୍ଡ ଜର୍କରେ ୧୭୮ ଓ ମୋଟରେ ୩୧୭ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ଫଳରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ୬ଜଣ ଓଡ଼ିଆଙ୍କ ମଧ୍ୟରୁ ୫ଜଣ ପଦକ



ଜିତିବାରେ ସମର୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଢେଙ୍କାନାଳର ଦୁଇ ଭଉଣୀ ପ୍ରୀତିସ୍ମିତା ଓ ବିଦୁସ୍ମିତା ଭୋଇ ସ୍ୱର୍ଣ୍ଣପଦକ, ମିନା ସାନ୍ତା-ଏ' ସ୍ୱର୍ଣ୍ଣପଦକ ଓ ସ୍ନେହା ସୋରେନ୍ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ଓଡ଼ିଆ ଭାରୋତ୍ତୋଳକମାନେ ବିଭିନ୍ନ କାଟାଗୋରୀରେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ଭାରତ ଖାତାରେ ଯୋଡିବାରେ ସମର୍ଥ ହୋଇଛନ୍ତି। ଏମାନେ ସମସ୍ତେ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ତୃତୀୟ ରାଉଣ୍ଡରେ ସିନ୍ନର, ସ୍ୱିଆଟେକ୍

ନ୍ୟୁୟର୍କ,୨୯।୮ (ଏଜେନ୍ସି): ଏଠାରେ ଚାଲିଥିବା ୟୁଏସ୍ ଓପନ ଟେନିସ ପ୍ରତିଯୋଗିତାର ୫ମ ଦିନ ସୁଦ୍ଧା ସମସ୍ତ ଦ୍ୱିତୀୟ ରାଉଣ୍ଡ ଖେଳ ଶେଷ ହୋଇଛି। ଏହା ପରେ ତୃତୀୟ ରାଉଣ୍ଡରେ ଟପ୍ ସିଡ୍ ଜାନିକ ସିନ୍ନରଙ୍କ ସହ ୨୭ ନମ୍ବର ସିଡ ଡିନିଲ ସାପୋଭାଲୋଭଙ୍କର ମୁକାବିଲା ହେବ। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଇଟାଲୀର ସିନ୍ନର ୬-୩, ୬-୨, ୬-୨ରେ ଅଷ୍ଟ୍ରେଲିଆର ଆଲେକ୍ସେଇ ପପିରିନ୍‌ଙ୍କୁ ପରାସ୍ତ କରିଥିଲେ। ଚଳିତବର୍ଷ ଶେଷ ହୋଇଥିବା ସମସ୍ତ ୩ଟି ଯାକ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିବା ସିନ୍ନର ଏହାକୁ ମିଶାଇ ୨୩ତମ ବିଜୟ ହାସଲ କରିଛନ୍ତି। ଅଷ୍ଟ୍ରେଲିଆନ ଓପନ ଓ ୱିମ୍ବଲଡନରେ ଚାମ୍ପିଅନ ହୋଇଥିବା ସିନ୍ନର ଫ୍ରେଞ୍ଚ ଓପନ ଫାଇନାଲରେ କାର୍ଲୋସ ଆଲକାରାଜଙ୍କଠାରୁ ପରାଜିତ ହୋଇଥିଲେ। ଏବେ ତୃତୀୟ ରାଉଣ୍ଡରେ ସେ କାନାଡାର ସାପୋଭାଲୋଭଙ୍କୁ ଭେଟିବେ। ସେହିପରି ଦ୍ୱିତୀୟ ରାଉଣ୍ଡରେ



ଜାନିକ ସିନ୍ନର

ବିଜୟୀ ହୋଇଥିବା ଖେଳାଳିଙ୍କ ମଧ୍ୟରେ ତୃତୀୟ ସିଡ୍ ଆଲେକଜାଣ୍ଡର ଜ୍ୱେରେଭ୍, ଷଷ୍ଠ ସିଡ୍ ବେନ୍ ଶେଲଟନ, ୮ମ ସିଡ୍ ଆଲେକ୍ସ ଡି ମିନାଉର, ୧୦ମ ସିଡ୍ ଲୋରେଞ୍ଜୋ ମୁସେଟୀ, ୧୪ତମ ସିଡ୍ ଟମି ପଲ ଓ ୧୫ତମ ସିଡ୍ ଆନ୍ଦ୍ରେ ରୁବ୍‌ଲେଭ୍ ପ୍ରମୁଖ ବିଜୟ ହାସଲ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ୯ମ ସିଡ୍ କାରେନ ଖାଚାନୋଭ୍ ଓ ୫ମ ସିଡ୍ ଜେକ୍ ଡ୍ରେପର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତୃତୀୟ ରାଉଣ୍ଡରେ ରୁବଲେଭଙ୍କ ସହ ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିସିଆମେ, ନୋଭାକ ଜୋକୋଭିଚ୍‌ଙ୍କ ସହ କାମେରନ ନୋରୀ, ଫ୍ରିଜ୍‌ଙ୍କ ସହ ଜେରୋମ କିମ୍, ଡି ମିନାଉରଙ୍କ ସହ ଡାନିଏଲ ଅଲଟମାଏର ପ୍ରି-କ୍ୱାର୍ଟର ଫାଇନାଲ ଲାଗି ମୁକାବିଲା କରିବେ।

## ■ ପେଗୁଲା, ପାଓଲିନ୍ ତୃତୀୟ ରାଉଣ୍ଡରେ



ଇଗା ସ୍ୱିଆଟେକ୍

ମହିଳା ବିଭାଗ ଏକକରେ ଦୁଇ ଟପ୍ ସିଡ ଆରିନା ସାବାଲେଙ୍କା ଓ ଇଗା ସ୍ୱିଆଟେକ୍ କିଛିଟା ସଂଘର୍ଷ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତୃତୀୟ ରାଉଣ୍ଡରେ ସାବାଲେଙ୍କାଙ୍କ ସହ ଲିଲା ଫର୍ଣ୍ଣାଣ୍ଡିଜ୍, ଦ୍ୱିତୀୟ ସିଡ ଇଗା ସ୍ୱିଆଟେକଙ୍କ ସହ ଆନ୍ନା କଲିନସ୍କୟା, ତୃତୀୟ ସିଡ କୋକୋ ଗଫ୍‌ଙ୍କ ସହ ୨୮ ନମ୍ବର ସିଡ୍ ମାଗଡାଲେନା ଫ୍ରେକ୍, ଚତୁର୍ଥ ସିଡ୍ ଜେସିକା ପେଗୁଲାଙ୍କ ସହ ଭେଟେରାନ ଭିକ୍ଟୋରିଆ ଆଜରେଙ୍କାଙ୍କର ମୁକାବିଲା ହେବ। ଅନ୍ୟ ପ୍ରମୁଖ ସିଡେଡ ଖେଳାଳିଙ୍କ ମଧ୍ୟରେ ନାଓମି ଓସାକା, କାରୋଲିନା ମୁଚୋଭା, ୮ମ ସିଡ ଆମାଣ୍ଡେ ଆନିସିମୋଭା, ୧୫ତମ ସିଡ୍ ଡାରିଆ କାସତକିନା, ୭ମ ସିଡ୍ ଜଷ୍ଟିନ୍ ପାଓଲିନ୍, ୯ମ ସିଡ୍ ଏଲେନା ରିବାକିନା ମଧ୍ୟ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଗତକାଲିଠାରୁ ମହିଳା ଯୁଗଳ ବିଭାଗରେ ଖେଳ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡ ଖେଳରେ ଟପ୍ ସିଡ୍ କାଟେରିନା ସିନିଆକୋଭା ଓ ଟେଲର ଟାଉନସେଣ୍ଡ, ଦ୍ୱିତୀୟ ସିଡ୍ ଜସ୍ମିନ ପାଓଲିନ୍ ଓ ସାରା ଏରାନି, ତୃତୀୟ ସିଡ୍ ଗାବ୍ରିଏଲା ଡାବ୍ରୋୱସ୍କି ଓ ଏରିନ୍ ରୁଟଲାଇଫ୍, ଚତୁର୍ଥ ସିଡ୍ ଏଲିସେ ମେର୍ଟେନ୍ସ ଓ ଭେରୋନିକା କୁଦରମେଟୋଭା ପ୍ରଥମ ରାଉଣ୍ଡରେ ସହଜ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଜିଠାରୁ ପୁରୁଷ ଯୁଗଳ ବିଭାଗରେ ମ୍ୟାଚ୍ ଖେଳାଯିବ। ଏଥିରେ ଭାରତୀୟ ଯୋଡି ଏନ୍ ବାଲାଜୀ ଓ ଆର୍ ବୋଲିପାଲି, ରୋହନ ବୋପନ୍ନା, ୟୁକି ଭାମ୍ବ୍ରୀ ଓ ଅର୍ଜୁନ ଖାଡେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ।


ଜାତୀୟ କ୍ରୀଡ଼ା ଦିବସ

# ଅନିମେଶ, ରାଖାଲଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୯।୮ (ସମିସ)

ହକି ଯାଦୁଗର ମେଜର ଧ୍ୟାନ ଚାନ୍ଦଙ୍କ ୧୨୦ତମ ଜନ୍ମ ବାର୍ଷିକୀ ଅବସରରେ ଶୁକ୍ରବାର ସାରା ଦେଶରେ ପାଳିତ ହୋଇଯାଇଛି 'ଜାତୀୟ କ୍ରୀଡ଼ା ଦିବସ'। ଏହି ଅବସରରେ ପ୍ରତିବର୍ଷ ଭଳି ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ରାଜ୍ୟର ସର୍ବଶ୍ରେଷ୍ଠ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏକ ଉତ୍ସବରେ ୮ ଜଣ ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା। ବର୍ଷ ୨୦୨୪ ଲାଗି କ୍ରୀଡ଼ାର ବିଭିନ୍ନ କ୍ଷେତ୍ରରେ ଏସମସ୍ତେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରିଥିଲେ।



## ବିଜୟ ଶତପଥୀଙ୍କୁ ଆଜୀବନ ସାଧନା ସମ୍ମାନ

ଉଲ୍ଲେଖନୀୟ ସଫଳତା ଲାଗି ଦେଶର ଦ୍ରୁତତମ ଧାବକ ଅନିମେଶ କୁଜୁରଙ୍କୁ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦକୁ ଟ୍ରଫି ଓ ମାନପତ୍ର ସହ ତାଙ୍କୁ ୩ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଅନିମେଶ ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି। ଗତ ଦୁଇବର୍ଷ ଧରି ସେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକାଧିକ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଛତିଶଗଡ଼ର ଏହି ଉଦୀୟମାନ ଧାବକ ବେଶ୍ କିଛି ବର୍ଷ ଧରି କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଛନ୍ତି। ସେହିଭଳି ବର୍ଷର ଶ୍ରେଷ୍ଠ କନିଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି ସାତ୍ତ୍ୱିକ ସ୍ୱାଇଁ। ଗତ ଜୁନରେ ଅନୁଷ୍ଠିତ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍‌ରେ ସାତ୍ତ୍ୱିକ ଚାମ୍ପିଅନ ହୋଇ ଇତିହାସ ରଚିଥିଲେ। ରାଖାଲ କୁମାର ସେଠୀ ବର୍ଷର 'ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍' ପୁରସ୍କାର ହାସଲ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଅବଦାନ ଲାଗି ବିଜୟ ଶତପଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଅସୁସ୍ଥତା ଯୋଗୁ ତାଙ୍କ ପୁଅ ସୋମନାଥ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ବର୍ଷର ଶ୍ରେଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ସୁଷମା ନନ୍ଦଙ୍କୁ ମିଳିଥିଲା। ଦୀର୍ଘ ବର୍ଷ ଧରି ସେ କଳିଙ୍ଗ ଷ୍ଟାଡିୟମସ୍ଥିତ ଛାତ୍ରାବାସରେ ଭଲିବଲ୍ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି 'ପ୍ରମେୟ'ର ବିମଳ କୁମାର ରାଉଳଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାର ପ୍ରଚାର ଓ ପ୍ରସାର ଲାଗି ପ୍ରଦ୍ୟୁମ୍ନ ମିଶ୍ର ଓ ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ଡାକ୍ତର ସୁଦୀପ ଶତପଥୀଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ଦିଆଯାଇଥିଲା। ପ୍ରଦ୍ୟୁମ୍ନ ବର୍ତ୍ତମାନ ରାଜ୍ୟ ଖୋ ଖୋ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଏହାବାଦ୍ ଦୁଇଜଣଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। କଟକର ଜୀବନ କୁମାର ବେହେରା ଓ ନୟାଗଡ଼ର ଚିତ୍ତରଞ୍ଜନ ପ୍ରଧାନ ଯୁଗ୍ମ ଭାବେ ଏହି ପୁରସ୍କାର ପାଇଥିଲେ।

ବିମଳ ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ

# ନିରାଶ କଲେ ନୀରଜ



ଜୁରିଚ, ୨୯।୮ (ଏଜେନ୍ସି): ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଡାଏମଣ୍ଡ ଲିଗ୍ ଫାଇନାଲ ଗୁରୁବାରଠାରୁ ସୁଇଜରଲାଣ୍ଡର ଜୁରିକରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଥିବା ଇଭେଣ୍ଟ ଗୁଡ଼ିକ ମଧ୍ୟରେ ପୁରୁଷ ଜାଭେଲିନ ଥ୍ରୋ ରହିଥିଲା। ଏଥିରେ ଦୁଇଥରର ଅଲିମ୍ପିକ ପଦକ ବିଜେତା ଭାରତୀୟ ତାରକା ନୀରଜ ଚୋପ୍ରା ନିରାଶ କରିଛନ୍ତି। ଛ' ରାଉଣ୍ଡ ବିଶିଷ୍ଟ ଥ୍ରୋ'ରେ ସେ ୮୫.୦୧ ମିଟର ଥ୍ରୋ ସହ ୨ୟ ସ୍ଥାନରେ ରହିଛନ୍ତି। ନୀରଜ ତାଙ୍କ ଶେଷ ତଥା ୬ଷ୍ଠ ପ୍ରୟାସରେ ଏହି ଦୂରତା ହାସଲ କରିଥିଲେ। ସେ ବାରମ୍ବାର ଫାଉଲ କରିଥିଲେ। ଏଥିରେ ଜର୍ମାନୀର ତାରକା ଥ୍ରୋୟର ଜୁଲିଏନ ୱେବର ୯୧.୫୧ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହ ଡାଏମଣ୍ଡ ଟ୍ରଫି ଜିତିଥିଲେ। ତ୍ରିନିଦାଦ ଓ ଟବାଗୋର କେଶି ୱାଲକଟ୍ଟ ୮୪.୯୫ ମିଟର ସହ ତୃତୀୟ ସ୍ଥାନ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ, ନୀରଜ ଏଠାରେ ୨୦୨୨ରେ ପ୍ରଥମ ସ୍ଥାନରେ ରହି ଡାଏମଣ୍ଡ ଟ୍ରଫି ହାସଲ କରିଥିଲେ।

REQUIREMENT OF VOCATIONAL TRAINERS IN ODISHA
Bhagini Nivedita Shiksha Samiti

**Bhagini Nivedita Shiksha Samiti, Bhopal** Partner of NSDC, invites application for the role of **Vocational Trainer & Vocational Coordinator on Contractual basis** under **CSS-VHSE Program (NSQF)** in Odisha. **Candidates must be Odisha domicile.**

| Sector & Post | Qualification for Vocational Trainer |
| --- | --- |
| Apparel (14) | PG in Textile and Clothing or Relevant Area. **With** 1 year work/teaching experience in Textile and Clothing. |
| Beauty & Wellness (12) | Diploma in Cosmetology/Beauty Therapy/ Beauty Culture from a recognized Institution **with** Minimum 1 Year Experience in the profession. |
| Organised Retail (39) | Graduate or Diploma in Retail Management, P.G. Diploma in Marketing with at least 50% marks **with** 1 year work/teaching experience. |
| Tourism & Hospitality (37) | Diploma/Degree in Hotel Management from a recognized Institute /University **with** 5 yrs work/teaching experience in Food and Beverage service including one year as supervisory capacity in a classified Hotel. |
| Power (01) | B. Tech/Diploma in Electrical Engineering from a recognized Institute/University **with** 1-3 year work/teaching experience |

**Qualification for Vocational Coordinator:-** PG (Master's Degree in Related Domain / Rural Development / Management / MSW / Sociology. **With** 3 Year Experience in Skill/Education Sector

**Age Limit:** 18 to 45 Years (Age relaxation to be provided as per Govt. rules)

**Gross salary 20000/- per month for Vocational Trainers and Rs. 30000/- per month for Vocational Coordinator inclusive of all applicable deduction**

**How to apply :- Eligible candidates can submit applications by scanning QR code or given Google Form Link https://forms.gle/PwMBNmRGRK6iffBk9 from 29-08-2025 to 04-09-2025 till 6 PM. Application accepted on link or QR Code only.**
**For Queries call between 11 AM to 05 PM - +917974047935, +919352849238**

Scan QR for Apply

*Short listed candidates will be intimated within short notice for Interview through email. For more information contact above given number.*
This is not a Govt. Job Management reserve the rights to accept or reject any application.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS